

# ରୂପର ଅତିଥି

## ଉପହାର

ଶ୍ରୀଯୁକ୍ତ
_______________________________________ ଙ୍କ
ଶ୍ରୀଯୁକ୍ତା

କର କମଳରେ

ଭକ୍ତିର
ସ୍ନେହର ଚିହ୍ନ ସ୍ୱରୂପ ଅର୍ପିତ ହେଲା ।

ସ୍ୱାକ୍ଷର

ତାରିଖ.................

ଓଡ଼ିଶା ସଂଗୀତ ନାଟକ ... 
ନଂ 223
ତା 17 JUL 19..
ଗ୍ରନ୍ଥାଗାର

## ଏକ

ରୂପର ଦୁନିଆ । ଦିନରାତି ଲାଗିଛି ରୂପର ଖେଳ । ରୂପ ଯେଉଁଠି ରୂପପାୟୀ ସେଇଠି । ସେ ମାନେନାହିଁ ଘରର ନିଭୃତ କୋଣ, ବାରନାରୀର ବାରିତ ଦ୍ୱାର ।

ସୁନ୍ଦର ରୂପନେଇ ସଂସାରୀ ଖେଳେ ଖେଳ । ସୁନ୍ଦର ମନନେଇ ମୁଁ ଗଢ଼େ ମୋର ସଂସାର । ସୁନ୍ଦର ରୂପର ମୋହରେ ପଡ଼ି ବଜାରର ଝରାଫୁଲ ମୂଲାଇବା ପାଇଁ ଧାଆନ୍ତି ଅନେକେ, ରୂପ ସରେ, ଖେଳ ଭାଙ୍ଗେ । ମ.ଣ ବାରି ବଗିଚାର ଫୁଲଟିରେ ଥାଏ ମୋର ମନ । କେହି ସେ ଅଡ଼କୁ ଅନାନ୍ତି ନାହିଁ, ହସି ଚାଲିଯାନ୍ତି, ତଥାପି ସେ ସବୁବେଳେ ଥାଏ ସଜ ଓ ସୁନ୍ଦର । ଏହାପରେ ଭାବୁଭାବୁ ଫୁଲ ଆଗରେ ଠିଆହୋଇ ହସିହସି କହିଲି—

ଖଟତଳେ ପାଣି ଝୋବା
ନୂଆ ଝିଅ ନାହିଁ          କି ବୋଲି ଡାକିବ
ଭାତ ଭୁଞ୍ଜ ଫୁଲ ଗଭା ।

'ଖାଇବାକୁ ବାଢ଼ି ସାରିଲିଣି ଭାତ ଶୁଖିଯିବ, ଆସ ।'

'ଚାଲ, ଫୁଲ ଯାଉଛି ।'

ସାଧୁଆ ଖାଇବସିଛି । ଫୁଲ ପାଖରେ ବସିରହି ବାଞ୍ଛୁଛି । ମୋଟା ଚୁଉଳର ଗରମ ଭାତ; ଡାଲି ଓ ଶାଗ ଟିକିଏ । ଏଇ ପ୍ରାୟ ତାହାର ନିତ ଆହାର, ଆଉ ଅଧିକ କାହୁଁ ପାଇବ ? ଥରକରୁ ଦୁଇଥର ଓ ବେଳେ ବେଳେ ମଧ୍ୟ ତିନିଥର ଯାଏ ଫୁଲ ପାଖରେ ବସି ନାନା ପ୍ରକାର ଗପ କରି ଖୁଆଇଦିଏ । ଆହାରେ ଜନନୀ-ସମା ଫୁଲର ପରଷାରେ ସାଧୁଆର ପେଟ ପୂରିଉଠେ ।

ସାଧୁଆ ପଚାରିଲା, ଫୁଲ ! ମୁଁ କେତେ ବଡ଼ବଡ଼ ବାବୁଙ୍କ ଘରେ କାମ କରିଛି । ଦେଖିଛି ଭଗବାନ ତାଙ୍କୁ କଣ ଦେଇ-ନାହାନ୍ତି, ତାଙ୍କର ଧନ ଦଉଲତ ଦେଖିଲେ ଆଖି ଝଲସି ଯାଏ । ଖାଇବାବେଳକୁ କଣ ଯେ କେତେ ଆସେ ମୁଁ ଜାଣି ପାରେ-ନାହିଁ । ଘିଅ, ଦୁଧ, ମାଛ ମାଂସର ତ କଥା ଅଭାବ ନାହିଁ । ଏ ମୋଟା ଚୁଉଳ ସେ ଘରେ ସବୁ ପଶେ ନାହିଁ । ତାଙ୍କର ଚାକରମାନେ ଯାହା ଖାଆନ୍ତି ତା ଆମକୁ ସାତସପନ । ଟେବୁଲ ପଡ଼ିଥିବ, ଚଉକି ପଡ଼ିଥିବ, ଚାକର ଡାକକୁ ଅନାଇ ଦୁଆର ପାଖରେ ଠିଆ ହୋଇଥିବ, ପୁଷ୍ଟାଣି ଆସି ପରଷୁଥିବେ, କିନ୍ତୁ ବାବୁମାନେ କାଉ ଚୁମ୍ବା ମାଇଲାପରି ଏଥିରୁ ଥରେ ସେଥିରୁ ଥରେ ଖାଇ ଉଠନ୍ତି, ଆମେ ଯାହା ଥରକେ ଖାଉଛେ ସେ ତାଙ୍କର ଚାରିଥରର ଆହାର । ସେଇଥିପାଇଁ ଦେହରେ ବଳ ଧରେନି – ଆମପରି ସେମାନେ ଖଟି ପାରନ୍ତିନାହିଁ ।

ପାଖରେ ବାବୁଆଣୀ କଣ ନଥାନ୍ତି ? ଫୁଲ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

'ହଁ ସେମାନେ ଯେ ବାବୁଆଣୀ । ପଇସା ଅଛି, ପୁଷ୍ଟାଣି ରଖିଛନ୍ତି । ବାବୁଙ୍କୁ ବାବୁଆଣୀଙ୍କ କଥା ବା ବାବୁଆଣୀଙ୍କୁ ବାବୁଙ୍କ କଥା ବୁଝିବାକୁ ବେଳ କାହିଁ ?'

ତେବେ ମାଇପିମାନେ କଣ କେବଳ ବସିବାକୁ ଶୋଇବାକୁ ଘରେ ଥାନ୍ତି ? ଯଦି ସେମାନେ ଖାଇବା ନ ବୁଝନ୍ତି, ଦୁଃଖୀ ଯେ ସତ ପର, ସେ କାହିଁ ବୁଝିବ ?'

ନାଇମ ଫୁଲ, ବାବୁମାନେ କୁଆଡ଼େ ଅଳପ ଖାଆନ୍ତି, କି ଅଳପ ଖାଇଲେ ବାବୁ ହୁଅନ୍ତି, ମୁଁ ଠିକ୍ କହି ପାରିବିନି । ସେମାନେ ଆମ ଝିଅପିଆ ଦେଖିଲେ ଥଟ୍ଟା କରନ୍ତି, କିଏ ବେଶୀ ଗଣ୍ଡିଏ ଭାତ ଖାଇବାର ଦେଖିଲେ କହନ୍ତି 'ହଳିଆଙ୍କପରି ବିଲେଇ ଡେଇଁ ପାରିବନି ଥାଳିଏ ଭାତ ଖାଉଛି ।'

'ସତକଥା ଗରିବ ଘରେ ଭୋକ ବେଶୀ, ନଥିଲା ଘରେ ପିଲାଏ ଦିନରାତି ଖାଇବାକୁ ଠାଉ ଠାଉ ହେଉଥାନ୍ତି; ଥିଲାଘରେ ଗେଡେଇଲେ ବି ପିଲାଏ ଖାଆନ୍ତି ନାହିଁ; ତା'ତ ଭଗବାନ କରିଛନ୍ତି । ତେବେ ସେମାନେ ତ କାହାର ଦୁଃଖ ଦେଖି ଦୟାକରି କାହାକୁ ଖାଇବାକୁ ଦିଅନ୍ତି ନାହିଁ, ଏପରି କହନ୍ତି କାହିଁକି ? ସଂସାରରେ ଖାଇବାର ଅଭାବ ନାହିଁ, ମାତ୍ର ପିଲା କାହାକୁ ମିଳେ ? ମା ଡାହାଣୀ ତାର ପିଲାକୁ ଆହାର ଦିଏ । ତା ପିଲାପାଇଁ ଆହାର ଗୁରୁଆଡେ ମେଲା, ତାର ଘିଅ ଦୁଧ ଦରକାର ନାହିଁ । ସ୍ନେହରେ ଛୁଆକୁ କୋଳରେ ବସାଇ ନିମ୍ବପତ୍ର ବି ଭଜା ଖାଇବାକୁ ଦେଲେ ମା'ର ହାତଲାଗି ସେ ହୋଇଯାଏ ଅମୃତ; ଛୁଆ ଖାଏ ପେଟଭରି ।'

ଏହିପରି କଥାବାର୍ତ୍ତା ହେଉ ହେଉ ସାଧୁଆ ଖାଇସାରିଲା । ସେ ହାତ ଧୋଇବା ଭିତରେ ଫୁଲ କନ୍ଥାଖଣ୍ଡ ପାରି ଦେଇଥାଏ । ସାଧୁଆ ହାତ ଧୋଇ ଶୋଇବାକୁ ଗଲା, ଫୁଲ ବାହିଁଦେଲା, ଘଷିଦେଲା; ସାଧୁଆକୁ ନିଦ ଲାଗିବାରୁ କବାଟଟି ଅଳପ ଆଉଜାଇ ଦେଇ ଚାଲି ଆସିଲା ।

ରବିବାର, କାରଖାନା ବନ୍ଦ । ଛୁଟି, ବିଶ୍ରାମର ଦିନ । ଆଜି ଆଉ କାମରୁ ଫେରି ଶୁଖିଲା ମୁହଁ ସେ ଦେଖିବାକୁ ପାଇନି । ସ୍ୱାମୀ ତାର ନିଶ୍ଚିନ୍ତରେ ଶୋଇଯାଇଛି । ଫୁଲର ମନରେ କେତେ ଖୁସି, କେତେ ଆନନ୍ଦ ।

ପ୍ରତିଦିନ ଘରର କାମ ସରିବା ପରେ ଫୁଲ ଯାଏ ପୋଖରୀକୁ । ଘଣ୍ଟାକର ବାଟ ତାର ଦିଘଣ୍ଟା । ବଡ଼ ଖରଖରି, ବାଟରେ ଯାଉ ଯାଉ ହଜାର ଲୋକଙ୍କ ସଙ୍ଗେ କଥାବାର୍ତ୍ତା, ଥଟ୍ଟା ତାମସା; କେଉଁଠି ଠିଆହୋଇ ଗପୁଛି ତ ଗପୁଛି । କଥା ନ ସରିଲେ ନ ଉଠେ । ପୋଖରୀ କୂଳରେ ବି ସେଇଆ, କଥା ନ ଥିଲେ ବାରପ୍ରକାର କଥା ଆଣି ଆରମ୍ଭ କରିଦେବ । ସେଇଥିପାଇଁ ସମସ୍ତେ କହନ୍ତି "ଫୁଲ ବାଈ, ଯେଉଁଠି ବସିଛି ସେଇଠି ମଞ୍ଜି" ପ୍ରକୃତରେ ଫୁଲର ସିନା ଆଜି ଦିନ ସରୁନି ବୋଲି ଏଠି ସେଠି ବସି ଉଠି ସମୟ କଟାଇ ଦେଉଛି—ଯଦି ଘରୁ ବାହାରକୁ ଗୋଡ଼ କାଢ଼ିଲା ପରେ କାହାର କଅଁଳ ଛନଛନ ଗୁହାଣି, ଖେଳିବା-ପାଇଁ ଜିନିଷଟିଏ ଲାଗି କାନ୍ଦ, ପୁଣି ପାଇବା ସାଙ୍ଗେ ସାଙ୍ଗେ ଦୁଇଟି ଦାନ୍ତ ମୁହଁରେ ହସ, ଜିନିଷଟିଏ ଧରି ଭାଙ୍ଗିଦେବା ପାଇଁ ଗୁରୁଣ୍ଡି ଗୁରୁଣ୍ଡି ଦଉଡ଼ା, ଗୁଡ଼ୁଗୁଡ଼ୁ ହୋଇ ଏରୁଣ୍ଡି ଡେଇଁ ପିଣ୍ଡା ଦାଢ଼ରେ ଯାଇ ତଳକୁ ଚାହିଁବା, ତାର ଅନ୍ତରରେ ଆଘାତ କରୁଥାନ୍ତା, ସେ କି କେବେ ଏପରି ଭୁଲି ପାରନ୍ତା ?

ଗାଧୋଇସାରି ତୋଳିଥିବା ଫୁଲଯାକ ହାତରେ ଧରି ଯାଏ ଲୋକନାଥଙ୍କ ପାଖକୁ, ବେଢ଼ା ବୁଲାଏ, ଫୁଲ ଚଢ଼ାଏ, ମୁଣ୍ଡିଆମାରି ଫେରେ । ବାଟରେ ଗ୍ରାମଦେବତୀ ମଙ୍ଗଳା ଠାକୁରାଣୀଙ୍କ ଦର୍ଶନ କରେ । ଘରକୁ ଫେରି ପାଟିରେ ଆହାର ଦିଏ । ଗଲା ପାଞ୍ଚବର୍ଷ ହେଲା ଏହିପରି କରୁଛି, ମାତ୍ର ଦିନେ ହେଲେ ସେ ଦେଖିଲାନାହିଁ ଠାକୁରଙ୍କ ଦେହରୁ ଫୁଲଟିଏ

ଖସିବାର । ତଥାପି ଥାଏ ତାର ବିଶ୍ୱାସ, ନିତ ଠାକୁର ଠାକୁରାଣୀଙ୍କ ପାଖକୁ ଯାଏ, ସକାଳେ ଫୁଲ ଚଢ଼ାଏ, ସଞ୍ଜରେ ସଞ୍ଜବତୀ ଜାଳେ ।

ବାରବ୍ରତ, ବାର ଓଷା ଉପାସ ଫୁଲ ପାଖରେ । ଅଶୋକାଷ୍ଟମୀ ଦିନ କେଦାରଗୌରୀ ଜଳରେ ସ୍ନାନଠାରୁ ହଟକେଶ୍ୱରଙ୍କ ପାଖେ ପଙ୍କପାଣିରେ ବୁଡ଼ିବା ପର୍ଯ୍ୟନ୍ତ ସବୁ ସାରିଛି ସେ । ନିର୍ଜଳା ଏକାଦଶୀ, ମାଘ ସୋମବାର କେହି ବାଦ ଯାନ୍ତି ନାହିଁ । ସାଧୁଆ ବୁଝାଏ, ଆଉ ଅନେକ ମଧ୍ୟ ବୁଝାନ୍ତି, "ଫୁଲ, ଯାହାତ ବିଧିଦଥିବ ହେବ, ଦେହକୁ ଏତେ ପୀଡ଼ା ଦେଉଛୁ କାହିଁକି ? ଦେହ ଥିଲେ ସିନା ଯାହା କରିବୁ ।" ଫୁଲ କାହାର କଥା ଶୁଣେନାହିଁ । ମନେମନେ ଭାବେ ମୁଁ ଯଦି ସ୍ତ୍ରୀ ବୋଲି ସଂସାର ଜାଣିଲାନାହିଁ, ମୁଁ କଣ ଜନ୍ମ ହୋଇଥିଲି ସାଧୁଆ ଘରେ ଖାଲି ଖାଇପିଇ ଶୋଇବାକୁ । ପୁଣି ଗୃହିଲେ ତା'ର ବାଟରେ ସେ ।

ଭାଦ୍ରବ ମାସର ବୁଧବାର ଦିନ ବୁଢ଼ିବାବନଙ୍କ ପୂଜାକରେ । ହଳଦି କଉଡ଼ିବୋଳା ଏଇ ଶିଳର ଦାଅଁ ବୁଢ଼ୀ ବେଶରେ ସାଧବ ବୋହୂ କୋଳରେ ଦେଇଥିଲେ ଅପରୂପ ସନ୍ତାନ । ତାଙ୍କର କଲ୍ୟାଣ ଲାଗି, ତାଙ୍କଠାରେ ବିଶ୍ୱାସ ରଖି, ଶୁଦ୍ଧପୂତ ମନରେ, ନିର୍ଜଳ କାଷ୍ଠା ଉପାସ କରେ ଫୁଲ ।

କାହିଁକି ଫୁଲ ପ୍ରାଣକୁ ଏତେ କଷ୍ଟ ଦିଏ ? ବଗ ବଗୁଲି ପରି ଦୁଇପ୍ରାଣୀ ଏକାଠି ରହି ବସୁଛନ୍ତି, ହସୁଛନ୍ତି, ତଥାପି କାହିଁକି ପ୍ରାଣରେ ଏତେ ଦୁଃଖ, ଏତେ କଷ୍ଟ ?

ସନ୍ତାନ ନହେଲେ ପୁରୁଷ କିଛି ଭାବେନାହିଁ, ମାତ୍ର ନାରୀ ବାଞ୍ଝୁଣୀ ହୋଇଯାଏ—ସେ ମୁହଁ ଟେକି ପାରେନାହିଁ, ବାଟ ଚାଲି ପାରେନାହିଁ, ପ୍ରାଣରେ ସଦାବେଳେ ଦୁଃଖ, ସମାଜ ଆଖିରେ ସଦାବେଳେ ଘୃଣ୍ୟ, ମୁହଁ ଚାହିଁବାକୁ ତାର ବି

ଲୋକେ ଅମଙ୍ଗଳ ବୋଲି ଭାବନ୍ତି । ସାଙ୍ଗରେ ସ୍ତ୍ରୀମାନେ କାଖରେ ଛୁଆଧରି ଛାତି ଫୁଲାଇ ଚାଲୁଥିଲାବେଳେ ତାର ଛାତି ଫାଟିଯାଏ । ନାରୀ ଜୀବନରେ ଚାହେଁ ଦୁଇଟି ଜିନିଷ—ଶେଯରେ ସାଥି, କୋଳରେ ସନ୍ତାନ, ଏ ଦୁଇଟି ଥିଲେ ସ୍ୱର୍ଗ ମର୍ତ୍ତ୍ୟର ପ୍ରଭେଦ ସେ ବୁଝେନି, ନିଜ ଛାତିର ସ୍ତନ ଦେଇ ବଢ଼ାଏ ଏ ଦୁହିଁଙ୍କୁ ସେ ।

ସନ୍ତାନ-ପ୍ରସବ କି ଯନ୍ତ୍ରଣାଦାୟକ ! ମାନ୍ ଜାଣିଶୁଣି ନାରୀ ଭଗବାନଙ୍କୁ ବିକଳହୋଇ ଡାକେ, 'ପ୍ରଭୁ ମୋତେ ଜୀବନରେ ଥରେହେଲେ ଏ କଷ୍ଟ ଦିଅ ।' ଏତେ କଷ୍ଟ ନାରୀ ଭୁଲିଯାଏ ଏକ ମୁହୂର୍ତ୍ତରେ ନୂଆ ଛୁଆଟିର ମୁହଁକୁ ଚାହିଁଦେଲା ମାତ୍ରେ ।

ପଚାରିଲେ ଉତ୍ତର ଦିଏ 'କଷ୍ଟତ ଆମେ ଭୋଗ କରୁଛୁ, ତମର କଣ ଯାଏ ?' ଯେଉଁନାରୀ ଏ କଷ୍ଟ ମୁହୂର୍ତ୍ତରେ ଭୁଲିଯାଏ ତା ପାଖରେ ଜୀବନର କୌଣସି କଷ୍ଟ କଷ୍ଟ ନୁହେଁ, ବ୍ରତ ଉପାସ ସବୁ କଷ୍ଟନୁହେଁ । ସେ ଚାଲିଯାଏ, ମାତ୍ର ଛାଡ଼ି ଦେଇଯାଏ ଭବିଷ୍ୟତ ପାଇଁ ଏ ସଂସାରରେ ତା'ର ରକ୍ତରେ ଗଢ଼ା ଶିଶୁଟିଏ ସେଇ ତାର କାମ୍ୟ ।

ବର୍ଷ ବର୍ଷ ଧରି ଠାକୁର ସେବା, ବାର ବ୍ରତ, ଉପାସ, ନିଜର ଲକ୍ଷ୍ୟ ଓ ବିଶ୍ୱାସ ଫଳରେ ଏତେଦିନ ପରେ ଫୁଲ ଆଜି ମା' ହେବାକୁ ବସିଛି । ଠାକୁରେ ଏତେ ଦିନ ପରେ ଗୁହାରି ଶୁଣିଛନ୍ତି, ମନରେ କେତେ ଆନନ୍ଦ, ଘରେ କେତେ ହସ ଖୁସି ।

ପୁଅଟିଏ ଜନ୍ମହେଲା—ଠିକ ମଙ୍ଗଳବାର ଦିନ, ମଙ୍ଗଳା ଠାକୁରାଣୀଙ୍କର ପୂଜାଘଣ୍ଟା ବାଜିବା ସମୟରେ । ଏତେଦିନ ପରେ ପୁଅଟିଏ ହେବବୋଲି କାହାରି ଆଶା ନଥିଲା—ଫୁଲ ଫଳ

ଧରିଛୁ; କେତେଲୋକ ଅସନ୍ତି ଦେଖିବାକୁ—ଯଦି କେହି ଲୋକ ଅଛାରେ ଫୁଲକୁ କଣି କହନ୍ତି ସେ ସଙ୍ଗେ ସଙ୍ଗେ ଜବାବ ଦିଏ "କଖାରୁ ଗଛ ଯୁବାବେଳେ ହସିଖେଳି ବଢ଼ିଗୁଲିଥାଏ, ଯୁବା ବୟସରେ ଫଳ ଧରେନି, ଧଇଲେ ବି ସେ ଫଳ ବେଶିଦିନ ନ ରହି ଝଡ଼ିପଡ଼େ । ଯୁବା ବୟସ ଭାଙ୍ଗିଗଲେ, ବଳ ଟିକିଏ ଖସିଗଲେ, ଗଣ୍ଠି କି ଗଣ୍ଠି କସି ଧରେ ।"

ପୁଅର ନାମ ଦିଆଗଲା ବଜନ ।

ଫୁଲ୍ ଓ ସାଧୁଆର ଜୀବନ ଥିଲା । ପ୍ରାଣରେ ସରସତା ଥିଲା, କଥାରେ ସାହିତ୍ୟ ଥିଲା, ମନରେ ଭାବ ଥିଲା, ଅନ୍ତରରେ ସ୍ନେହଥିଲା । ଜୀବନ ଥିଲା ସରଳ ଓ ସୁନ୍ଦର ।

ସାଧୁଆ ଗୁର ଅକ୍ଷର ପଢ଼ିଛୁ । ବହିପଢ଼ିପାରେ, କିଛି କିଛି ବୁଝେ, ଲେଖିପାରେ ମଧ୍ୟ । କେତେବେଳେ ଦି ଗୁର ପଇସିଆ ସିରିଜ୍‌ର ବହି କିଣି ଆଣେ । ସୀତାଗ୍ରେଷ୍ଟ, ଅଜାନାଭୁଣୀ ରହସ୍ୟ, କଳିକାଳ ଫେସନ ପ୍ରଭୃତି ଗୀତ ଗାଇ ଫୁଲକୁ ଶୁଣାଏ । କେବେ କେବେ କାହାପାଖରୁ ଉପନ୍ୟାସ ବହି ଖଣ୍ଡେ ଖଣ୍ଡେ ମାଗି ଆଣି ପଢ଼ି ଫୁଲକୁ ଶୁଣାଏ ଓ ପଢ଼ିସାରି ବହି ଫେରାଇ-ଦିଏ । ଫୁଲ୍ ପଚାରେ, "ଯେତେ ଯୋଜ୍ ବହି ପଢ଼ୁଛ ଖାଲି ସେହି ପୁରୁଷ ସ୍ତ୍ରୀ କଥା । କିଏ କାହାକୁ କେତେ ସ୍ନେହ କରୁଛି, କେତେ ଭଲ ପାଉଛି, କିଏ କାହାକୁ କେତେ ଭଲପାଇ କେତେ କଷ୍ଟ ପାଇଛି । ଲେଖା ଗୁଡ଼ା ବେଳେ ବେଳେ ବଡ଼ ଲାଜୁଆ ଓ ବେଢଙ୍ଗ ଲାଗେ । ଆଉ କାମ ପାଇଁଟି କଥା ଛୁଆ ପିଲାଙ୍କ କଥା ବାଲ ଚଷିବା କଥା, ପୁରାଣ କଥା ଏ ସବୁତ କାହିଁ ସେଥିରେ ନାହିଁ । ସାଧୁଆ ଉତ୍ତର କରେ "ଯେଉଁମାନଙ୍କ ପାଇଁ ଏ ଉପନ୍ୟାସ ବହି ସବୁ ଲେଖା ହେଉଛି ସେମାନେ ଆମପରି ବାଲ ଚଷନ୍ତି ନି, କି କାମ ପାଇଁଟି କରନ୍ତି ନି । ସେମାନେ ଜୀବନ

ଉପଭୋଗ କରିବା ପାଇଁ ଜନ୍ମ ହୋଇଛନ୍ତି । ଚିତ୍ର କହ; ଲେଖା କହ, କଳାରେ ଅଶ୍ଳୀଳ କିଛି ନାହିଁ । ରଥ ବେଳେ ଜଗନ୍ନାଥଙ୍କ ଆଗରେ ଯେ ଗୀତ ବୋଲାଯାଏ ତାକୁ ତ ସମସ୍ତେ ଖୁସିରେ ଶୁଣନ୍ତି; ମନ୍ଦିରରେ ଯେ ନଗ୍ନ ମୂର୍ତ୍ତିର ଚିତ୍ର ଥାଏ ତାକୁ ତ ସମସ୍ତେ ଦେଖନ୍ତି । ପୁଅ କାହିଁକି ବିବାହ ହୁଏ ପିତା କଣ ଜାଣେନି ? ସତ୍ୟର ଚିତ୍ରଣ କେବେହେଲେ ଅଶୀଳ ନୁହେଁ ।

ଏ ସବୁ ବହି ପଢ଼ି ଶୁଣି ସେମାନଙ୍କ ପ୍ରାଣରେ ବି ସ୍ନେହ ମମତା ଓ ସାହିତ୍ୟର ଭାବ ଖେଳିଥିଲା । ଦିନେ ଖୁବ୍ ହସଖୁସି ପଡ଼ୁଛି, ମନ ଘର ଜଞ୍ଜାଳରୁ ଯାଇ ବହୁତ ଦୂରରେ ଉଡ଼ୁଛି, ସାଧୁଆ କହିଲା 'ଫୁଲ ! ଏଇମାନଙ୍କ ପରି ମଧ୍ୟ ମୁଁ ତତେ ଖୁବ୍ ଭଲ ପାଏ । ତୋ ପାଇଁ କେତେଦିନୁ ଗୋଟିଏ ଗୀତ ତିଆରି କରି ରଖିଛି—

ତତେ ଭଲପାଏ ଯେମନ୍ତ
ନିଦ ହେଲାବେଳେ ହାତିଆ ଯାକୁ
କୁଣ୍ଢାଇ ହେଉଁଲ ଯେମନ୍ତ ।

'କିନ୍ତୁ ମୁଁ ଯେ ଆହୁରି ଅଧିକ ଭଲ ପାଏ ତତେ', ହସି ହସି ଫୁଲି କହିଲା,

ତତେ ଭଲ ପାଏ ମୁହିଁ
ଚିଣ୍ଡା ଚୁଲିଘରେ ଜଳୁଥିଲେ ଯଥା
ମାଘ ମାସର ଜୁଇ ।

ଭଲ ପାଇବାରେ ଲାଗେ କଳହ । ଦୁହେଁ ହସି ହସି ଗଡ଼ିଯାନ୍ତି ।

ଦିନେ ଦିନେ ଖେଳ ବସନ୍ତି । ପ୍ରାୟ ପ୍ରତ୍ୟେକ ଛୁଟିଦିନରେ ଖେଳ ହୁଏ । ତାସ ଖେଳହୁଏ, ଲୁଡ଼ୁ ଖେଳହୁଏ, କାଞ୍ଚିଗାତ ଖେଳହୁଏ । ଅଧିକାଂଶ ଦିନ ପଣ ରଖି ଖେଳହୁଏ । ଗରିବ

ଘର, ପଇସାଟା ନାହିଁ ବାଜି ରଖିବାକୁ, ସତ୍ୟ କରନ୍ତୁ, ଯେ ଜିତିବ ସେ ଯାହା କହିବ ହାରିବା ଲୋକ ତାହା କରିବ । ଫୁଲ ଜିତିବା ଦିନ ଏକପ୍ରକାର ରକ୍ଷା, ସାଧୁଆ ଜିତିବା ଦିନ ଫୁଲର ଅବସ୍ଥା ବାରଣ୍ଡା ଦକଡ଼ା ।

ଏ ଘରେ ମଧ୍ୟ ରାଜନୀତିର ଚର୍ଚ୍ଚା ହୁଏ । ସାଧୁଆ ଦିନେ ଦିନେ କାହାଠାରୁ କେମିତି ସମାଜ କି ପ୍ରଜାତନ୍ତ୍ର ଖଣ୍ଡେ ଖଣ୍ଡେ ମାଗି ଆଣି ପଢ଼େ ଓ ଫୁଲକୁ ପାଖରେ ବସାଇ ଯୁଦ୍ଧକଥା, ଦେଶ ବିଦେଶ କଥା ଶୁଣାଏ । ନିଜେ ସେ କଣ ବୁଝିଥାଏ ସେ ଜାଣେ, ମାତ୍ର ଫୁଲକୁ ସେ ବଡ଼ ବଡ଼ କଥା ସବୁ ଶୁଣାଏ । ଫୁଲର ପାଟି ଫିଟେନି । ସେ ତୁନି ହୋଇ ଶୁଣେ, ସେ ଭାବେ ଯେ ତାର ସାଧୁଆକୁ ସବୁ ଦେଶ ବିଦେଶର ହାଲ ଚାଲ ମାଲୁମ ।

"ସେତିକି ନୁହେଁ ଫୁଲ", ସାଧୁଆ ଗମ୍ଭୀର ହୋଇ କହେ । "ଆଜିକାଲି ସମୟ ଓଲଟି ଗଲାଣି । ଆଗକାଳିଆ ରଜା ଆଜିକାଲି ନାହାନ୍ତି; ଆମେ ସବୁ ଯାହାକୁ ମିଶି ରଜା କରିବା ସେ ଦେଶ ଚଳାଇବ । ସେଥିପାଇଁ ବେଶୀ ପଇସା କି ବେଶୀ ପାଠର ଦରକାର ନାହିଁ, ମଣିଷ ଦେହରେ ମଣିଷର ଶକ୍ତି ଥିଲେ ବି ହେଲା । ଯଦି ଭଗବାନ୍ କରନ୍ତି କିଏ ଜାଣେ ଦିନେ ଯେ ଆମର ବିଜନ ଏ ଦେଶର ରଜା ନହେବ ?"

ତାର ବିଜନ ଦିନେ ରଜା ହୋଇ ପାରିବ ଭାବି ଭାବି ଫୁଲର ମୁଣ୍ଡ ଘୂରିଗଲା ।

'ବୋଉ' ବୋଉ' ଡାକି ବିଜନ ଦଉଡ଼ି ଆସିଲା । ଫୁଲ ତାକୁ କୋଳକୁ ଟେକି ନେଇ ଛାତିରେ ଜାକି ଧରିଲା ।

# ଦୁଇ

ଦିନର ଆଲୁଅ ଫୁଟି ଉଠୁଥାଏ । ଫୁଟି ଆସୁଥାଏ ତା ସଙ୍ଗେ ଗଛେ ଗଛେ ଫୁଲର କଢ଼ି । ଜାଙ୍କ ଜୁଙ୍କ ହୋଇ ସଂକୀର୍ଣ୍ଣ ବସାମାନଙ୍କରେ ରାତିଯାକ ପଡ଼ିରହିଥିବା ଚଢ଼େଇମାନେ ମନ ଆନନ୍ଦରେ ସକାଳର ମୁକ୍ତ ଆକାଶରେ ଉଡ଼ି ଉଡ଼ି ଯାଉଥାନ୍ତି । ସୁନ୍ଦର ଦିଗ୍‌ବଳୟ ତଳୁ ପୃଥିବୀକୁ ଆଲୋକିତ କରି ଫୁଟି ଉଠିଲେ ସୂର୍ଯ୍ୟ । ଏତିକିବେଳେ ଏକ ଅଜଣା ଗରିବ ଘରର କୋଣରେ ମା ପେଟରୁ ଫୁଟି ଉଠିଥିଲା ପଦ୍ମ । ଅନ୍ଧାର ଘର-କୋଣ ଆଲୁଅ ହୋଇଯାଇଥିଲା । ସୁଖ ଆନନ୍ଦର ଢେଉ ଘରେ ଖେଳି ଯାଇଥିଲା ।

ସେଇ ଘରର ରାଧୁଆ ମୂଲ ଲାଗି ଲାଗି ଜୀବନସାରା କଟାଇଛି । ଜୀବନରେ ଉନ୍ନତି ନାହିଁ, କି ଅବନତି ନାହିଁ । ଧାରାବାହିକ ଜୀବନ । ଯାହା ମୂଲ ଲାଗି ଆଣେ ସେତିକିରେ ଖାଇ ପିଇ ଦେଇ ବସନ୍ତି । ବଳିବ କାହୁଁ, ସଞ୍ଚିବେ କାହିଁ ? ଯେଉଁ ଆଠଗଜୀ ମାନ୍ଦ୍ରାଜୀ ଲୁଗା ପିନ୍ଧା, ସଦାବେଳେ ସେଇଆ । କେବେ ନଅ ଗଜୀ ଖଣ୍ଡେ ପିନ୍ଧିବାର କେହି ଦେଖିନାହିଁ । ସେଇ ଲୁଗା ଖଣ୍ଡିକୁ ସେ ଏତେ ଭଲ ପାଏ ଯେ ଷୋଳ ସତର ଦିନରେ ଥରେ ଲେଖାଏଁ ଧୋଇବା ପାଇଁ ଧୋବା ଘରକୁ ଦେଲାବେଳେ ସେ ତାକୁ ଦିନକରୁ ବେଶୀ ଧୋବାଘରେ ରହିବାକୁ ଦିଏ ନାହିଁ ।

କେଉଁଠି କେମିତ ଖୁଣ୍ଟ ଲଗିଲେ, କ ଭରଗଲେ ତାଲି ପକାଇ ମରାମତ କରେ । ନାହାତ ପୁରୁଣା ଫୁରୁ ଫୁରୁ ହେଲେ ଫୋପାଡ଼ ଦଏ । ମଲ ବୁଢ଼ା ଦେହରେ ଖାଲି ହାଡ଼ ଦଖଣ୍ଡ ଓ ଧୁଡ଼ୁ ଧୁଡ଼ୁ ଚମ ଖଣ୍ଡେ ଘୋଡ଼ାଇ ହୋଇଥିବା ପର, ସେତେବେଳକୁ ସେ ହୋଇଥାଏ କେବଳ ତେଲଚକ୍‌ଟା ଓ ମଇଳାର ଆବରଣ । ଭିତରେ ଫୁରୁ ଫୁରୁ କନା ଖଣ୍ଡେ । ବଡ଼ଲୋକ ହେବାର ଆଶା ରଖିନା ସେ । ଦୁଃଖ ଦୈନ୍ୟରେ ବଢ଼ି ବଢ଼ି ଦେହର ଚମ ଏତେ ବହଳ ହୋଇଗଲଣି ଯେ ସଂସାରର ନାର୍ଯାତନା, ଯନ୍ତ୍ରଣା ତା ଦେହ ଭିତରକୁ ସହଜରେ ଭେଦ ତାକୁ ବଚଳତ କରିପାରେ ନା । ସାଧକ ପର ସାଧନା କର ଚାଲିଛି ସେ । ଦନର ମୂଲିଆ । ଦନରେ କାମ କରେ, ଘରକୁ ଆସେ, ପୁଣି ତା ଅରଦନ କାମକୁ ଯାଏ ଘରକୁ ଫେରେ, ମୂଲିଆ ଜୀବନ । ଶାଗ, ଭାତ ଖାଇ କାମ କର ଦହ ରଖିଛି ସେ । ଘରର ସମସ୍ତେ ତା ହାତକୁ ଚାହିଁ ବସିଛନ୍ତି—ଦହ ଦୁଃଖରେ ପଡ଼ିବାକୁ ତାର ବେଳ କାହିଁ ? ଜର ହେଲେ ଦହେ ଦହେ ମରେ—ଏଇ ତାର ଜୀବନ ।

ଝଡ଼, ତୋଫାନ, ବର୍ଷା, ପାଣି ପବନ ବଡ଼ ବଡ଼ ଘରକୁ ସିନା ଭର ଯାନ୍ତି, ଗରବ ଦେଖି ବାଧୁଆ ଘରେ ସବୁ ବଳ ଝାଡ଼ନ୍ତୁଅନ୍ତି । କେତେବେଳେ ଚାଳରୁ ଖଣ୍ଡେ ଉଡ଼ଗଲଣି ତ, କେତେବେଳେ କାନ୍ଥରୁ ଖଣ୍ଡେ ଭାଙ୍ଗି ଗଲଣି । ଏହା ଉପରେ ବେଳେ ବେଳେ ପୁଣି ମାଙ୍କଡ଼ମାନଙ୍କ ଉପଦ୍ରବ ଅଛି । ନୂଆ ଛାଅଣି ହେବାର କିଛିଦନ ଯାଏ ଚାଳ ଖଣ୍ଡିକ ଠିକ୍ଏ ଭଲ ରହେ । ତା ପରେ ଆସେ ଏଇ ଅବସ୍ଥା । ଘର ଭିତରେ ଥାଇ ବେଳେ ବେଳେ ଚନ୍ଦ୍ର, ସୂର୍ଯ୍ୟଙ୍କୁ ଦେଖିବାର ସୁଯୋଗ ଭଗବାନ ତାଙ୍କୁ ଦଅନ୍ତି । ତାଙ୍କର କିରଣରେ ଘର ଆଲୁଅ ହୋଇଯାଏ ।

ସଂସାର ସିନା ରଘୁଆକୁ ଗରିବ ବୋଲି ଭାବେ, ମାତ୍ର ପ୍ରକୃତି ସଦାବେଳେ ମୁକ୍ତ ହସ୍ତ । କେଉଁଠି ଠିକ୍କାଏ ବାଟ ପାଏ, ତାର ଦାନ ଅକାତରେ ଅଜାଡ଼ି ଦେଇ ଯାଏ ।

ଲୁଗାରେ ନଥି ପକାଇଲା ପରି ନଡ଼ା ଅଣି ଗୁଳରେ ଖୁଞ୍ଚି ପରେ ଖୁଞ୍ଚି ଦିଏ । କେବେ ବାଉଁଶ ଖୁଣ୍ଟି ଖଣ୍ଡି ନଇଁ ଯାଇଥିଲେ ନଡ଼ାରୁ ମୋଟା କାଠଖଣ୍ଡେ ଅଣି ତାକୁ ବଦଳାଇ ଦିଏ । ଘର ଖଣ୍ଡି ପିଲାଦିନେ ଯେପରି ଥିଲା ଏବେବି ସେହିପରି ଅଛି । ବେଳେ ବେଳେ ଗୋରୁ ଗାଈ ପିଣ୍ଡାରେ ଚଢ଼ି ଗୁଳ ଖାଇଯାନ୍ତି । ସେଥି-ପାଇଁ ଅନେକ ସମୟରେ ଦେଖିବ ତ ବୁଢ଼ୀ ମା'ଠାରୁ ଶୁଣିଥିବା ବୁଢ଼ୀ ଅସୁରୁଣୀର ନଖ, ଦାନ୍ତ ପରି ପିଣ୍ଡା ଗୁଳର ବାଉଁଶ ସବୁ କାହାକୁ ଖାଇବା ପରି ଆଗକୁ ବାହାରି ରହିଥାଏ । ଏଇ କୋଡ଼ିଏ ବର୍ଷ ଭିତରେ କେତେ ପୁରୁଣା ଘର ନୂଆ ହୋଇ ସାରିଲଣି; କେତେ ଭଙ୍ଗାଘର ସଜଡ଼ା ସରିଲଣି, ମାତ୍ର ଏ ଘର ଯେପରି ସେପରି । ରଘୁଆର ଯେ ମନ ନଥାଏ ଏପରି ନୁହେ । ତାର ଧନ ନଥାଏ ବୋଲି ବଳ ନଥାଏ । ଅନେକ ସମୟରେ ସେ ଏ ବିଷୟରେ ଭାବେ । ଥରେ ଖୁବ୍ ଝୁଙ୍କି ଧରିଲା ଘର ଖଣ୍ଡିକ ସଜାଡ଼ିବାକୁ । ପଦ୍ମା ବୋଉ ତା ଆଗରେ ହଁ ଭରିଲା । କିପରି କଣ କରିବାକୁ ହେବ ପ୍ରସ୍ତାବମାନ ପଡ଼ିଗଲା ।

ପଦ୍ମାବୋଉ ରଘୁଆର ବଳ ଜାଣେ । ସନ୍ଧ୍ୟାବେଳେ ରଘୁଆ ଖାଇସାରି ବସିଛି । କଥାବାର୍ତ୍ତା ଚାଲିଛି । କଥାର ମଝିରେ ଆଉ ଏକ ଖିଅ ଲଗେଇ ପଦ୍ମାବୋଉ ଆରମ୍ଭ କଲା, "ଥରେ ସ୍ୱର୍ଗର ରଜା ଇନ୍ଦ୍ର ତାଙ୍କ ଇନ୍ଦ୍ରଭବନକୁ ବଳି ଆଉ ଗୋଟିଏ ଖୁବ୍ ସୁନ୍ଦର ଭଲ କୋଠା ତିଆରି କରିବାକୁ ମନ କଲେ । ସେ ଘରେ କିଏ ଖୁଣ୍ଟି ଦେବ ଏଥିପାଇଁ ଲୋକ ଖୋଜିଲେ । ଇନ୍ଦ୍ରଙ୍କର ଗର୍ବ ବୁଝିପାରି ସବୁ ଦେବତାମାନେ କହିଲେ ଲୋମଶ ଋଷିଙ୍କ

ଛଡ଼ା ଏ ଶୁଭ କେହି ଦେଇ ପାରିବେ ନାହିଁ । ଇନ୍ଦ୍ର ଋଷିଙ୍କୁ ଡାକିବାକୁ ଗଲେ । ସେ ଖଣ୍ଡେ ପଲବାନ୍ଧ ପଡ଼ିଥାନ୍ତି । ଇନ୍ଦ୍ର ଅସୁଥିବାର ସେ ଜାଣିପାରିଲେ । ଇନ୍ଦ୍ର ପହଞ୍ଚିବାରୁ ତାଙ୍କୁ ଘାଲ ଖଣ୍ଡେ ବସିବାକୁ ଦେଲେ । ଇନ୍ଦ୍ରଙ୍କର ଅପସନ୍ଦ ଆସିଲା, ଭାବିଲେ "ଏଇ ଋଷି କଣ ମୋ ଘରର ଶୁଭ ଦେବେ , କିଛି ସମୟ କଥାବାର୍ତ୍ତା ହେଲେ । ଇନ୍ଦ୍ର ଦେଖିଲେ ଋଷିଙ୍କର ଦେହଯାକ ଲୋମ, କେବଳ ଜଙ୍ଘରେ ଗୋଟିଏ ଯାଗା ଚନ୍ଦା ହୋଇଛି । ଇନ୍ଦ୍ର ଋଷିଙ୍କୁ ଏହାର କାରଣ ପଚାରିଲେ । ଋଷି କହିଲେ ଗୋଟିଏ ଇନ୍ଦ୍ର ଗଲେ ମୁଁ ସେ ଯାଗାରୁ ଗୋଟିଏ ଲୋମ ଉପାଡ଼ି ଦିଏ । ଯେତୋଟି ଲୋମ ଉପୁଡ଼ା ହୋଇଛି ସେ ଯାଗାରୁ, ସେତୋଟି ଇନ୍ଦ୍ର ଗଲେଣି, ମୁଁ ଏଇଠି ବସିଛି । ଇନ୍ଦ୍ରଙ୍କର ଗର୍ବ ଭାଙ୍ଗିଗଲା, ସେ ପଚାରିଲେ 'ଆପଣ ଏଡ଼େ ବଡ଼ ଋଷି, ଏଇ କୁଡ଼ିଆ ଭିତରେ ପଶିଛନ୍ତି, ଭଲ କରି ଘରେ ଖଣ୍ଡେ କରୁ ନାହାନ୍ତି ?' ଋଷି କହିଲେ—

'କେତେ ଦିନକୁ କେତେ କଥା,
ଗର୍ବର ଘରକୁ ଦୁର୍ବର ବତା ।'

ସବୁ ପାଇଲି କହି ଇନ୍ଦ୍ର ସାଷ୍ଟାଙ୍ଗ ପ୍ରଣାମ କରି ଫେରିଲେ । ଝିଅ କାନ୍ଦିବାରୁ ପଦ୍ମା ବୋଉ ଝିଅକୁ ଧରିବାପାଇଁ ଉଠି ଚାଲିଗଲା । "ହଁ ସବୁ ପାଇଲି" କହି ରଘୁଆ ଦାଣ୍ଡକୁ ଗଲା । ସେଇ ଦିନଠାରୁ ଅଉ ଘର ତୋଳିବା କଥା କେହି ପକାଇ ନାହାନ୍ତି ।

ସେଇ ଗାଁର ଦାଣ୍ଡ । ସାତ ସାଇର ଘର, ତା'ର ଦୁଇ କରେ ଗୁନ୍ଥା ଗୁନ୍ଥି ହୋଇ ପଡ଼ିଛନ୍ତି । ଦୁଇ ପାଖରେ ଦୁଇ ସାହାଲି ହୋଇ ଘର ଚାଲିଛି । ଠିକ ମଝାରେ ଫିଟେଇ ପରି ଗ୍ରାମ ଦାଣ୍ଡ ଗାଁକୁ ଦୁଇଭାଗ କରି ସିଧା ପଡ଼ିଛି । ଦୁଇ କର ଯାକ

ଘର । ଗଛର ଗଣ୍ଡିରୁ ଶାଖା ପ୍ରଶାଖା ବାହାରିଲା ପରି ଖଣ୍ଡେ ଖଣ୍ଡେ ଗଳି ରାସ୍ତା କେଉଁଠି କେମିତି ବାହାରିଛି; ତାର କଡ଼ଯାକ ବି ଘର । ଦାଣ୍ଡଟି ସଦାବେଳେ ପରିଷ୍କାର ପରିଚ୍ଛନ୍ନ । ରାତି ପାହିବା ପୂର୍ବରୁ ସମସ୍ତେ ନିଜ ନିଜ ଘର ସାମନା ଦାଣ୍ଡଟିମାନ ଝାଡ଼ିଓଳି କରି ଦେଇଥାନ୍ତି । ସକାଳୁ ଦେଖିବାବେଳକୁ ଗାଁ ଦାଣ୍ଡଟି ସଫା ହୋଇ ଠିଆ ହୋଇଛି । ଜଣେ ଜଣକ ଦେଇ ଯେଉଁ କାମ ଅସମ୍ଭବ, ସମସ୍ତେ ମିଳି ମିଶି କଲେ ସୁନ୍ଦର ଭାବେ ହୋଇଯାଏ । ଏଠାରେ କୌଣସି ଆଇନ କାନୁନର ଦରକାର ନାହିଁ । ଆଇନର ତରାଣ ଥରେ ଆସିଲେ ମନୁଷ୍ୟର ମନରେ ବାଧା ଆସେ । ତେଣିକି ସେ କାମଟାକୁ ନିଜର ବୋଲି ଭାବେ ନାହିଁ । ଭାବେ ପରର ଦାୟିତ୍ୱ, ଆ ନର ଦାୟିତ୍ୱ, କରେ ହେଳା, କରେ ଠକେଇ ।

ଏଇ ଦାଣ୍ଡରେ ଅଛି ଗାଁ'ର ଡାକଘର, ସ୍କୁଲଘର, ଲାଇବ୍ରେରୀ, ଭାଗବତଘର, ଡାକ୍ତରଖାନା । ଏ ଗୁଡ଼ିକ ସବୁ ଗାଁର ଅଳଙ୍କାର । ଯେପରି ଭୂଷଣବିହୀନା ବିଧବା ନାରୀ ହତଶ୍ରୀ ଦିଶେ, ଯେଉଁ ଗାଁରେ ଏସବୁ ନାହିଁ, ସେଇଟି ଭଲ ଗାଁ ନୁହେଁ; ସେଠାରେ ଲୋକଙ୍କର ଜୀବନ ନାହିଁ କହିଲେ ଚଳେ ।

ଭାଗବତ ଘରେ ସଞ୍ଜବେଳେ ଭାଗବତ, ରାମାୟଣ ପ୍ରଭୃତି ପୁରାଣ ପଢ଼ା ହୁଏ । ବର୍ଷସାରା ପୁରାଣ ପଢ଼ା ଚାଲିଥାଏ । ଅନେକ ଏଠାକୁ ଆସନ୍ତି । ହିନ୍ଦୁ ଧର୍ମର ନୈତିକ ପ୍ରଭାବ ହିନ୍ଦୁପ୍ରାଣରେ ସଜାଗ ରଖିବାପାଇଁ ଏଇ ଭାଗବତ ଘର କଳ୍ପନା ହୋଇଥିଲା । ଏଇଠାରେ ମଧ୍ୟ ଅନେକ ରାଜନୀତିର ଚର୍ଚ୍ଚା ହୁଏ, ରାମାୟଣ ଓ ମହାଭାରତର ରାଜନୀତିକୁ ବଳି ବେଳେ ବେଳେ ମଧ୍ୟ କିମିତି ଖେଳରୁ ମହାଭାରତ ଯୁଦ୍ଧର ସୂତ୍ରପାତ ହେଲା ଭଳି ଖୁବ୍ ଛୋଟ ଛୋଟ କଥାରୁ କଳି ସୃଷ୍ଟି ହୁଏ; ଗାଁ ସାରା ବ୍ୟାପେ ।

ପୁଣି ତାହା ଗାଁ ସଭାରେ ଛୁଟେ । ରଘୁଆ ଏଇ ଗାଁ ସଭାର ଜଣେ କାର୍ଯ୍ୟକାରୀ ସଭ୍ୟ । ସୁନ୍ଦର ଭାବେ ଗାଁଟି ଚାଲିଥାଏ ।

ଘର ପଛକୁ ଲାଗି ରଘୁଆର ବାରି, ଲିପି ପୋଛି ଏ ଖଣ୍ଡକୁ ପଦାଟେବୋଲି ସଦାବେଳେ ପରିଷ୍କାର ରଖିଥାଏ । ଶୀତ ଦିନେ ମସିଣା ଖଣ୍ଡେ ପକାଇ ଖରାରେ ଏଇଠି ସମସ୍ତେ ବସା ଉଠା କରନ୍ତି । ବିଲରୁ ଫେରି, ଗଣ୍ଡିଏ ଖାଇ ଦେଇ ଏଇଠେଇ ଅଧା ଶୋଇ ଅଧା ଖରାରେ ରଘୁଆ ଗଡ଼ପଡ଼ ହୁଏ । ବାରିର କଡ଼କୁ କେଉଁଠି ଶାଗ କିଆରିଏ ତ, କେଉଁଠି ଫୁଲଗଛ ଦିଟା ଲାଗିଛି । ଝିଙ୍କୁଲି, ଲେମ୍ବୁ ପ୍ରଭୃତି ଚାରି ଛ ଗଛ ମଧ୍ୟ ଅଛି ।

ବାରିକୁ ଲାଗି ବିଲ । ଅସରନ୍ତି ସମୁଦ୍ରପରି ଏକ ବଡ଼ ଗହୀର, ଆରପାରିକୁ ଆଖି ପାଏନା । ଆଶ୍ୱିନମାସରେ ଗହୀର ଧାନଗଛରେ ସବୁଜ ବର୍ଣ୍ଣ ଧରେ; ପବନ ହେଲା ବେଳେ ସାଗରରେ ଢେଉ ଖେଳିଲାପରି ମନୋରମ ଦେଖାଯାଏ । ମଝିଗଣିର ଆଡ଼କୁ ସୁନ୍ଦର ସୁନାରଙ୍ଗର ସୋରିଷ ଫୁଲ ଲକ୍ଷ୍ମୀ ପୂଜାରେ ଲାଗି ହେବା ପାଇଁ ଜୋର କୂଳଯାକ ଫୁଟି ଉଠନ୍ତି । ପୌଷ ମାସକୁ ଗହୀର ପକ୍ୱଶାଳିରେ ଭରି ହୋଇଯାଏ । ଗହୀର ମଝିରେ ଠିଆହୋଇ ଚାରିଆଡ଼କୁ ଚାହିଁ ଦେଲେ ପେଟ ପୂରି ଉଠେ ।

ଆକାଂକ୍ଷିତ ମାନବ ଅଭିଶପ୍ତ ପ୍ରେମିକ ପ୍ରେମିକାଙ୍କର ମିଳନରେ ବାଧା ଦେବାପାଇଁ ଅଙ୍କୁଶ ଧରି ସମାଜ ଠିଆ ହେବା ପରି ବାରି ଓ ବିଲକୁ ଏକାଠି ମିଶିବାକୁ ନ ଦେଇ ମଝିରେ ବହି ଯାଉଛି ଗୋଟିଏ ଜୋର । ବହୁତ ଦିନରୁ ସେ ବହି ଚାଲିଛି । ଏଇ ଜୋର କୂଳରେ କେତେ ସ୍ନେହ, କେତେ ପ୍ରେମ ଜନ୍ମି ଉଭେଇ ଯାଇଛି । ଗାଁ ଗଣ୍ଡାର କେତେ କେତେ ବାର-ଚଳର ଇତିହାସ ସେଇ ତରଳ ସ୍ରୋତରେ ଧରି ବହି ଚାଲିଛି ।

'ରଜା ଅନ୍ଧ, ପାଣି ଅନ୍ଧ' ପରି ଭଲ ମନ୍ଦ ନ ବୁଝି ନ ସୁଝି ସଫଳ ଗଡରେ ସେ ଗମ୍ଭୀର ସର ବୁଲି ବୁଲି ଯାଇଛି । ମା' ନିଜ ନିଜ ଦେହରୁ ଖିର ଦେଇ ପିଲାଙ୍କୁ ବଞ୍ଚାଇଲା ପରି ଏଇ ଜୋରଟି ନିଜ ଦେହରୁ ପାଣି ଢାଳି ସାରା ଗମ୍ଭୀରଟିକୁ ବଞ୍ଚାଇ ଆସିଛି । ଏଇ ଜୋର କୂଳର ବର୍ଷାଦିନେ ରଡ଼ି କରନ୍ତି ଭେକ । ତାଙ୍କ ମିଳର ଆନନ୍ଦ ଅଧୀର ଧ୍ୱନି ଶୟନ କକ୍ଷରେ ଲଳନାମାନଙ୍କର କାନେ ନାନେ ବାଜି ଉଠି ସେମାନଙ୍କୁ ପ୍ରଣୟ ଆତୁର କରିଦିଏ । ସେଇ ଜୋରର ହୁଡ଼ାରେ ଗୋଟିଏ ବଡ଼ ଝଙ୍କା ଆମ୍ବଗଛ; କେଉଁ କାଳରୁ ସେ ସେହିପରି ଠିଆ ହୋଇଛି । ଖରାଦିନ ଦ୍ୱିପ୍ରହରରେ ଅନେକ ତା ଛାଇରେ ବସନ୍ତି; ଗାଁ ଗଣ୍ଡା କଥା ପକାନ୍ତି । ଖରାଦିନେ ଗାଧୁଆ ମସିଣା ପାରି ସେଇ ଗଛର ଛାଇରେ ଶୁଏ, ଭଲ ପବନ ଦିଏ, ନିଦ ଲାଗିଯାଏ । ନିଜେ ଖରାର ତେଜ ସହି, ଦେହ ଝାଉଁଳି ଯାଏ ପଛେ, ଆଶ୍ରିତଙ୍କୁ ସେ କେବେ ବଞ୍ଚିତ କରିନି, କଷ୍ଟ ଦେଇନି । ଗାଁର କେତେ ଖୁସି ହସ, ଖେଳ କୌତୁକ, ଦୁଃଖ ସୁଖ ସବୁ ଦେଖି ଆସୁଛି । ଏଇ ଆମ୍ବ ଗଛ ଉହାଡ଼ରେ କେତେ କେତେ ପିଲାଙ୍କର ଖେଳ ହୁଏ । ଏଇ ଗଛରେ ପିଲାଏ ଦୋଳି ବାନ୍ଧି ଖେଳନ୍ତି, ଏଇଠି ଲୁଚକାଳି, ବୋହୁଚୋରି ବି ଖେଳହୁଏ । ଏଇ ଆମ୍ବଗଛରେ ବସନ୍ତ ଋତୁରେ ଅମ୍ବ ବଉଳେ, ଯୌବନର ପରଶ ଲାଗେ, ଢ଼ୁଟି ଆସେ ଅଳି; ଗାଏ କୋଇଲି କେତେ ବିରହିଣୀ ଭଗ୍ନସ୍ୱପ୍ନା ବିଧବାଙ୍କର ପ୍ରାଣ ଫଟାଇ ଓ ତରୁଣ ତରୁଣୀଙ୍କର ପ୍ରାଣ ସ୍ୱପ୍ନାତୁର କରି ।

ଏଇ ଗାଁରେ ଆସେ ରଜ ପର୍ବ । ଏଇ ସମୟରେ ଦିନେ ଗାଧୁଆ ମନରେ ଆସିଥିଲା ବିଦ୍ରୋହ । ରଜଆସୁଛି ଦେଖି ପଦ୍ମା ଦୋଉ ଗୁରପଟ କାଚ ପାଇଁ ଫରମାସ କରିଥିଲା । ଗାଧୁଆର ତ ପଇସା ନ ଥାଏ ମନେ ମନେ କେତେ ଭାବିଲା "ସେ ଦିନେ

ହେଲେ କିଛି ମାଗି ନାହିଁ । ଆଜ ଏଡ଼େ ଶରଧାଂଠା କପର ଭାଙ୍ଗି ଦେବ ? ବାହାରକୁ ଗଲା—କେତେ ଲୋକଙ୍କ ହାତ ପାତିଲା, କିଛି ଫଳ ହେଲା ନାହିଁ । ଭାବିଲା 'ସତକଥା, ଯାହାର ଘରେ କିଛି ଅଛି ସେ ବିନା ମାଗିଲେ ତାକୁ ପାଞ୍ଚ ଲୋକ ପାଞ୍ଚ ପଇସା ଦେବେ, ଆମର କିଏ ଅଛି ଯେ, ଆମେ କେଉଁଠୁ କୁହି ପାରିବା ଯେ ସେ ସେତକ ପଇସା ପାଣିକି ପକାଇ ଦେବେ !' କିଛି ଉପାୟ ନ ଦେଖି ସାଉକାର ଘରକୁ ଗଲା । ଅନେକ ପ୍ରକାର କହି ଅଗତ୍ତିରୀ ଦାନକର ମୂଲ୍ ମାଗିଆଣି କାଚ କିଣି ଘରକୁ ଫେରିଲା । ପଦ୍ମାବେଉ କାଚ ଦେଖି ଭାରି ଖୁସି ହେଲା, ମାଏ ବୁଧୁଆ ମନରେ ଭାରି ରାଗ । ସେ ସମ୍ଭାଳି ନ ପାରି କହିଲା ପଦ୍ମାବୋଉ ଜାଣୁ, ବଣରେ ଯେଉଁ ସିଂହୀ ଥାଏ ସେ ତା ଜୀବନରେ ଗୋଟିଏ ଛୁଆ ଜନ୍ମ କରେ । ସେ ଛୁଆ ଆଠଦିନ ବେଳୁ ହାତୀଟିଏ ଦେଖିଲେ ତା ଉପରେ ଚଢ଼ିବାକୁ ବିଦାରିବାକୁ ଚେଷ୍ଟା କରେ । ମାଏ ଘୁଷୁରି ପଲ ପଲ କରି ଜନ୍ମ କରନ୍ତି, ସେ ମେଞ୍ଚାଠା ଯାକ ଜୀବନ ସାରା ପଲ ଧରି ପଙ୍କରେ ଲଟପଟ ହେଉଥାନ୍ତି । ଅଖାଦ୍ୟ ଖାଉଥାଆନ୍ତି । ଆମ୍ଭମାନଙ୍କୁ ଭଗବାନ କାହିଁକି ଏପରି ମେଞ୍ଚା ମେଞ୍ଚା କରି ଜନ୍ମ ଦେଇଛନ୍ତି ?

ବାଧାଦେଇ ପଦ୍ମାବୋଉ କହିଲା, ହଉ ନିଅ ତମ କାଚ ମୋର ପିନ୍ଧିବା ଦରକାର ନାହିଁ । ଏଇଥିରୁ କେତେ କଥା ତମ ମନକୁ ଆସୁଛି ।

'ନାଇଁମ, ମୋ ରାଣଟି, ପିନ୍ଧ ।

ପଦ୍ମା ବୋଉ କାଚ ପିନ୍ଧିଲା ।

ଚଢ଼େଇ ଛୁଆକୁ ବସାରେ ରଖି ଯେମିତି ଆହାର ଖୋଜି-ଆଣି ତା ପାଟିରେ ଦିଏ, ପଦ୍ମାବୋଉ ବାର ଘରଦ୍ୱାର ଯାଇ, କାହାର କଣ ଠିକିଏ ବୋଲହାକ କରିଦେଇ, ଯାହା ଖଜା ପିଠା

କ ଭୂକା ଉଖୁଡ଼ା କିଏ କେଉଁଦିନ ଦେଇଥାଏ ସାଇତି କରି କାନରେ ବାନ୍ଧିନେଇ ଅସି ଆଗ ଝୁଅର ମୁହଁରେ ଦିଏ। ଗରିବ ଜୀବନରେ ପଦାଥିଲ ଏକମାତ୍ର ଖୁସିହସର ଖେଳନା। କିଣେଇଛି ପରି ସୁନ୍ଦର। ତା ଯୋଗୁ ବାପ ମାଆଙ୍କ କିଛି ଦୁଃଖ ଜଣାପଡ଼େ ନାହିଁ। ଯିଏ ଯୁଆଡ଼େ ଯାଇଥିଲେ ସହଳ ଫେରିଆସନ୍ତି—ତାଙ୍କ ପାଇଁ ଝିଅଟିର କଅଁଳ ହସ ହସ ମୁହଁ।

ଝିଅଟିକୁ ଚାରିବର୍ଷ ବେଳେ ବାପା ତାଙ୍କର ସୁଖ ସ୍ନେହ ସାରି ଚାଲିଗଲେ। ମା ଯେ ଏକା, ସେ କଣ କରିବ? ତାକୁ ଚାରିଆଡ଼େ ଅନ୍ଧାର ଦିଶିଲା—ଘରେତ କିଛି ନାହିଁ, ଘରେ ଖାଲି ଝୁଅଟିକୁ ଧରି ବସିଲେ ବି ଚଳୁନାହିଁ, ବାହାରକୁ ଗଲେ କାହା ପାଖରେ ଝୁଅକୁ ଛାଡ଼ିଯିବ? ଏହିପରି ଅନେକ ଭାବେ।

ତଥାପି ଯେଉଁ ମା ନିଜର ଶରୀରରୁ ଗଢ଼ା ସନ୍ତାନର ଆହାର ଲାଗି ନିଜର ଛାତିର ରକ୍ତକୁ ଶ୍ୱେତ କ୍ଷୀରରେ ପରିଣତ କରି ତା ମୁଖରେ ଢାଳି ଢାଳି ଏଡ଼ୁଟିଏ କରିଛି ସେ ଆଜି ତା ପାଇଁ ଅଧୀର ନୁହେଁ। ରତମାକୁ ଡାକେ। ରତମା ସାଇ ପଡ଼ିଶାର ଗରିବ ଝିଅଟିଏ—ବେଳେ ବେଳେ ସେ ଏଠାକୁ ଆସି ପଦାକୁ କେତେ ଥର ଧରିଛି। ତାକୁ କୁହା ବୋଲା କରି ତାରି ଜିମା ଝୁଅଟିକୁ ଛାଡ଼ି ପଦାବୋଉ ଯାଏ ବାହାରକୁ କାମ କରିବାକୁ। ଅଳ୍ପକରୁ ବେଶୀ ସମୟ ବାହାରେ ରହେନା। ଦିନେ ଦିନେ ବି ମନ ମାନେନା। ଝୁଅକୁ ସାଙ୍ଗରେ ନେଇ ଚାଲିଯାଏ। ଅଳପ କାମ କରି ଘରକୁ ଚାଲିଆସେ। ପେଟ ଖଣ୍ଡିକ ପାଇଁ ଯେତିକି ସମୟ ବାହାରେ ରହିବା ଦରକାର ପଡ଼େ ତା'ଠାରୁ ଅଧିକା ସେ ବାହାରେ ରହେ ନାହିଁ।

ଝୁଅଟିକୁ ଶୁଆଇବା ପାଇଁ ଶେଯ ଖଣ୍ଡିଏ ନାହିଁ। ତେଣୁ ମା ସଦାବେଳେ ତାକୁ ଛାତିରେ ଧରିଥାଏ, କୋଳରେ ଶୁଆଏ।

ଯେପରି କୋମଳ ତୁଳି ଶେଯ ହେଲେ ସୁଦ୍ଧ ସବୁ ଛାଡ଼ି ତୁଅ ଡେଇଁପଡ଼େ ମା'ର କୋଳକୁ । ମା କୋଳଠାରୁ ତାକୁ କିଛି ଅଧିକ ଦରଶ ନାହିଁ । ସେହି ମା'ର କୋଳ ଅଳ ପଦ୍ମାର ଆସନ ।

ସେହି ପୂର୍ବର ଚୁଲଘର । ସେଇ ଚୁଲଘରେ ବଢ଼ିଲା ପଦ୍ମା ପଙ୍କରୁ ପଦ୍ମ ଫୁଟିଲା ପରି ।

ପଦ୍ମାକୁ ଛ'ବର୍ଷ ଚୁଲିଲଣି । ମ' ଧନେହେଲେ ଅବହେଳା କରନ୍ତି । ମାଗି ଜାଚି ହେଲେ ବି ତେଲ ଟିକିଏ ହଳଦ ଟିକିଏ ଲଗାଇ ଦିଏ । ଗରିବ ଘରେ ସିନା ଭଲ ଲୁଗାପଟା ପିନ୍ଧିବାକୁ ନାହିଁ, ମାତ୍ର ତାକୁ ଯେ ଚେହେରାଟି ଭଗବାନ ଦେଇଛନ୍ତି, ସେ ଚିରାଲୁଗା ପିନ୍ଧି ମଧ୍ୟ ସେଥିରେ ଭାରି ସୁନ୍ଦର ଦିଶେ । ପିଲାମାନଙ୍କ ଭିତରେ ରାଣୀଭଳି ଦିଶେ, ବାଛି ହୋଇଯାଏ । ସମସ୍ତେ ତାକୁ ଭଲ ପାଆନ୍ତି, ଗେଲ କରନ୍ତି । କିଏ କୁଆଡ଼େ ଯାଉଥିବା ଆସୁଥିବା ବେଳେ ମଧ୍ୟ ଘର ଭିତରେ ଟିକିଏ ପଶି ତାକୁ ଗେଲ କରି ଚାଲିଯାନ୍ତି ।

ଚୁଲଘରକୁ ଚାରି ଛଅଘର ଛାଡ଼ି ଏକ କୋଠା ଘର । ଗାଁ ମହାଜନର ଘର ସିଏ । ଗାଁ ମହାଜନ ଭଲରେ ରହିବା ପାଇଁ ରାଧୁଆ ବି କେତେଦିନ ସେ ଘରେ ମୂଲଲାଗି କାମ କରିଛି । ରାଜ ସେହି ଘରର ପୁଅ, ଦଶ ବର୍ଷ ଚାଲିଛି—ଗାଁ ସ୍କୁଲରେ ପଢ଼ୁଥାଏ ।

ପଦ୍ମା ଚାହାଳିକୁ ଯାଉଥାଏ । ପଦ୍ମା ବୋଉ ଅବଧାନଙ୍କୁ ଧର୍ମର ଭାଇ କରିଥାଏ, ବହୁତ କରି କହିଥାଏ, "ମୁଁ ଭାଇ କିଛି ଦେଇପାରିବି ନାହିଁ, ପିଲାଟା ଯାହା ଖାଲି ଦିନସାରା ଖେଳୁଛି ଟିକିଏ ଚାହାଳିକୁ ଯାଉଥାଉ, ଦିଘଣ୍ଟା ବସି ପିଲାଏ ଯାହା ପଢ଼ୁଥିବେ ଶୁଣି ଆସୁଥିବ ।" ଅବଧାନ ପଦ୍ମାକୁ ଭଲ ପାଆନ୍ତି । ପାଖରେ ବସାଇ ପଢ଼ାନ୍ତି । କିଏ ସିଲଟ ଖଣ୍ଡେ ଦେଲଣି ତ କିଏ ପେନ୍ସିଲ

କ'ଣ ହେବ ? ପଦ୍ମା ମୋର କାମ କରିବ, ଆଉ ମୁଁ ଖୁଣ୍ଟ ଠା ପରି ବସିଥିବି ? ଦୀର୍ଘ ନିଶ୍ୱାସ ବହି ଆସେ ।

ଆସେ ଦୋଳ ପୂର୍ଣ୍ଣିମା—ବୃକ୍ଷ ଲତା ନବ ପଲ୍ଲବିତ ହୁଅନ୍ତି । ବୃନ୍ଦାବନରେ ସଖାସଖୀଙ୍କ ସହ କିଶୋର କିଶୋରୀଙ୍କର ଖେଳ—କୁଞ୍ଜେ କୁଞ୍ଜେ ହୋରି । ଫଗୁ ଖେଳରେ କୁଞ୍ଜଲତା ରଞ୍ଜିତ ହୋଇ ଉଠେ । ପଦ୍ମାର ସବୁ ମନେ ପଡ଼େ—ସ୍ୱପ୍ନପରି ଆଖି ଆଗରେ ସେ ସବୁ ଦୃଶ୍ୟ ଭାସିଚାଲିଯାଏ । ରାଜୁ ପିଚକାରି ଧରି ପହଞ୍ଚେ—ସଙ୍ଗରେ ନାନାପ୍ରକାର ଫଗୁ, ପଛକୁ ପଛ ଥାନ୍ତି ସାଇର କେତୋଟି ସାଥି । ଫଗୁଖେଳ ହୁଏ-ପିଚକାରିରେ ରଙ୍ଗ ମରାମରି ହୁଅନ୍ତି—ପଦ୍ମାର ଦେହମୁଣ୍ଡ ଲୁଗାପଟା ଅବିରରେ ବୁଡ଼ୁ ବୁଡ଼ୁ ହୋଇଯାଏ । ପଦ୍ମା ପିଚକାରି ଧରି ରାଜୁକୁ ପୁଣି ମାରିବାକୁ ଗଲାବେଳକୁ ସେ କହେ—

ରୁଣୁଝୁଣୁ ହୋଇ ଗାଧୋଇ ପାଧୋଇ
ଆସୁଛ କି ସଜେ ଗୋରୀ ?
ଜାନୁ ଯଉବନ ସବୁ ଦିଶୁଅଛୁ
ସରୁ ଲୁଗା ପୁଟିକରି ।

ରାଜୁ ହସେ—ସେ ହସରେ ବୃନ୍ଦାବନର ସ୍ୱପ୍ନ ଲୀନ ହୋଇଯାଏ ପଦ୍ମାର । ଖେଳ ସରେ ।

ରଜ ଆସେ । ମା ବସୁଧା ରଜୋବତୀ—କନ୍ୟାଏ ରଜ ପାଳନ୍ତି—ପଦ୍ମା ରଜ କରେ-ରାଜୁ ଆସେ । ପଦ୍ମା ଜଳଖିଆ ଦିଏ; ପାନ ଦିଏ, ଠାକୁରଙ୍କ ଧନରେ ଠାକୁରଙ୍କୁ ପୂଜାଲା ଭଳି, କୁଣିଆଙ୍କ ଦେଖାରରେ କୁଣିଅଙ୍କୁ ସନ୍ତୋଳିଲା ପରି । ତାସ ଖେଳହୁଏ । ଦୋଳି ଖେଳ ହୁଏ । ରାଜୁ ଓ ପଦ୍ମା ଦୋଳିରେ ବସନ୍ତି । ପବନରେ ପଦ୍ମାର ପଣତ ଫୁରୁ ଫୁରୁ ହୋଇ ଉଠେ । ମୁକୁଳା ବାଳଅହୁରି ସୁନ୍ଦର ଦେଖାଯାଏ । ଦୋଳିରେ ବସି ଗୀତଗାଅନ୍ତି ।

ରାଜୁ— ପର୍ବତ ଶିଖରେ ଆମ୍ବ ଗଛ
କି ସୁନ୍ଦର ବଢ଼ିଲାଣି,
ପାଚିଥିଲେ ସିନା ତୋଳି ଖାଆନ୍ତେ
କଞ୍ଚା ଯେ ଦୋଳି ଖେଳୁଛି ।

ପଦ୍ମା— ପର୍ବତ ଶିଖରେ ଚେକା ପଥର ଲୋ
ରଗଡ଼ିଲ ମୁଗ ଯାଇ,
ବାରାଣସି ଯାଇ ଏ ବର ପାଇଲି
ମୁଁ ଛୁଟିଲି ବାପ ଭାଇ ।

ରାଜୁ— ବାପ ଭାଇ ଥିଲେ କିସ କରିବେ ଲୋ
ଖଣ୍ଡେ ଅଧେ ସିନା ଦେବେ,
ପୋଷିଲ ସାଆନ୍ତ କୋଳରେ ବସାଇ
କାଳେ କାଳେ ସାଇତିବେ ।

ପଦ୍ମା ଦୋଳିରୁ ଓହ୍ଲାଇ ପଡ଼େ, ଘର ଭିତରକୁ ଗୁଲିଯାଏ । ଅନ୍ୟ ପିଲାଏ କିଛି ସମୟ ଦୋଳିରେ ବସି ଖେଳନ୍ତି । ଖେଳ ସରେ ।

ଆସେ ଖୁଦୁରୁକୁଣୀ ଓଷା । ସକାଳୁ ଉଠି ପଦ୍ମା ବାଡ଼ିମାନଙ୍କରୁ ଫୁଲ ତୋଳେ । ଫୁଲ ତୋଳା ସଙ୍ଗେ ତାର ମନେପଡ଼େ ଅଭିଶପ୍ତା ସ୍ୱର୍ଗର ଚନ୍ଦ୍ରସେନର ନାରୀର କଥା । ମର୍ତ୍ତ୍ୟରେ ସାଧବ ଘରେ ଜନ୍ମ ହୋଇ, ପୂର୍ଣ୍ଣ ଯୌବନଭରା ଜୀବନରେ ଷୋଳ ବର୍ଷ ବେଳେ ବିବାହ ହୋଇ, ଅଷ୍ଟମଙ୍ଗଳା ସରିବା ଦିନ, ଜୀବନର ଆଶା ଅପୂରଣ ରହି, ଗୁଲିଗଲା । ଯାହାର କହିବା ମାତ୍ରେ ବାପା ସୁନାର ଗୁନ୍ଦ ଗଢ଼ି ଦେଉଥିଲେ, ଯାହାର ସେବାପାଇଁ ଭାଇମାନେ ଭାଉଜ ମାନଙ୍କୁ ଖଟାଇଥିଲେ ଓ ଯାହାର ଅଙ୍ଗରେ ଅଷ୍ଟରତ୍ନର ଅଳଙ୍କାର ଖଞ୍ଜିଦେଇଥିଲେ, ଯାହାର ସୁନ୍ଦର ବିବାହରେ

ଜୀବନର ସୁଖସ୍ୱପ୍ନ ଜମାଟ ବାନ୍ଧି ଆସୁଥିଲା, ତାର ଏ ଅବସ୍ଥା, ଆଉ କାହିଁ ମୁଁ, କାହିଁ ଏ ଜୀବନରେ ସେ ଭାଇର ସ୍ନେହ ?

"ପଦ୍ମା !"

ରାଜୁଭାଇ ! ଏତେ ସକାଳୁ ଚାଲିଆସିଛ ? କିନ୍ତୁ ଖାଲିହାତରେ,— ମୁଁ ତ ସୁନା ଚୁଡ଼ି, ହୀରାର କଣ୍ଠେଇ, ଅଷ୍ଟ ରତ୍ନ ଅଳଙ୍କାର ପାଇଁ ଅଳି କରି ନଥିଲି । ଆଜି ମା ମଙ୍ଗଳାଙ୍କର ଓଷା, କାଲିଠାରୁ କହିଥିଲି, ମୋ ଫୁଲ କାହିଁ ?"

"ପଦ୍ମା, ଫୁଲ ଯେ ଫୁଟିନି, ଦରଫୁଟା ଫୁଲରେ କି ପୂଜା ହୁଏ ?"

"ବଡ଼ ଦୁଷ୍ଟ ତୁମେ ରାଜୁଭାଇ" କହି ପଦ୍ମା ଫୁଲ ତୋଳା ଛାଡ଼ି ଚାଲିଆସେ ।

ରାଜୁ ଫୁଲପାଇଁ ଅନେକ ଲୋକଙ୍କୁ ବରାଦ କରିଥାଏ । ବୋଝ ବୋଝ ଫୁଲ ଆସି ପଦ୍ମା ପାଖରେ ହାଜର ହୁଏ । ପଦ୍ମା ଫୁଲ ଗୁନ୍ଥିବସେ । ନାନା ପ୍ରକାରର ମାଳା ଗୁନ୍ଥେ । ମଙ୍ଗଳା ପଟି କାନ୍ଥରେ ମାରେ, ଠାକୁରାଣୀଙ୍କ ଦେହରେ ଫୁଲମାଳ ଚଢ଼ାଏ, ଧୂପ ଦିଏ, ଓଷା ବହି ପଢ଼େ, ଭୋଗରାଗ କରେ । ମଙ୍ଗଳା ଯେ ମନର କଥା ଜାଣନ୍ତି, ମଙ୍ଗଳା ଯେ ଜଗତଯାକର କଥା ଶୁଣିପାରନ୍ତି ସେ ଜାଣେ । ତାଙ୍କର ପାଖରେ ଅନ୍ତରର ପ୍ରଣତି ଜଣାଇ ପୂଜା ସାରେ ।

ଆସେ କୁମାର ପୂର୍ଣ୍ଣିମା । ନିର୍ମଳ ଶରତ ରାତିରେ ନୀଳ ଆକାଶରେ ଖେଳେ ଚାନ୍ଦ, ତଳେ ଖେଳୁଥାଏ କିଶୋରୀ । ରାଜୁ ଦେଖୁଥାଏ ସବୁ । ଦୂରରୁ ଶୁଣାଇକରି ଗାଏ;

'ଗାଈ ଛାଡ଼ିଦିଅ ଘରୁ
ବାଳ ଛାଡ଼ିଦିଅ ଅଣ୍ଟାକୁ ପଡ଼ୁ
ଲୟେ ଚମ୍ପାଫୁଲ ଝଡ଼ୁ

"ବଡ଼ ଚଗଲ ତୁମେ ରାଜୁଭାଇ । ଦେଖ ଆଜ ଚନ୍ଦ୍ର କି ସୁନ୍ଦର !"

'କିନ୍ତୁ ପଦ୍ମା, ତାଠାରୁ ସୁନ୍ଦରତର ହୋଇ ଉଠିଛୁ ତୁ । ଚନ୍ଦ୍ର ଏକା, ସଂସାରରେ କେହି ଏକା ସୁନ୍ଦର ନୁହନ୍ତି ।'

ରାଜୁଭାଇ, ଆଜ ଏଇ ପୂର୍ଣ୍ଣିମା ଦିନରେ ଶକ୍ତିମୟୀ ମାତା ପୁତ୍ରର ଭକ୍ତିରେ ପ୍ରୀତହୋଇ କଲ୍ୟାଣ କରିଥିଲେ । "ଆଜିର ପୂର୍ଣ୍ଣଚନ୍ଦ୍ର ପରି ପୂର୍ଣ୍ଣ ତୋର ଏଇ କୁମାରି ଅବସ୍ଥା ଚିରକାଳ ଅକ୍ଷୁର୍ଣ୍ଣ ରହୁ," କି ସୁନ୍ଦର କଲ୍ୟାଣ ।

ପୂର୍ଣ୍ଣିମା ପରେ ଆସେ ଦୀପାବଳୀ ଅମାବାସ୍ୟା । ସନ୍ଧ୍ୟା-ବେଳେ ଘରେ ଘରେ ଦୀପାଳୀ ଜଳୁଛି—ପିଲାଏ ଦଳ ଦଳ ହୋଇ ବାଣ ଫୋଟକା ମାରୁଛନ୍ତି । ଚାରିଆଡ଼ ଦୀପାବଳୀରେ ଆଲୋକିତ । ପଦ୍ମା ଦାଣ୍ଡଆଡ଼େ ଠିଆହୋଇ ଦେଖୁଛି—ଦୀର୍ଘ ବନବାସ, ବିରହ, ଦୁଃଖ କଷ୍ଟ ପରେ ଠାକୁର ଠାକୁରାଣୀଙ୍କର ଅଭିଷେକ । ଆଜିର ଘୋର ଅନ୍ଧକାରମୟ ଅମାବାସ୍ୟା ରାତିର ନିବିଡ଼ତା ଏଇ ଆଲୋକମାଳାରେ ନିଭିଗଲପରି ସଂସାରର ଦୁଃଖକଷ୍ଟ ଆଜିଠାରୁ ଯିବ । ଲୋକେ କେତେ ଖୁସି, ରାଜ୍ୟସାରା ଆନନ୍ଦ ଉତ୍ସବ, ଚାରିଆଡ଼େ ସାଜସଜା, ଚାରିଆଡ଼ ଆଲୋକ ମାଳାରେ ବିଭୂଷିତ । ଆଖି ଆଗରେ ଗୋଟି ଗୋଟି ହୋଇ ସେ ସବୁ ଦୃଶ୍ୟ ଦିଶିଯାଏ । ମାତ୍ର କାହିଁ ? ମୋର ପୁରି ଯେ ଅନ୍ଧାର, ମୋର ଦୁଃଖ କଷ୍ଟର ଅବସାନ......

ଆଉ ଭାବି ପାରିଲା ନାହିଁ—ରାଜୁ ଆଗରେ, ହଠାତ୍ ପାଚିରୁ ବାହାରି ଆସିଲା, "ରାଜୁଭାଇ, ଏତେବେଳେଯାଏ କୁଆଡ଼େ ଥିଲ ? ଆଜ ଯେ ଅଭିଷେକ ?"

"ଅଯୋଧ୍ୟାର ଅଭିଷେକ ମନେପଡ଼େ ପଦ୍ମା ? ଚଉଦ ବର୍ଷ ତ ପୂରିନାହିଁ ?"

"ବିଶ୍ୱାସ ନଥିଲା ଆଜି ଆସିବ ବୋଲି, ଗୁରଆଡ଼େ ଦୀପାଳୀ ଜଳୁଛି, ସବୁ ଘର ଆଲୋକିତ, କିନ୍ତୁ ଏ ଯେ ଗରିବର ଘର।"

ରାଜୁ ଆଖିରୁ ଦୁଇଧାର ଲୁହ ଝରି ପଡ଼ିଲା । ହାତରୁ ଦୀପାଳୀ, ବାଣସବୁ ଖସି ପଡ଼ିଲା । କହିଲା, ପଦ୍ମା, ତୁ ଗରିବ ବୋଲି କିପରି ଜାଣିଲୁ ? ତୁ କି କେବେ ଗରିବ ହୋଇପାରୁ ? ତୋର କଣ ଅଛି ତୁ ଜାଣୁ ନା— ତୋ ମୁହଁରୁ ଯଦି ଏପରି କଥା ଆଉ ଥରେ ଶୁଣେ ମୋର ଆଉ ଏ ଘରକୁ ଆସିବା ଏତିକି । ତୁ ଯେଉଁଠି ଅଛୁ ସେ ଘର କି କେବେ ଅନ୍ଧାର ହୋଇପାରେ ? ଦୀପାଳୀ ଯେ ଆଗରେ । ପଦ୍ମା ହସିଉଠେ ଫୁଲ୍ଲଫୁଲ୍ ଘରଯାକ ବିଛେଇ ହୋଇଯାଏ ।

କିଶୋର ଜୀବନ କୋଠା ଗୃହର ପ୍ରବେଶ ବୁଝିନା । ସେ ଗୃହେଁ ବାର ବରଗଛ ଓହଳରେ ଦୋଳି କରି ଦିନସାରା ବସି ଝୁଲିବାକୁ, ବାଡ଼ ଫାଙ୍କେ ଫାଙ୍କେ ଡକାଡକି ହୋଇ ବାହାରକୁ ଯାଇ ମୁକ୍ତ ଆକାଶ ତଳେ ପ୍ରାଣ ଖୋଲି ଜୋଛନା ରଜନୀରେ କୁଞ୍ଜରେ ଖେଳିବାକୁ । ସମାଜର କଡ଼ା ଆଖି ପଡ଼ି ନଥାଏ— ମନ ଥାଏ ମୁକ୍ତ, ସରସ, ସୁନ୍ଦର ଓ ସ୍ନେହଭରା ।

ପିଲା ବୟସର ସୁଖର ଦିନ, କିଶୋର ଜୀବନର ସ୍ନେହର ମନ ପରେ ପରେ ଗୃହୁଁ ଗୃହୁଁ ଗୁଲିଆସେ ପ୍ରେମର ନିବେଦନ ଘେନି ଯୌବନ । ପିଲାଦିନର ହସ ଖେଳ, କିଶୋର ବୟସର ମୁକ୍ତ-ବିହଙ୍ଗ-ଜୀବନ କେଉଁଆଡ଼େ ଗୁଲିଯାଏ । ବଣ ଭିତରେ ମତ୍ତହସ୍ତୀ ମାଡ଼ି ଆସିଲାପରି ଗୃହୁଁ ଗୃହୁଁ ମାଡ଼ିଆସେ ଯୌବନ, ମନହୁଏ ଉଚ୍ଚାଟ, ପ୍ରାଣ ହୁଏ ଉତ୍ତଳା, ଗତି ହୁଏ ଅବାରି । ବାଧହୋଇ ସମାଜ ଧରେ ଅଙ୍କୁଶ । ମତ୍ତହସ୍ତୀ ଜନ୍ତାଭିତରେ ପଡ଼ି ବାଡ଼େଇପିଟି ହେଲାପରି ଜୀବନ ହୁଏ ଛଟପଟ ।

ଆଜି ପଦ୍ମିନୀ ଯୁବତୀ, ଜୀବନ-କୁସୁମ ଦଳ ପାଖୁଡ଼ା ଖୋଲି ଫୁଟି ଉଠିଛି । ସୁନ୍ଦର ସ୍ୱାସ୍ଥ୍ୟ, ସୁନ୍ଦର ରୂପ, ଅଙ୍ଗେ ଅଙ୍ଗେ ଶୋଭା ଫୁଟି ଉଠୁଛି । ରାଜୁବାବୁ ଯୁବକ, ବନ୍ଧନ ଅବାଧ, ମିଳନ ଅବିରାମ । ଯୌବନ ବୁଝେନି କୋଠା ଓ ଗୃହ । କୋଠା ଗୃହର ପ୍ରଭେଦ କରେ ସଂସାରୀ । ଯେତେବେଳେ ବାଲ୍ୟ, କିଶୋର ଓ ଯୌବନର ଖେଳ ସାରି ସଂସାରୀ ସଂସାର ଆରମ୍ଭ କରେ ସେତିକିବେଳେ ସେ କୋଠାଘର କରି ରହିବାକୁ ମନ କରେ । ମାତ୍ର ଯୁବକ ଯୁବତୀ ଗୃହାନ୍ତ କାନ୍ଥ, ବାଡ଼, ବନ୍ଧ ଭାଙ୍ଗି ଦୁନିଆ ଏକ ହୋଇ, ଯୌବନ ଯୁଆର ଗୁରୁଅଡ଼େ ଅବାଧରେ ଖେଳିଉଠୁ, ଯୁବକ ଓ ଯୁବତୀ ନିର୍ବିଘ୍ନରେ ଖେଳୁଥାନ୍ତି । କିନ୍ତୁ ତାଙ୍କରପାଇଁ ମୁରବିମାନେ ପକାନ୍ତି କାନ୍ଥ ବାଡ଼, ତାଙ୍କର ପାଇଁ ବସେ ଗାଁରେ, ବାଟେ ଘାଟେ କୁତ୍ସା ହାଟ ।

# ତନ

"ଝୁଠ ନିରମଳ ପାଣି ଗଙ୍ଗାଜଳ
ମୁଗୁନି ପଥର ପଡ଼ିଛି,
କେତେ ଘସି ମାଜି ହେଉଛଲେ ସୁନ୍ଦରୀ
ତୋ ଲାଗି ପୁରୁଷ ଝୁରୁଛି—

"କାଲେ ମାଉସୀ ? ଆଜି କାହା ଉପରକୁ ଏତେ ରାଗ ?"

"ଆଲେ ରାଗ କଣ ? ଏଇଯଣି ପରା ଦେଖି ଆସୁଛି ଦିନଟାରେ ସେ ଟୋକାଟା ସେ ଘରେ ପଶି ଏପଟ ସେପଟ ହେଉଛି; ଆଉ ଇଆଡ଼େ ଆମର ପଦ୍ମା ଦେଈଙ୍କର ଘଷା ମଜା ସରୁନି ।"

"ଅଇଲେ ଆମ ସୁଆଗ ସୁନ୍ଦରୀ", ପଦ୍ମା ହସି ହସି କହିଲା । "ହଇଲେ ଅଈ, ତୋର ତ ରୂପ କାନ୍ତି ଦେଖିଲେ ଆମକୁ ଡର ଲାଗୁଛି, ତୁ ଆଉ ଯଦି ଟିକିଏ ସୁନ୍ଦରୀ ହୋଇଥାନ୍ତୁ କାହାକୁ ଖାତର କରନ୍ତୁ ନାହିଁ ।"

"ହଁ ଲୋ ଛିନକୀ ଟୋକୀ, ତମେ ସବୁ ଯେପରି ବୟସ ମଦରେ କାହାକୁ ଖାତର କରୁନ;

ବହୁତ ଗୋରୀ ଅଛୁ ଲୋ, ଧୋଇ ପିଇବୁ
ବାଳ ତ ଲମ୍ବ ଅଛି ଲୋ, ପାରି ଶୋଇବୁ—

କେତେଦିନ ଏ ଦେହେରୀକୁ ଧୋଇକରି ପିଆଇବୁ ଦେଖିବା ଯେ ।"

'ଏଇମାନେ ଅଜ୍ଞ ଯୌବନ ଯିବାପରେ ଯୌବନର ନିନ୍ଦା କରନ୍ତି' ପଦ୍ମା ମନେ ମନେ ଭାବେ ।'

ଚମ୍ପା କହିଲା, "ମାଉସୀ ! ପଦ୍ମା ଅପାକୁ ଡରେଇ ଦେଲୁ ବୋଲି କଣ ମୁଁ ଡରିବି ? ମୁଁ ପରା ତୋର ସବୁ କଥା ଜାଣିଛି । ସେଦିନ ଯେଉଁ ବାଧା ଗୋଇଠା ଖାଇଥିଲୁ, କାଲି ରାତିରେ ଯେଉଁ ଚୁଟି ଝିଙ୍କାଝିଙ୍କି ସେ କଥା ଆଉ ସିନା କେହି ଦେଖି ନାହାନ୍ତି, ମୁଁ କଣ ଜାଣିନି ? ଦିନେ ଦିନେ ମଉସା ବାଲିରୁ ଫେରିଲା ବେଳକୁ ଶୋଇଥାଉ ଯେ ଜୁଆଳି ଡହି ମଧ୍ୟ ବାଦ ଯାଏ ନାହିଁ । ସେଥିରେ ପୁଣି ଯେତେବେଳେ ଯିବ ଦେଖିବ—

ବଗ ମୁହଁ ଗୁହଁ ବଗୁଲି ବସେ
ତୋ ମୁହଁ ମୋ ମୁହଁ କେମିତି ଦିଶେ ।"

"ତୁ ତ ମୋର ବଡ଼ ଗୋଇ ରଖିଛୁ, ଅଲେ—

ବାଧା ଗୋଇଠା          ପିଠା ଗଇଁଠା
ମାଡ଼ରେ ମୁଁ ତାକୁ ଗଣାଇ ନାହିଁ;
ଚୁଟିଝିଙ୍କଣା          ଫୁଲ ବାଅଁଶା
ମାଡ଼ରେ ମୁଁ ତାକୁ ଗଣାଇ ନାହିଁ ।
ଯୁଆଳି ଡହି          ଢଗିଦେଲାପରି ଲାଗଇ ଦହି
ମାଡ଼ରେ ମୁଁ ତାକୁ ଗଣାଇ ନାହିଁ ।"

ସମସ୍ତେ ଠୋ ଠୋ ହୋଇ ହସି ଉଠିଲେ । ଗୋଟିଏ ହସର ଢେଉ ପୋଖରୀର ପାଣି ଉପରେ ଉପରେ ଖେଳିଗଲା ।

ପଦ୍ମା କହିଲା, "ନାଇଁମ ଅଈ, ଏତେ ରାଗୁଛୁ କାହିଁକି ? ଅଜାଙ୍କର ଏତେ ସ୍ନେହ ମମତା ତୋ ପାଖରେ ବୋଲି ମୁଁ ଆଗରୁ ଜାଣେ । ସେଇଥିପାଇଁ ସିନା ତୁ ଏତେ ସେବା ଦିନରାତି କରୁଥାଉ ?"

"ଅଲୋ ଠୋକା ।

ଯେଝା ଘର ତାକୁ ମଥୁରାପୁରୀ
ଯେଝା ବର ତାକୁ ଶ୍ରୀକୃଷ୍ଣ ପରି ।

ତାଙ୍କ ପାଖରେ ଠିଆହେଲେ ଭୁତ ପୋଇଲି କି ଗୃହକରଣୀ ପରି ଦିଶିବୁ ।

କେତେ ଚଗ୍ରୁଛୁ ମୋତେ
ତୋଠାରୁ ସୁନ୍ଦର ମୋର ବଡନୋଦଅ
ଗୃହକର ରଖିବ ତୋତେ ।

ଆଉ ଶୁଣିବୁ ପଦ୍ମୀ ? ଠୋକା ଦିନ ନା, ବୟସ ପଡ଼ିଛୁ, ଏ ସବୁ ଭଲ ଲାଗୁଥିବ ଶୁଣିବାକୁ । ହଉ ଥା, ମୁଁ ଆସୁଛୁ ଏଥର ।

ଝିଅ ଭଲକର ମାଜ
ମୁଦ ଭଲକର ମାଜ
ରଜା ଜାଣିଲେ ପରଜା ଜାଣିଲେ
ଆଉ କାହିଁ ପାଇଁ ଲାଜ ।

ରଙ୍ଗବୋଉ କହିଲା, 'ପଦ୍ମୀ, ତମର ତ ଚେହେରା ଖଣ୍ଡେ ଖଣ୍ଡେ ପାଇଛ ବୋଲି ଆଉ ଡର, ଭୟ କି ଲାଜ ନାହିଁ । କିନ୍ତୁ ଏ ସବୁ ବଜାର ଜାଗାକୁ ସାଜେ, ଯେଉଁଠି ସମାଜ ନାହିଁ, ଲୋକର ଲୋକର ସମ୍ବନ୍ଧ ନାହିଁ, ଏ ଘରେ ଲୋକ ମଲେ ଆର ଘର ବାଲା ଜାଣୁ ନାହାନ୍ତି । ମାତ୍ର ଆମ ଏ ମଫସଲକୁ ଏ ସବୁ ସାଜେ ନାହିଁ । ଏ ଘରେ ସୋରିଷ ଫୁଟିଲେ ଆର ଘରକୁ ବାସୁଛୁ । ଆମର ସମାଜ ଅଛୁ, ବାଧା ଅଛୁ, ବନ୍ଧନ ଅଛି, ମାନ ଅଛି, ମହତଅଛି । କି ସାହସରେ ପଦ୍ମୀ ତୁ ଏଡ଼େ ବଡ଼ ନାଆଁରେ ହାତ ପଡ଼ାଇଲୁ ?'

'ମାଇଁ ମୁଁ ଦେଖୁଛି ତମେ ଯେଉଁମାନେ ସବୁ ମୋତେ ଅଳଯାଏ ଏଡ଼େ ସ୍ନେହରେ ବଢ଼ାଇ ଆସି ଏତେ ଆଦରରେ

କଥା କହୁଥିଲ ଏବେ ଦୂରରୁ ଦୂରକୁ ତଡ଼ିବାକୁ ଲାଗିଛ । ମୋତେ ଘୃଣା ଆଖିରେ ଦେଖୁଛ । ମୋ ଗୃହଚଳନ ଆଜି ତମକୁ ସବୁ ଭଲ ଲାଗୁନି—ସତରେ କଣ ମୁଁ ଦୋଷ କରୁଛି ? ସତରେ କଣ ମୁଁ କିଛି ପାପ କରୁଛି ?"

'ପାପ କରୁଛୁ କି ନାହିଁ ମନକୁ ପଚାରେ ପଦା' ହରଅ ବୋଉ କହିଲା । "ଆଲୋ—

ମୁଣ୍ଡରବାଳ ଯେତେ ବଡ଼ ହେଲେ
ଖୁପୁରି ଦେଲେ ଯିବ,
ଆଖିରବାଳ ଏଡ଼ିକି ଏଡ଼ିକି
ସବୁ ବସି ଦେଖୁଥିବ ।

ଯିଏ ଯାହା କରୁଛ, ମୁଁ ବୁଢ଼ୀ ଲୋକ ସିନା କୁଆଡ଼େ ଯାଇ ଆସି ପାରୁନି, ଏଇଠି ବସି ସବୁ ଦେଖୁଛି । ଷାଠିଏ ବର୍ଷର କଥା ଗୋଟି ଗୋଟି ହୋଇ ସବୁ ମନେ ଅଛି—କିନ୍ତୁ ଏପରି ଏକେଙ୍କାର କଥା ସବୁ କେବେ ଦେଖି ନଥିଲି, ଏସବୁ ଦେଖି ଆମକୁ ନିଜକୁ ଏ ଦିନେ ବି ଲାଜ ଲାଗୁଛି ।"

"କାହାକୁ ସଜାଡ଼ିବାକୁ ଯାଉଛୁ ହରଅବୋଉ," ମାଳବୋଉ ବାହାରପଡ଼ି କହିଲା । "ଯେତେ ବୁଝାଇଲେ ସେମାନେ କଣ ବୁଝିବେ ? ସେମାନଙ୍କୁ କହିଲେ ବି ଆଉ ହେବ ନାହିଁ ।

ହେଇ ନାହିଁ କି ହବ ନାହିଁ;
ଗାଁ ଦେବୀଶୁର,' ଗାଁ ଭାଇବୋହୂ
ମୁଣ୍ଡରେ ପଣତ ଦେଇନାହିଁ କି ଦେବ ନାହିଁ ।"

"ବଡ଼ମା ! ଶେଷକୁ ତମେ ବି ଥିଲ; ତମେ ବି ସେଇଆ କହୁଛ, ମୋତେ ତ ପିଲାଦିନରୁ ଦେଖି ଆସୁଛ, ମୋର କଣ ଦୋଷ ଦେଖିଛ ? ମୁଁ କି ପାପ କରୁଛି; କହ ବଡ଼ ମା ?"

ମୋଟ ବୋଉ କହିଲା, "ପଦ୍ମୀ, ତୁ ତ ଆଜ କାଲିକା ଟୋକୀ, ସେଇଥିପାଇଁ କିଛି ଜାଣିପାରୁନୁ; ପାପ କଣ, ଦୋଷ କଣ ପଚାରୁଛୁ । ଏହିପରି ପାଞ୍ଚକଥା ଶୁଣାଯିବାରୁ ସୀତା-ଠାକୁରାଣୀଙ୍କୁ ଘରୁ ବାହାର କରି ଦିଆଯାଇଥିଲା, ଆଉ ତୁ ଜାଣିଥା, ଆମେ ଥିଲୁ ଯାଏ ।

ଦେଖୁଥିବୁ ସିନା ଖାଇବୁ ନାହିଁ
ମୂରୁକ ହସାରେ ପେଟ ପୁରୁଥିବ
ମରୁଥିବୁ କୋଢ଼ କରୁଢ଼ ହୋଇ
ଧନେ କୋଳେ ଘେନି ଶୋଇବୁ ନାହିଁ ଲୋ
ସେରନ୍ତା ମୁହିଁ ।"

ପଦ୍ମା ଅନୁଭବ କଲା ସେ ଯେପରି ଗାଁ ମାଇପିଙ୍କର ଏକ ଥଟ୍ଟାର ପାତ୍ର ହୋଇଛି । ମନ ଦୁଃଖରେ ଘରକୁ ଫେରିଲି— ସତେ ଯେପରି କିଏ ତା ଅନ୍ତର ଭିତରେ ବାରମ୍ବାର ଲୁହା ହାତୁଡ଼ିରେ ଆଘାତ କରୁଛି । ଏ ସବୁ କଣ ବୁଝି ପାରୁନି—

ସଂସାରରେ କେତେ କିଏ କଣ ନ କରୁଛନ୍ତି । କେହି ତ ତାର ହିସାବ ରଖୁନି । ଏମାନେ ମୋ କଥା ଦିନରାତି ପକାଇ କଣ ଫଳ ପାଉଛନ୍ତି ? କଣ ବା ପାଇବାକୁ ଆଶା କରିଛନ୍ତି ? ଆଜ ସେମାନେ ମୋତେ ଥଟ୍ଟା କରୁଛନ୍ତି, କାହିଁକି ? ମୁଁ କି ପାପ କରିଛି କି ଦୋଷ କରିଛି ?

ନା ମୁଁ କିଛି ଭୁଲ କରିନାହିଁ । କେବଳ ମୁଁ ଭୁଲ କରିଛି ଏମାନଙ୍କ ସଙ୍ଗେ କଥାବାର୍ତ୍ତା କରି । କଥା କହିଲେ ପ୍ରତିକଥା ଶୁଣିବାକୁ ମିଳେ । ପାଞ୍ଚ ପଦ କହିଲେ ପଦେ ଭୁଲ ରହିଯାଇ ପାରେ । କାମୁଠିଏ କଲେ ନାନା କଥା ଶୁଣିବାକୁ ମିଳେ । କିନ୍ତୁ ଯେ କିଛି କରୁ ନାହିଁ, କାହାକୁ କିଛି କହୁନାହିଁ ତାର ଭୟ

କରିବାର କିଛି ନାହିଁ । ଯେପରି ଖୁଣ୍ଟିଟିଏ ଠିଆ ହୋଇଛି, କେହି ତାକୁ ତ କିଛି କହୁ ନାହାନ୍ତି ?

ନଡ଼ାମୂଳ ଏକାଠି ହେଲେ ଇନ୍ଦ୍ର ମଧ୍ୟ ହାରିଯାଉଛି । ସେହିପରି ଆଜ ଏ ପାଞ୍ଚ ଲୋକ ପାଞ୍ଚକଥା ଏକାଠି କରି କଥାକୁ ଗଣ୍ଠି ପକାଇ ବସିଲେଣି । କଣ କରିବ ?

## ଚ୍ଚର

"ଫୁଲ, ବଡ଼ଲୋକମାନଙ୍କର ବିଷୟନେଇ କାବ୍ୟ ଉପନ୍ୟାସ ଲେଖାହୁଏ; ବଡ଼ ଲୋକଙ୍କ କଥା ଭାବନ୍ତି, ଭଲମନ୍ଦ କାଗଜ-ମାନଙ୍କରେ ବାହାରେ । ସମସ୍ତେ ପଢ଼ନ୍ତି, ଶୁଣନ୍ତି, ଆମେ ପଢ଼ୁ । ମାତ୍ର ଆମ କଥା ତ କେହି କେବେ ଭାବେନି; ଆମର ତ ସେମାନଙ୍କ ପରି ଜୀବନ ଅଛି, ଆଶା ଅଛି, ଆକାଂକ୍ଷା ଅଛି, ହୃଦୟ ଅଛି । ଆମ ଆଶା ଉଏଁ, ଆଶା ନିଭେ । ଆମ ଜୀବନର ଇତିହାସ ଆମ ଗାଁ ମାଟିରେ ଲୁଚେ, କେହି ମନେ ରଖିବାକୁ ଇଚ୍ଛା କରନ୍ତି ନାହିଁ । ବଡ଼ଲୋକ ମଲେ ତାଙ୍କ ସ୍ମୃତିପାଇଁ ସମାଧି କବର ଓ ସ୍ମୃତିସ୍ତମ୍ଭ ପ୍ରଭୃତି ତିଆରି ହୋଇ ରହେ କାଳ କାଳକୁ । ମାତ୍ର ଆମ ଦେହ ପାଉଁଶ ହୋଇ ମାଟିରେ ମିଶିଯାଏ । ତେବେ ଆମର ଜନ୍ମ କାହିଁ ? ଆମେ ଆସିଛେ କାହିଁକି ?"

କିଏ କାହିଁକି ଆସିଛେ ସେ ଉତ୍ତର କେହି ଦେଇ ପାରିବେ ନାହିଁ । ଆମେ ଆସିଛେ ଆମେ ଯିବା, ସେମାନେ ଆସିଛନ୍ତି ସେମାନେ ଯିବେ । ତାଙ୍କ ବଡ଼ଲୋକ ତାଙ୍କୁ ବେଶୀ ଦିନ ରଖି ପାରିବ ନାହିଁ, କି ଆମ ଛୋଟ ଲୋକ ଆମକୁ ଆଗରୁ ନେଇ ପାରିବ ନାହିଁ । ଜଣା ଶୁଣା ହୋଇଯିବା ଯାହା, ଅଜଣା ଅଶୁଣା ହୋଇଯିବା ସେଇଆ । ଯେଉଁମାନେ ଜାଣିବେ ସେମାନେ କେତେଦିନ ରହିବେ ? ସେମାନେ ତ ପୁଣି ଆମ ପରି

ପଛେ ଯିବେ । ବଡ଼ ବଡ଼ ଲୋକଙ୍କର ବଡ଼ ବଡ଼ କଥା, ଆମକୁ ସେଥିରୁ କଣ ମିଳିବ । ଯେଉଁ ବଗିଚାରେ ଗୋଲାପ ଫୁଟେ, ସେଇ ବଗିଚାରେ ତ ପୁଣି ଗେଣ୍ଡୁ, ମଲ୍ଲିଦଲ, ହରଗଉରୀ ଫୁଲ ଫୁଟେ । ସମସ୍ତଙ୍କ ପାଇଁ ଏ ସଂସାରରେ ସ୍ଥାନ ଅଛି ।" ବିଜନ ପାଖରେ ଥାଇ ସବୁ ଶୁଣୁଥାଏ ।

ବହୁତ ଦିନ ହେଲା ଏମାନେ ଗାଁକୁ ଚାଲି ଆସିଲେଣି । ବାହାରେ ସାତ ଆଠ ବର୍ଷ ରହିବା ପରେ ଦେଖିଲେ ଚାକିରି କରି ଏତେ ଖଟି କିଛି ଲାଭ ନାହିଁ ! ଏତେ ପରିଶ୍ରମକୁ ଟଙ୍କା ତିରିଶଟି । ଯାହା ପାଆନ୍ତି ଖାଇ ଦିଅନ୍ତି । ଆଠ ବର୍ଷରେ ଆଠଟି ପଇସା ରଖି ପାରିନାହାନ୍ତି । ତେବେ ବିଦେଶରେ ବୁଲି ଲାଭ କଣ ? ଯାହା ସାମାନ୍ୟ ବିଲ ବାଡ଼ି ଅଛି, ଆଉ କାହାଠାରୁ କିଛି ବିଲବାଡ଼ି ଧରି ଗାଁ ମାଟିରେ ଲାଗିବା ଭଲ—ସେଥିରେ ହେଲେ ଘର ଖଣ୍ଡିକୁ ଦେଖି ପାରିବା, ସାଇ ପଡ଼ିଶା ଧରି ରହିବା, ସେଥିରେ ସୁଖ ଅଛି, ଶାନ୍ତି ଅଛି । ଫୁଲି ଏଇ ଜିଦ୍ ଧରିବାରୁ ସେମାନେ ଗାଁ ମାଟିକୁ ଫେରି ଆସିଛନ୍ତି ।

ସଂସାରର ଦୁଃଖଧନ୍ଦା ମଧ୍ୟରେ ଅନୁଶୋଚନା ନ କରି ଯେ ହସି ଖେଳି ନିଜର ସଂସାର ଚଳାଇଛି ସେଇ ପ୍ରକୃତ ସ୍ତ୍ରୀ । ଫୁଲିର ମନରେ କେବେ ଅଭାବର ଚିହ୍ନ ନାହିଁ କି ସେ କେବେ ଦୁଃଖରେ ବିରସ ନୁହେଁ । ହସି ଖେଳି ସଂସାର ଚଳେଇ ଥାଏ । ସାଧୁଆ ବିଲ ପାଇଟି କରେ—ବିଜନ ଏତିକି ବଡ଼ ହୋଇ ଆସିଲାଣି, ଗାଁ ସ୍କୁଲରେ ପଢ଼ୁଥାଏ ।

ରାତି ଦୁଇଟା—ତଥାପି ଫୁଲି ଦେହର ତାତି ୧୦୨ ଡିଗ୍ରି । ଆଗେ ପ୍ରାୟ ରାତିକି ଜର ଟିକିଏ ଟିକିଏ କମି ଆସୁଥିଲା—ମାତ୍ର ଏବେ ଜର ଆଦୌ କମୁଁ ନାହିଁ । ବିଜନ ପାଖରେ ବସି ରହିଛି, ପିଲାଟି କଣ କରିବ ? ମା ଅନେକଥର ବ୍ୟସ୍ତ ହୋଇ କହୁଥାଏ,

"ଯା ଶୋଇବୁ, ଦେହ ଖରାପ ହେବ ଯେ।" ତଥାପି ସେ ଶୋଇବାକୁ ଯାଉନି, ସେହିପରି ବସି ରହିଥାଏ।

ସକାଳ ହୁଏ, ଗାଧୋଇ ପଡ଼ି ହାତରେ ଫୁଲ ଧରି ମା ଯାଉଥିବା ଠାକୁରଙ୍କ ପାଖକୁ ଯାଏ। ଫୁଲ ଦିଏ, ବିକଳ ହୋଇ ମୁଣ୍ଡିଆ ମାରେ; ମାତ୍ର ଠାକୁରଙ୍କର ଦର୍ଶନ ପାଏ ନାହିଁ, ପାଏ ପଥରର ଦର୍ଶନ।

ମା'ର ନିଶ୍ୱାସ, ମା'ର ବିକଳତା ମା'ର ଶକ୍ତି, ପୁଅ ପାଇଁ ଯେଉଁ ପଥର ଦେହରୁ ଠାକୁରଙ୍କର ବିଗ୍ରହ ଟାଣି ଆଣିଥିଲା, ସେ ଶକ୍ତି ପୁଅଠାରେ କାହୁଁ ଆସିବ ? ପୁଅ ମା ପାଇଁ, ସ୍ୱାମୀ ସ୍ତ୍ରୀ ପାଇଁ ବିକଳ ହୋଇ ଯେ ଅଶ୍ରୁ ଝରାନ୍ତି ସେ ଲୁହରେ କେବଳ କାନ୍ଦୁରା ହୁଏ, ମାତ୍ର ମା ପୁଅ ପାଇଁ ଓ ସ୍ତ୍ରୀ ସ୍ୱାମୀ ପାଇଁ, ଯେ ଅଶ୍ରୁ ଢାଳେ ସେଥିରେ ଝରେ ଶତ ଶତ ଅଭିଶାପ ଠାକୁରଙ୍କ ଉପରେ। ଯାହାକୁ ସେମାନଙ୍କର ସହିବାର ଶକ୍ତି ନାହିଁ, ଯାହାକୁ ସେମାନେ ଏଡ଼ି ଦେଇ ପାରନ୍ତି ନାହିଁ। ନାରୀର ନୟନରୁ ଯେ ନୀର ମାଟି ଉପରେ ପଡ଼େ ତାହା ଭୋଗବତୀର ତାନରୁ ଅଧିକ ଆଲୋଡ଼ିତ କରିଦିଏ ପାତାଳ ବକ୍ଷକୁ।

ସାଧୁଆ ବାରିଆଡ଼େ କୁଆଙ୍କୁ ଆହାର ଦେଲା, କୁଆଏ ଆସିଲେ ନାହିଁ। ଗୋରୁ ପିବା ବାଟରେ ଉସୁନା ଗୁଣ୍ଡୁଳ ନେଇ ଥୋଇଲା, କେହି ହେଲେ ସେଥିରେ ମୁହଁ ମାରିଲେ ନାହିଁ। ଜ୍ୟୋତିଷ ଗଣି ପୋଛି କହି ଯାଇଛି ଏଇ ସଂକ୍ରାନ୍ତିଟା କଟିଗଲେ ରିଷ୍ଟ କଟିଯିବ, ଆଉ ବିପଦ ନାହିଁ। କା'ଲି ଯେ ସଂକ୍ରାନ୍ତି, ଏହା ଭାବିବା ବେଳକୁ ସାଧୁଆର ମୁଣ୍ଡ ବାଇଁବାକୁ ଧରିପାଉଛି।

ଆଜି ସଂକ୍ରାନ୍ତି—ଜର ବେଳକୁ ବେଳ ବଢ଼ୁଛି, ଫୁଲ ବିଛଣାରେ ଶୋଇଛି, ମଥାରେ ସିନ୍ଦୁର, ହାତରେ କାଚ। ଏକ ପାଖରେ ବସିଛି ବିଜନ, ଅନ୍ୟ ପାଖରେ ସାଧୁଆ। ଏଇ ଯେ

ତାର ସ୍ୱର୍ଗ, ଏଇ ଯେ ତ ର ଅନ୍ତରର କାମ୍ୟ ଥିଲା, ଏଇଥିପାଇଁ ସେ ଠାକୁରଙ୍କୁ କେତେ ମୁଣ୍ଡିଆ ମାରିଛି; ଠାକୁରେ ତା ଇଚ୍ଛା ପୂର୍ଣ୍ଣ କରିଛନ୍ତି, ସେ ସୁଭାଗା । ଗାଁ ଲୋକେ ରୁଣ୍ଡ ହୋଇଛନ୍ତି, ବଳନର ଆଖିରୁ ଲୁହ ଧାର ବୋହୁଛି, ସାଧୁଆ କେବଳ ବୋକାଙ୍କ ପରି ଗୃହାଁ ରହିଛି । ସମସ୍ତେ କହିଲେ 'ବଳନ, ମା ପାଟିରେ ଗଙ୍ଗାଜଳ, ନିର୍ମାଲ୍ୟ ଦେ' । ସେଇତକ ପାଇ ଫୁଲ ଆଖି ବନ୍ଦ କଲା ।

ବଳନ, ସାଧୁଆ ଛଡ଼ା କାହାମନରେ ଆଉ ଦୁଃଖ ନାହିଁ । ସମସ୍ତେ କହୁଛନ୍ତି 'ଫୁଲ ସୁଲକ୍ଷଣୀ; ଯାହା କରିବାର କରିସାରିଛି— ଭଲ ଯୋଗରେ ପୁଅ ଘଇତାଙ୍କ ଆଗେ ଚାଲିଗଲା ।' ସମୟର ମୂଲ୍ୟଥାଏ । ଯୁବା ବୟସରେ ପିଏ ମଲେ, କେବଳ ତାର ବାପ ମା ନୁହନ୍ତି, ଗାଁ ଗଣ୍ଡା ବି ଆହା ଆହା କରନ୍ତି । ବୁଢ଼ାବୁଢ଼ୀ କିଏ ମଲେ କାହା ମନରେ ସେତେ ଦୁଃଖ ଆସେ ନାହିଁ, କାରଣ ସେମାନେ ସଂସାରରେ ଯାହା କରିବାର କଥା କରି ସାରିଥାନ୍ତି; ଏଣିକି ଭଲଦିନ ଦେଖି ଭଲରେ ଚାଲିଯିବାରି ଭଲ ।

ଗାଁ ମାଟିରୁ ସାଧୁଆର ମନ ପୂର୍ଣ୍ଣ ଭାଙ୍ଗିଗଲା । ଏଇ ମାଟିରେ ସେ ପାଇଥିଲା ଫୁଲକୁ, ଏଇ ମାଟିରେ ସେ ତାକୁ ହରାଇଲା ଚିରଦିନ ପାଇଁ । ସେ ଘରେ ଗୋଡ଼ ଦେବାକୁ ଆଉ ତାର ମନ ଧରିଲା ନାହିଁ । ସେ ଗାଁ ଛାଡ଼ି ଦେବାକୁ ବସିଲା ।

ବଳନ ଏଣିକି ବଡ଼ ହେଲଣି । ଭଲ ପଢ଼ୁଥାଏ । ସାଧୁଆ ଦେଖିଲା ଯୁଆଡ଼େ ଗଲେ ତ ସେଇ ମୂଲ ଲାଗିବାକୁ ପଡ଼ିବ । ଜମିବାଡ଼ି ତ ସେପରି ନାହିଁ ଯେ ସେଥିରେ ପୁଅଟିକୁ ପଢ଼ାଇବ । ତେବେ ଗାଁରେ ମୂଲ ଲାଗିବା ଅପେକ୍ଷା ସହରରେ ମୂଲ ଲାଗିବା ଭଲ; ପୁଅଟି ପାଖରେ ରହିବ, ଯାହା ଚାରିପଇସା ପାଇବ

ସେଥିରେ ଚଳିବାକୁ ପଡ଼ିବ । ସାଧୁଆ କାମଜାଣେ, ଦେହରେ ତଥାପି ବି ବଳ ଥାଏ, ମନରେ ସାହସ ଥାଏ ।

ସହରକୁ ଗଲେ—ଖୋଟେ ଗୃହଘର ଖଣ୍ଡିଏ ଭଡ଼ାନେଇ ରହିଲେ—ଦୁଇ ତିନି ଦିନ ପରେ ସାଧୁଆ କାମ ଖଣ୍ଡେ ପାଇଲା—ରାଜମିସ୍ତ୍ରୀ କାମ କରିବାକୁ ପଡ଼ିବ ; ଦିନକୁ ଦୁଇଟଙ୍କା ମଜୁରି । ସେଇଥିରେ ବାପ ପୁଅ ଚଳିଯାନ୍ତି; ସେଇଥିରୁ ପୁଅର ସ୍କୁଲ ଦରମା, ବହିପତ୍ର ଇତ୍ୟାଦି । ସାଧୁଆ କେବେ ନିଜେ ଘର ଚଳେଇ ଜାଣିନି, ଅନେକ ସମୟରେ ଅଭାବ ଅସୁବିଧାରେ ପଡ଼େ । ଏଇ ଅଭାବ ପାଇଁ ଫାକ୍ଟରୀ କାମ ଛାଡ଼ି ସାଧୁଆ ଧରିଲା ଚୃଷ, ପୁଣି ଚୃଷ ଛାଡ଼ି ଏବେ ଧରିଛି ସହରରେ ମୂଲିଆ ବେଶ । ସବୁ ଏକା କଥା, ଖୋଟେ କାନି କୁଅଡ଼କୁ ପାଏନି । ସଧୁଆ ଜାଣି ପାରେ ନାହିଁ ଯେ ଘଡ଼ିଟିକୁ ପୋଖରୀରେ ବୁଡ଼ାଇଲେ ଯେତିକି ପାଣି ଧରିବ, ସମୁଦ୍ରରେ ବୁଡ଼ାଇଲେ ସେତିକି ଧରିବ, ଯେତେ ଯୁଅଡ଼େ ଦଉଡ଼ିଲେ: ବାଡ଼େଇକୁଟି ହେଲେ କିଛି ଲଭନାହିଁ, ଯାହା ଅଛି ସେଇଆ ।

ବିଜନ ସ୍କୁଲରେ ପଢ଼ୁଥାଏ । ଭଲ ପଢ଼େ । କ୍ଲାସ୍‌ରେ ପ୍ରଥମ ହୁଏ । କାହାକୁ କିଛି କହେନାହିଁ; ସ୍କୁଲରେ ସେ ଗୋଟିଏ ଭଲପିଲା ବୋଲି ସମସ୍ତେ, ଜାଣନ୍ତି—ଶିକ୍ଷକମାନେ ଭାରି ଭଲ ପା'ନ୍ତି—ସାଙ୍ଗପିଲାମାନେ ସଦାବେଳେ ତା ପାଖକୁ ଯିବା ଆସିବା କରନ୍ତି । ଅନେକ ଆସି ତା ସଙ୍ଗେ ଏକାଠି ପଢ଼ାପଢ଼ି କରନ୍ତି । ସ୍କୁଲ ଜୀବନରେ ଧନୀ ଦରିଦ୍ରର ପ୍ରଭେଦ ନ ଥାଏ । ସମୟ, ସମବୟ୍ସ, ଭାବ ମନ, ମନ ଓ ଅନ୍ତର ଅନ୍ତର ଏକ କରିଦିଏ । ସ୍କୁଲ ଦିନର ସାଥି ସାରା ଜୀବନରେ ଭୁଲିହୁଏନି । ଦିନ, ମାସ, ବର୍ଷ ଏହିରୂପର କଟି ଚାଲିଲା ।

ଏକା ସାଇରେ ରବି ବାବୁଙ୍କର ଘର । ସେ ଠିକାଦାରୀ କରନ୍ତି । ବହୁତ ଟଙ୍କା ପାଆନ୍ତି । ତାଙ୍କ ଝିଅ ନିର୍ମଳା ସ୍କୁଲରେ ପଢ଼ୁଥାଏ । ବିଜନ ସେହି ସ୍କୁଲରେ ପଢ଼ୁଥିଲା, ଏବେ ସ୍କୁଲ ଛାଡ଼ି ସେ କଲେଜକୁ ଗଲାଣି । ଟଙ୍କା ଅଭାବଯୋଗୁଁ ଓଳିଏ ଓଳିଏ ଟିଉସନ କରେ, ତଥାପି ସେ ଭଲ ପଢ଼ୁଥାଏ । ରବିବାବୁ ନିର୍ମଳାଠାରୁ କେତେଥର ଶୁଣିଛନ୍ତି ବିଜନ ଭଲପିଲା, ସ୍କୁଲରେ ଭଲ ପଢ଼େ, ଚରିତ୍ର ସୁନ୍ଦର, ଦୁଷ୍ଟ ପିଲାଙ୍କ ସଙ୍ଗେ ମିଶେ ନାହିଁ । ଦିନେ ସେ ବିଜନକୁ ବସାକୁ ଡାକି ସବୁକଥା ତାଠାରୁ ବୁଝିଲେ; କହିଲେ, "ବିଜନ ! ତମେ ଭଲ ପଢ଼ୁଛ ବୋଲି ମୁଁ ଶୁଣି ଭାରି ଖୁସି । ଦେଖିବି ବୋଲି ଡାକିଥିଲି; ଏଇ ପାଖରେ ତ ଅଛ, ବେଳେ ବେଳେ ଆମ ଘରକୁ ବୁଲି ଆସୁଥିବ, ନିରୁ କିପରି ପଢ଼ୁଛି ଟିକିଏ ଦେଖୁଥିବ ।" କିଛି ନ ଭାବି ବିଜନ ରାଜି ହୋଇଗଲା । କାହିଁକି ? ସେ ଜାଣେ ଏହାଦ୍ୱାରା ତାର ନିଜର ପଢ଼ାରେ ଟିକିଏ ବାଧା ଆସିବ, ତଥାପି ନାହିଁ କରି ପାରିଲା ନାହିଁ । ରବିବାବୁ ବଡ଼ଲୋକ ବୋଲି କଣ ତାଙ୍କ କଥା ଉପେକ୍ଷା କରି ପାରିଲା ନାହିଁ । ରବିବାବୁ ତାଙ୍କ ଘରେ ବଡ଼ ଲୋକ ହୋଇ ପାରିଥାନ୍ତି, ସେ ତ କେବେହେଲେ ବିଜନକୁ କିଛି ସାହାଯ୍ୟ ଦେଇ ନାହାନ୍ତି, ତାର ଦୁଃଖସୁଖ କେବେ ପଚାରି ନାହାନ୍ତି, କି ତାର କିଛି ଉପକାର କରି ନାହାନ୍ତି ? ସାଇର ପିଲା ଭାବରେ, ସ୍କୁଲର ଛାତ୍ରୀ ଭାବରେ ବିଜନ ଅନେକଥର ନିର୍ମଳାକୁ ଦେଖିଛି; ବୋଧହୁଏ ତାର ସାନିଧ୍ୟ ଲାଭ ପାଇଁ ତାର ମନ ଆଗରୁ ସୁବିଧା ଖୋଜି ବୁଲୁଥିଲା ।

ବିଜନ ସୁବିଧା ଦେଖି ଦିନେ ଦିନେ ଆସେ । ସବୁଦିନେ ଆସି ପାରେ ନାହିଁ । ନିଜ ପଢ଼ାରେ ବ୍ୟସ୍ତ ଥାଏ । ନିର୍ମଳା ଦିନେ ପଚାରିଲା ।

'ପାଖରେ ତ ଅଛନ୍ତି, ସବୁଦିନ ଆସୁ ନାହାନ୍ତି କାହିଁକି ?'.

'ପଢ଼ା ପଢ଼ି କରୁଥାଏ, ଦିନେ ଦିନେ ଆସି ହୁଏ ନାହିଁ ।'

'ଏଠାରେ ଆସି ପଢ଼ିଲେ କଣ ଅସୁବିଧା ହେବ ? ଓଃ ବାପାଙ୍କୁ ଡରୁଛନ୍ତି ପରା ! ବାପା କିଛି କହିବେ ନାହିଁ ଆସିଲେ ।'

'ଆସିବି; ତେବେ ଏ ଦୁଇଦିନ ଟିକିଏ ବ୍ୟସ୍ତ ଅଛି, ଆସି ପାରିବି ନାହିଁ । ଆମର କଲେଜରେ ଏକ ବକ୍ତୃତା ପ୍ରତିଯୋଗିତା ଅଛି; ବିଷୟ 'ନାରୀ' । ତେଣୁ ବହୁତ ବହୁତ ବହିପତ୍ର ବାହାର କରି, ମଡ଼ି ପ୍ରସ୍ତୁତ ହେଉଛି ।'

'ଦୁଃଖ କରିବେନି ବିଜନବାବୁ ! ଆପଣମାନେ ତ ନାରୀ ନୁହନ୍ତି, କିପରି ନାରୀର ମନ, ଚରିତ୍ର, ଅନ୍ତର ବିଷୟରେ ବକ୍ତୃତା ଦେବାର ସାହସ କରନ୍ତି ? ସମୁଦ୍ର ଭିତରେ ମଣି ମୁକ୍ତା ଅଛି ବୋଲି ତା ଭିତରେ ପଶି ମଣିମୁକ୍ତା ଖୋଜିବା ଯେତିକି ଅସମ୍ଭବ ବାହାରୁ ନାରୀର ଚରିତ୍ର ଚିତ୍ରଣ ଠିକ୍ କରିବା ସେତିକି ଅସମ୍ଭବ ।'

'ନାରୀ ନାରୀକୁ ନିଜେ ଯେତେ ଚିହ୍ନି ପାରେନି, ଦୂରରୁ ତାର ସ୍ୱରୂପ ଆହୁରି ଅଧିକ ଭଲ ଭାବରେ ଜଣାପଡ଼େ ନିର୍ମଳା ।'

✓'ଭୁଲ ବୁଝିଛନ୍ତି ବିଜନ ବାବୁ, ଭୁଲ ବୁଝିଛ । ଦୂର ଛାଡ଼ ଖୁବ୍ ପାଖରେ ରହିଲେ ମଧ୍ୟ ନାରୀକୁ ସହଜରେ ଚିହ୍ନି ପାରିବା ସମ୍ଭବ ନୁହେଁ । ନାରୀ ମନୁଷ୍ୟ ନୁହେଁ, ସେ ଜନ୍ତୁ । କେବଳ ଜନ୍ତୁ ନୁହେଁ, ଭଗବାନ ଅର୍ଜୁନଙ୍କୁ ନବଗୁଞ୍ଜର ରୂପ ଦେଖାଇବା ପରି ସେ ଏକ ବିଚିତ୍ର ଜନ୍ତୁ । ତାର ହାତ, ପାଦ, ମୁଣ୍ଡ ମୁହଁ, କାହାର କାହା ସଙ୍ଗେ ସାମଞ୍ଜସ୍ୟ ନାହିଁ । ଏଣେ ମୁଖ କୋମଳ ତ, ତେଣେ ପାଦ କଠିଣ । କେତେବେଳେ ଛାତିରେ ଧରେ, ପୁଣି ଅନ୍ୟ ମୁହୂର୍ତ୍ତରେ ବ୍ୟାଘ୍ର ନଖ ଦ୍ୱାରା ବିଦାରି ପକାଏ । ଏଣେ ମୁହଁ କହୁଥିବ 'ନାହିଁ', ମାତ୍ର ଅନ୍ତର କହୁଥିବ 'ହଁ' । ପୋହଳା ଏଣ୍ଡୁଅ ପରି ବିଚିତ୍ରମୟୀ ସେ ।

ସଙ୍ଗେ ସଙ୍ଗେ ରୂପର ପରିବର୍ତ୍ତନ । ଏକ୍ଷଣି ଶ୍ୱେତ ବର୍ଣ୍ଣାତ, ଆଉ କ୍ଷଣରେ ରକ୍ତ ବର୍ଣ୍ଣା । ଚିହ୍ନି ପାରିବ ? ଯେତେ ସହଜ ଭାବୁଛ; ସେତେ ସହଜ ନୁହେଁ, ବିଜନବାବୁ । ଯଦି ତାକୁ ନ ଚିହ୍ନି ତାର କଥାରେ ଭାସିଯାଅ; ତେବେ ଅକୂଳ ସାଗରର ବିପଦ ସଂକୁଳ ବକ୍ଷରେ ଭାସୁଥିବ ।'

'ତେବେ ଅନେକ ମୋର ଅଛି ତମଠୁ ଶିଖିବା ପାଇଁ ।'

"ମଣିଷର ସମସ୍ତଙ୍କଠାରୁ କିଛି ନା କିଛି ଶିଖିବାର ଅଛି । ଅବଧୂତ ଗଛପତ୍ରକୁ ସୁଦ୍ଧା ଗୁରୁ କରିଥିଲେ ।"

ବିଜନ ପ୍ରାୟ ପ୍ରତିଦିନ ଏଠାକୁ ଆସେ । କେଉଁଦିନ ଆସି-ବାର ଟିକିଏ ବିଳମ୍ବ ହେଲେ ନିରୁ ଡକାଇ ପଠାଏ କିମ୍ବା ନିଜେ ଯାଇ ଡାକି ଆଣେ । ପଢ଼ା ଘରେ ନିର୍ମଳା ପଢ଼େ ପାଠ, ଟେବୁଲ ଉପରେ ବହିପତ୍ର ସଜଡ଼ା ହୋଇଥାଏ, ଘରେ ବିଜୁଳି ଆଲୁଅ, ଚଉକି ଦୁଇଖଣ୍ଡ ପାଖରେ ପଡ଼ିଥାଏ । ପଢ଼ାର ଅସୁବିଧା କିଛି ନାହିଁ । ନିରୁ ପଢ଼େ, ବିଜନ ନିରୁକୁ ପଢ଼ାଏ । ରାତିରେ ଜହ୍ନ ଆଲୁଅ ପରି ବିଜୁଳି ଆଲୁଅ ଘରର ଘନ ଅନ୍ଧାର ଦୂରେଇ ଦିଏ । ମା ଘର କାମରେ ଓ ବାପା ଅଫିସ କାମରେ ସଦା-ବେଳେ ବ୍ୟସ୍ତଥାନ୍ତି—ଘରଟି ଥାଏ ପରିଷ୍କାର, ନିର୍ମଳ, ଏକାନ୍ତ ଓ ପଢ଼ିବାର ଉପଯୋଗୀ ।

ସିନ୍ଦୁରା ଫାଟି ଉଠୁଥାଏ । ପଲ୍ଲୀଲଳନା ଫେରେ ପୋଖରୀରୁ । ପ୍ରୀତି ଉଛୁଳା, ଛଳ ଛଳ ନୟନ, ପ୍ରଣୟ ଆତୁର ପ୍ରେମିକକୁ ଭୁଲେ ଭିଡ଼ ସ୍ୱେଦ ସରସର ଶରୀରେ ଲାଜ ଲାଜ ହୋଇ ଏକାନ୍ତକୁ ନେଇ ଗିବାଭଲି, ଜଳ ଉଛୁଳା କଳସୀଟିକୁ କ୍ଷୀଣ କଟିରେ ରଖି ଭୁଜବଲ୍ଲୀରେ ଗୁଡ଼ାଇ ସିକ୍ତ ଅଙ୍ଗେ ଲୋକ ଉଠିବା ଆଗରୁ ଲାଜ ଲାଜ ହୋଇ ଘରେ ସାଇତି ରଖି ଦେବାକୁ ଯାଉଛି ସେ । ଅପାଙ୍ଗେ ନିହତ ଭାଗ୍ୟସୁଖ- ଅନୁଭବ ଜଡ଼ିପିନ୍ତି

ଜାଣିବ କାହୁଁ—ମାଟିର ମାଟି ଆଉ ଭାଗ୍ୟ ସଙ୍ଗେ ରକ୍ତ ମାଂସରେ ଗଢ଼ା ଜୀବନରେ ମୂଲ୍ୟ ତୁଳନାକରି ବିଜନ ନିଶ୍ୱାସ ମାରେ । ମନ ଭଲ ଲଗିଲା ନାହିଁ—ସକାଳର ନିତ୍ୟକର୍ମ ସାରି ବାହାରିଲା ନିର୍ମଳା ଘରକୁ ।

"ନିର୍ମଳା ! ଅନେକ କହନ୍ତି ନାରୀ ସରଳ, କୋମଳ ଓ ସୁନ୍ଦର । ମୁଁ ଯାହା ବୁଝିଛି ନାରୀ ପଥରଠାରୁ ଟାଣ —ବରଂ ପଥରକୁ କଥା କହିଲେ ସେ ଉତ୍ତର ଦିଏ, ନାରୀଠାରୁ ଉତ୍ତର ପଦେ ବି ମିଳେନା ।"

"ନାରୀ ଠିକ୍ ସେଇ ପଥରପରି; ଯେଉଁ ପଥର ଜବାବ ଦିଏ—ସେଇ ପଥରର ଗୁମ୍ଫା । ଗୁରିଦିଗ ନିବିଡ଼ ଭାବେ ଆବୃତ, ଗୋଟିଏ ପାଖ ମେଲା, ସେଇ ବାଟେ ଥରେ ଯାଇ ପାରିଲେ ଦେଖିବ ଭିତରେ ସୁନ୍ଦର କୋଠରୀ, ଭିତରେ ଶୂନ୍ୟ ବାହାରର ଗୋଳମାଳ ନାହିଁ, ପଡ଼ିଛି ସୁନାର ଶୂନ୍ୟ ଆସନ ଅତିଥିର ଅପେକ୍ଷାରେ । ସେହି ମୁହଁ ପାଖରେ ଠିଆ ହୋଇ ଯାହା ପଚାରିବ, ଠିକ୍ ସେହି ଉତ୍ତର ପାଇବ । 'ନାହିଁ' ଶବ୍ଦ ନାହିଁ । ସେଇ ପଥର ପରି, ନାରୀ ମୁହଁ ଖୋଲିପାରେ ନା; ଖୋଲିପାରେ ମନ, ଯାହାର ପ୍ରତିଧ୍ୱନୀ ସାଙ୍ଗେ ସାଙ୍ଗେ କାନରେ ବାଜେ ।"

"କିନ୍ତୁ ଗହ୍ୱରର ମୁହଁ ପାଖକୁ ଗଲାବେଳେ ଭୟଙ୍କର କାଳ ସର୍ପର ଗର୍ଜନ ଓ ବେଳେ ବେଳେ ତାର ଉତ୍କଟ ଚୋଟ ମରଣାତ୍ମକ କଷ୍ଟ ଦିଏ ନିର୍ମଳା ।"

"ଏତିକି ସମ୍ଭାଳିବାର ଦମ୍ଭ ନଥିଲେ ସାପ ଗହ୍ୱର ନିକଟକୁ ଯିବା ଠିକ୍ ନୁହେଁ । କେଳା ସାପ ଧରିବାକୁ ଗଲାବେଳେ ସେ ଜାଣେ ସାପ ଗର୍ଜନ କରିବ, ଚୋଟେ ଦେବ, ତଥାପି ସେ ସାପ ଧରିବାକୁ ଯାଏ । ସାପ ପାଖକୁ ଯାଏ । ସାପ ଫଁ ଫଁ ହେଉଥାଏ, ଗର୍ଜନ କରୁଥାଏ; ପୁଣି ସେ ସାପ ପାଖକୁ ଯାଇ ହାତ ବଢ଼ାଏ

ଧରିବାକୁ । ସାପ ଶକ୍ତ ଚୋଟେ ଦିଏ, ସେତିକିରେ ବିଷ ଶେଷ । ତା' ପରେ ବେକ ପାତିଦିଏ, କେଳା ବେକରୁ ଧରିଆଣେ । ଗୁଡ଼ୁ ଗୁଡ଼ୁ ହୋଇ ସୁନା ପିଲଟି ପରି ସାପ ପେଡ଼ି ଭିତରକୁ ଚାଲିଯାଏ । ବିଜନବାବୁ ! ଏ ଖେଳ ଜୀବନମରଣର ଖେଳ । ନିଜର ସାହସ ଓ ଦମ୍ଭ ଦରକାର । ପୁଣି ଯେତିକି ଦମ୍ଭ ଥିବ, ସେଇ ଧରଣର ସାପ ଧରିବାକୁ ଯିବ । ଛୋଟ କେଳାଟିଏ ହୋଇ ଅହିରାଜ ଧରିବାକୁ ଗଲେ ପ୍ରାଣ ଯିବା ସାର ହେବ ।

ବିଜନବାବୁ ! ପୁଷ କାହାଲିଅ ଖରା ଯେପରି ଖରା ନୁହେଁ କି ଛାଇ ନୁହେଁ, ନାରୀର ମନ ସେହିପରି ମନ ନୁହେଁକି ମାନ ନୁହେଁ । ସେ ଯାହା କହେ ତାହା ଚାହେଁନା । ଯାହା ଚାହେଁ ଯଦି ତାହା ପାଏନି ଦେବାଳୟର ଉପାସ୍ୟ ଦିଅଁଙ୍କୁ ପାଦରେ ଆଡ଼େଇ ରାସ୍ତାକଡ଼ର ପଥରର ଦିଅଁଙ୍କ ପାଖେ ମଥା ନୁଆଁଇ ଦିଏ ।"

'ନିର୍ମଳା ଆସୁଛି' କହି ବିଜନ ବାହାରିଲା ।

ନିର୍ମଳା ମନେ ମନେ ଭାବିଲା ବିଜନ କେବଳ ବାଳକ ମାତ୍ର । ବିଜନ ବାଟଯାକ ଭାବି ଭାବି ଯାଉଛି ନାରୀର ପ୍ରକୃତ ସ୍ୱରୂପ କଣ ? ନିର୍ମଳା ପାଖେ ରହି ସୁଦ୍ଧା ତାକୁ ଚିହ୍ନିବା ଏତେ କଷ୍ଟ ହୋଇ ପଡ଼ୁଛି ମୋ ପକ୍ଷେ; ମୋ ତୁଳନାରେ ତାର ବୟସ କମ୍, ତଥାପି ତାର ବୁଦ୍ଧି ମୋ ଠାରୁ କେତେ ବେଶୀ । ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କଠାରେ ଅଙ୍ଗର ସୌଷ୍ଠବତା, ପୂର୍ଣ୍ଣତା ଓ ଜୀବନର ଅଭିଜ୍ଞତା ବୟସ ତୁଳନାରେ ଆଗେଇ ଚାଲେ ବୋଲି ଅନେକ ସମୟରେ ତାଙ୍କ ବୁଦ୍ଧି ପାଖରେ ପୁରୁଷକୁ ହାର ମାନିବାକୁ ପଡ଼େ ।

ଅପ୍ରେଲ ମାସ ସରି ଆସୁଥାଏ । କ୍ଲାସର ପରୀକ୍ଷା ସବୁ ସରି ଯାଇଥାଏ । ପିଲାଏ ଏକ୍ସ୍‌କର୍ସନ୍‌ରେ ବାହାରିଲେ । ତାଲଚେରର କୋଇଲା ଖଣି ଦେଖି ଯିବେ । ନିର୍ମଳା ଯିବ ବୋଲି

କହି ବାପାଙ୍କ ପାଖରୁ ପଇସାପତ୍ର ଧରି ଆସିଲା । ଯିବା ପୂର୍ବଦିନ ସ୍କୁଲରେ କହିଲା " ମା ମନାକରିଛନ୍ତି ମାଟି ଭିତରେ ପଶି ଖଣି ଦେଖିବାକୁ, ସେଥିରେ ଭଲ ଥାଏ, ମନ୍ଦ ଥାଏ । " ତା ଆରଦିନ ପିଲାଏ ସବୁ ଷ୍ଟେସନକୁ ଗଲେ ସେଠାରୁ ଡାଲଚେର ଯିବ ପାଇଁ ନିର୍ମଳା ମଧ୍ୟ ଷ୍ଟେସନକୁ ଯାଇଥିଲା ସେମାନଙ୍କ ଯିବାର ଦେଖିବା ବାହାନାରେ । ଡାଲଚେର ଗାଡ଼ି ଛାଡ଼ିଦେଲା । ସକାଳ ସାଢ଼େ ଆଠଟାରେ । ନିର୍ମଳା ଷ୍ଟେସନରେ ବସିରହିଲା । ଅଧ ଘଣ୍ଟାକ ପରେ ବିଜନ ଆସି ପହଞ୍ଚିଲା । ଦୁହେଁ ଦ୍ୱିପ୍ରହର ଗାଡ଼ିରେ ଭୁବନେଶ୍ୱରର ଅଭିମୁଖେ ଯାତ୍ରାକଲେ । ଟ୍ରେନରେ ଚଢ଼ିବାବେଳ ଯାଏ ନିର୍ମଳାର ମନରେ ଯେଉଁ ଫୁର୍ତ୍ତି ଥିଲା ଟ୍ରେନ ଛାଡ଼ିଦେବା ପରେ ସେ କେଉଁଆଡ଼େ ଚାଲିଗଲା । ନିଜକୁ ବଡ଼ ଦୁର୍ବଳ ଜଣା ପଡ଼ିଲା । କେତେ କଥାମନରେ ଆସି ପଡ଼ିଲା । ଭାବିଲା "ଏ କଣ କରୁଛି ? କୁଆଡ଼େ ଯାଉଛି ମୁଁ ? ଏ ଯାତ୍ରାର ପରିଣତି କଣ ? ବାପା ମା'ଙ୍କୁ ଠକାଉଛି, ମାତ୍ର ଏ ଗଛଲତା ତ ସବୁ ଦେଖୁଛନ୍ତି— ଦିନେ ନା ଦିନେ ଯିଏ ହେଲେ ଏ କଥା ତାଙ୍କ କାନରେ କହି ଦେବ । ବିଜନ ବାବୁଙ୍କର ଦୋଷ ନାହିଁ । ମୁଁ ତାଙ୍କୁ କହିଲି, ତାଙ୍କର ରାଜିହୋଇ ଆସିବାଟା ତ ନିତ୍ୟାନ୍ତ ସ୍ୱାଭାବିକ ।"

ବିଜନ ପଚାରିଲା 'ନିର୍ମଳା, କଣ ଭାବୁଛ ?'

"କିଛି ନାହିଁ ।"

"ଏଇ ଶୂନ୍ୟତା ଭିତରୁ ଏତେବଡ଼ ବିଶାଳ ପୃଥିବୀର ସୃଷ୍ଟି । ନାରୀର 'କିଛିନାହିଁ' ରେ ଅନେକ କିଛି ରହିଥାଏ ।"

"ଆଉ କେତେ ବାଟ ଅଛି ?"

ଗାଡ଼ି ଷ୍ଟେସନରେ ଲାଗିଲା । ଗାଡ଼ିରୁ ଓହ୍ଲାଇ ଦୁହେଁ ବସ୍‌ରେ ବସି ଧର୍ମଶାଳାକୁ ଗଲେ । ଚାରିଟା ବେଳେ କେଦାର ଗୌରୀରେ ସ୍ନାନ କରିବାକୁ ଗଲେ । ଖରାଦିନ, ଅନେକ ଲୋକ

ସ୍ନାନ କରୁଥାନ୍ତି । ବଡ଼ ଭଲ ଲାଗିଲା । କେଦାର ଓ ଗୌରୀଙ୍କର ଅମର ପ୍ରେମର କାହାଣୀ ମନେ ପଡ଼ିଲା । ସ୍ନାନ ସାରି ଲିଙ୍ଗରାଜଙ୍କ ମନ୍ଦିରକୁ ଯାଇ ଠାକୁରଙ୍କର ଦର୍ଶନ କଲେ । ସଂଧ୍ୟାରେ ଧର୍ମଶାଳାକୁ ଫେରିଲେ । ତା ଆରଦିନ ସକାଳୁ ଉଠି ଦିନର କାମ ସାରି ଧଉଳଗିରି ଖଣ୍ଡଗିରି ଦର୍ଶନ କରିବାକୁ ବାହାରିଲେ । ଗାଡ଼ି-ବାଲାଟିଏ, ଆଉ କେହି ନାହାନ୍ତି । ସଂସାରର କୋଳାହଳ ଶୂନ୍ୟ, ନିର୍ଜନ ସ୍ଥଳୀର ଗୁମ୍ଫା ଗୁଡ଼ିକ ଭାରି ଭଲ ଲାଗିଲା । କେତେ ବୁଲିଲେ, ବସିଲେ, କଥାବାର୍ତ୍ତା ହେଲେ; ଦୁନିଆର ଆଖିର ବହୁଦୂରରେ । ପୁଣି ସେଇ ଧର୍ମଶାଳାକୁ ଫେରିଲେ । ଧର୍ମଶାଳାରୁ ଜିନିସ ପତ୍ର ଆଣି ସଂଧ୍ୟା ଗାଡ଼ିକୁ ଷ୍ଟେସନ ବାହାରିଲେ ।

ଗାଡ଼ି ଛାଡ଼ି ଦେଲା । ନିର୍ଜ୍ଜନତାର ସୁଖ ସରିଗଲା । ନିର୍ମଳା ଭାବିଲା ପୁଣି ଫେରିବ ସଂସାରକୁ । ସେହି ବାପ ମାଙ୍କ ପାଖକୁ । ସେମାନଙ୍କୁ କଣ ଦେଖିଲି ବୋଲି କହିବି, ଆଜି ମୁଁ ନାରୀନୁହେଁ, ମୁଁ ଅବଳା, ଦୁର୍ବଳ ହୋଇ ଆସେ ମନ । ମନର ଫୂର୍ତ୍ତି ଭାଙ୍ଗି ଯାଏ । ଯେଉଁ ଗର୍ବରେ ମୁଁ ମଣିଷକୁ ଗୋଇଠା ମାରି କଥା କହୁ-ଥିଲି, ବଡ଼ ଲୋକକୁ ମୁହାଁ ମୁହିଁରେ ଜବାବ ଦେଉଥିଲି, ସେ ଆଉ ନାହିଁ । କାହା ମୁହଁକୁ ଗୁହିଁଲାବେଳକୁ ଡର ଛନ ଛନ ଲାଗୁଛି । ମୋର ଏଇବାଟେ ଯିବାର ଦେଖିଥିବା ଏଇ ଗଛ ଲତା ଆଡ଼କୁ ମଧ୍ୟ ଭଲ କରି ଅନାଇ ହେଉନାହିଁ । ଚୋରି କଲେ, ଦୋଷ କଲେ, ଭୁଲ୍ କଲେ, ଯେପରି ଛାତି ଧଡ଼ ଧଡ଼ ହୁଏ ମୋର ଛାତି ସେହିପରି ଦବି ଯାଉଛି ।

'ନିର୍ମଳା ! ପୁଣି କଣ ଭାବୁଛ ? ଭାବିଥିଲି ଭାବନା ସରିଯାଇଛି ।'

'ଭାବନା ଆରମ୍ଭ ହେଲା ମାନ ।'

ଗାଡ଼ି ଷ୍ଟେସନରେ ଲାଗିଲା । ଗାଡ଼ିରୁ ଓହ୍ଲାଇ ଦୁହେଁ ନିଜ ନିଜ ଘରକୁ ଗଲେ । ନିଜର ଜ୍ଞାନ ସଙ୍ଗେ ମନ ଗଢ଼ା କଥା

କାନ୍ଦୁ ମିଶାଇ ମା'ଙ୍କ ଆଗେ ନିର୍ମଳା କୋଇଲା ଖଣି ବିଷୟରେ ଏକ ପ୍ରବନ୍ଧ ଗଢି ବସିଲା । ମା ଶୁଣି ଖୁସି । ନିର୍ମଳା ରକ୍ଷା ପାଇ ଥିବାରୁ ଖୁସି ।

କଳିଙ୍ଗ ଯୁଦ୍ଧରେ ଜୟୀ, ହୋଇ ମନର ଆଶା ମେଣ୍ଟାଇ ମଧ୍ୟ ରଣମତ୍ତ ମହାରାଜାଙ୍କର ଯେଉଁଟି ମନରେ ପରିବର୍ତ୍ତନ ଆସିଥିଲା; ବିଜୟିନୀ ନିର୍ମଳାର ସେହିଠାରୁ ପରିବର୍ତ୍ତନର ଆରମ୍ଭ ହେଲା । ପୁରୁଷର ଗର୍ବ ସଙ୍ଗେ ଯୁଦ୍ଧକରି ବିଜୟ ଉଲ୍ଲାସରେ ମାତୁଥିବା ମନ ଅପେ ଅପେ ଅଳ୍ପ ନଇଁ ଯାଇଛି । ନିର୍ମଳା ଆଉ ରାଜନ ଆଗରେ ମୁହଁ ଠେକି ସିଧା ଭାବରେ କଥା କହି ପାରେ ନାହିଁ, ଯଦିଓ ସେ ତାକୁ ସଦାବେଳେ ଚାହେଁ । ପାଖରେ ଦେଖିଲେ ଲାଜ ଲାଗେ । କଥା କହିଲା ବେଳେ ମନ ଦବି ଦବି ଯାଏ ।

କ୍ରମେ କ୍ରମେ ନିରୁ ବଡ଼ ହୋଇ ଆସିଲା । ବାପା ଆଉ ପଢ଼ାଇବାକୁ ଇଚ୍ଛା କଲେ ନାହିଁ । ତାଙ୍କର ଭୟ ଯେ ସ୍କୁଲରେ ବଡ଼ ବଡ଼ ପିଲାଏ ପଢୁଛନ୍ତି । ଝିଅ ବଡ଼ ହୋଇ ଆଉ ସେମାନଙ୍କ ସଙ୍ଗେ ପଢ଼ିବା ସୁନ୍ଦର ଦିଶିବ ନାହିଁ, ବିପଜ୍ଜନକ ମଧ୍ୟ । କିନ୍ତୁ ସେ ବୁଝନ୍ତି ନାହିଁ ଯେ ଝିଅ ଯେତେବେଳେ ଘିଅପରି ତରଳିବାକୁ ଯାଏ ସେତେବେଳେ ତା ପକ୍ଷେ ସ୍କୁଲ ଯାହା, ଅବରୁଦ୍ଧ ଗୃହ ସେଇଆ, ନିର୍ଜନ ଦ୍ୱୀପ ଯାହା, ଜନାକୀର୍ଣ୍ଣ ସହର ସେଇଆ ।

ନିରୁ ଆଉ ସ୍କୁଲକୁ ଯାଏ ନାହିଁ । ମନ ହେଲା ବେଳେ ଘରେ ବହି କିମ୍ବା ଖବରକାଗଜ ଖଣ୍ଡେ ଧରି ପଢୁଥାଏ । ରାଜନ ଏଣିକି ଜଗି ରଖି ସମୟେ ସମୟେ ଯିବା ଆସିବା କରେ ।

ନିରୁ ଏକାକୀ ବାରି ବଗିଚାଟିରେ ବୁଲି କେତେ କଣ ଭାବୁଛି ରାଜନ ଆସି ପହଞ୍ଚିଲା । ନିରୁର ଲକ୍ଷ୍ୟ ନାହିଁ । ରାଜନ କହିଲା 'ନିରୁ ! ଭାବିଥିଲି ସୂର୍ଯ୍ୟମୁଖୀ ଫୁଲଟି ଏହିପରି ମୁହଁ ମାରି

ରହିଥାଏ, ମାତ୍ର ସୂର୍ଯ୍ୟଙ୍କୁ ଦେଖିବାମାତ୍ରେ ତାହାପ୍ରତି ଭ୍ରୂକ୍ଷେପ ନ କରି ହସିଉଠେ ।'

ନିରୁର ଧ୍ୟାନ ଭାଙ୍ଗିଗଲା । ମୁହଁ ଲାଜରେ ଲାଲ ପଡ଼ିଗଲା ।

ଅନ୍ତର ଆନନ୍ଦରେ ଭରିଉଠିଲା । ସତେ ଯେପରି ତାର ଏତେ ଦିନର ମନର ଲୁଚି କଥାକୁ ଆଜି ବିଜନ ମୁଖ ଖୋଲି କହି ଦେଇଛି । ନିରୁ ନିରୁତ୍ତର । ଆଜି ଟିକିଏ ପାଖକୁ ଯାଇ ନିରୁର ମୁହଁକୁ ଟେକି ଧରି ବିଜନ ପଚାରିଲା । "ନିରୁ ! ରାଗିଲୁ କି ?"

ନିରୁର ଆଖି ଓ ମୁହଁରେ ହସର ଛଟା ଖେଳିଥିଲା ।

କିଛି ସମୟ କଥାବାର୍ତ୍ତା ପରେ ବିଜନ ପଚାରିଲା "ନିରୁ ! ଏ ବଗିଚାରେ କେତେ ପ୍ରକାର ଫୁଲ ଫୁଟିଛି । କହିଲୁ ତତେ କେଉଁ ଫୁଲଟି ଭଲଲାଗେ ?"

"ମୋର ଅତି ସ୍ନେହର ଏଇ ଗୋଲାପ ଫୁଲଟି, ମୁଁ ତାକୁ ଭାରି ଭଲ ପାଏ ।"

"ଏତେ ଚଞ୍ଚଳ ଉତ୍ତର ଦେଇ ଦେଲୁ କିଛି ନ ଭାବି । ଏତେ ଯେ ଫୁଲ ଫୁଟିଛି କିଏ ରୂପରେ ସୁନ୍ଦର, କିଏ ବାସରେ ମଧୁର; କାହାର ବି ରୂପ ଓ ବାସ ଉଭୟ ଅଛି । କବିମାନେ ଆଜିଯାଏ କିଛି ଠିକ କରିପାରି ନାହାନ୍ତି । ତେଣୁ ଗୋଲାପ ସଙ୍ଗେ ଶ୍ରେଷ୍ଠ ରମଣୀର ଅଧରକୁ ତୁଳନା କରନ୍ତି । ଚମ୍ପାଫୁଲର ରଙ୍ଗକୁ ନାରୀର ରଙ୍ଗ ଓ କଳିକୁ ନାରୀର ଅଙ୍ଗୁଳି ସଙ୍ଗେ ତୁଳନା କରନ୍ତି । ମୁଖକୁ ପଦ୍ମ ସଙ୍ଗେ ତୁଳନା କରନ୍ତି । ଆଜି ଥରେ କହ ନିରୁ ! କେଉଁ ଫୁଲ ତୋତେ ଭଲ ଲାଗେ ?"

"ଆଖିର ତୃପ୍ତି ପାଇଁ ଫୁଲର ସୃଷ୍ଟି । ଫୁଲ ମାତ୍ରକେ ସୁନ୍ଦର, ତୁଳନାର ଅବକାଶ କେଉଁଠି ? କବି କଳ୍ପନା ଭିତରେ ଖେଳେ । କବିର ମନ ଚାରିଆଡ଼େ ବୁଲୁଥାଏ, ତେଣୁ ସେ କିଛି ଠିକ କରି

ପାରେ ନାହିଁ । ଏତେ ଉଚ୍ଚ ଭାବନା ତ ଆମର ନାହିଁ । ଯେତେ-ଥର ମୁଁ ଏଠାକୁ ଆସେ ସେଇ ଗୋଲାପ ଫୁଲ ଛଡ଼ା ମୋତେ ଅନ୍ୟ କେହି ଫୁଲ ତ ସେତେ ଭଲ ଲାଗନ୍ତି ନାହିଁ । ଯେ ମୋ ଆଖିରେ ଥରେ ସୁନ୍ଦର ଦିଶିଛି, ଯେ ମୋ ମନକୁ ଥରେ ଭଲ ଲାଗିଛି, ସେଇ ଆଖି ସେଇ ମନ ଧରି କପରି ପୁଣି ଅନ୍ୟ ଫୁଲଟିଏ ତାଠାରୁ ଅଧିକ ସୁନ୍ଦର ଦିଶିପାରେ କହ ତ ବଳୁଭାଇ ?"

'ନାରୁ ! ମା' ଙ୍କର ଆଗସ୍ନେହ ଆଉ ନାହିଁ । ଦେଖିଲେ କଥା ପଦେ କହିବା ତ ଦୂରରେ ଅଛି ନ ଦେଖିଲା ପରି ଆଡ଼ ହୋଇ ଚାଲି ଯାଉଛନ୍ତି । ମୋର ଏଠାକୁ ଆସିବା ପସନ୍ଦ କରୁ-ନାହାନ୍ତି ।'

'ତୁମେ ତ ବାପ ମା'ଙ୍କୁ ଦେଖିବାକୁ ଏଠାକୁ ଆସୁ ନ ଥିଲ ?'

ଚିହ୍ନା ନ ହୋଇଥିବା ଯାଏ ନାରୀମାନେ ଓଢ଼ଣାର ଅନ୍ତ-ଆଳ ତଳେ କଥା କହୁଥିବେ; ଥରେ ପରଦା ଖସିଗଲେ ପୁରୁଷର ଆଉ ଖସିବାର ଉପାୟ ନାହିଁ । କିଛି ସମୟ ରହି ଦୁହେଁ ଘରକୁ ଫେରିଲେ । ବଗିଚାରେ କେହି ନଥିଲେ । ଠିକ ସେତିକିବେଳେ ପାଖ ଝଙ୍କାଳିଆ ଆମ୍ବ ଗଛରେ ଲୁଚିକରି ବସିଥିବା କାଉଟି ସବୁ ଦେଖିଥିବା କଥାଗୁଡ଼ିକ ନେଇ କା' କା' କରି ମାଙ୍କ ପାଖକୁ କହିବାକୁ ଉଡ଼ିଗଲା ।

ଦିନକୁ ଦିନ ମା'ଙ୍କର ସନ୍ଦେହ ବଢ଼ିବାକୁ ଲାଗିଲା — ସେ ନାରୁ ଉପରେ କ୍ରମେ କ୍ରମେ କଡ଼ା ନଜର ରଖିଲେ — ସେ ଦିନ ବ୍ରଜନ ଗଲାପରେ ମା ବିରକ୍ତ ହୋଇ କହିଲେ, 'ନାରୁ, ମୁଁ ମନା କରିଥିଲି ବ୍ରଜନକୁ ଏଠାକୁ ଡାକିବାକୁ, ପୁଣି କାହିଁକି ତାକୁ ଡାକିଆଣି ଘରେ ପୂରାଉଛୁ ?'

'ବୋଉ ! ମୁଁ ତ ତାଙ୍କୁ ଡାକି ନଥିଲି । ସେ ଯଦି ବେଳେ ବେଳେ ଆସନ୍ତି, ମନକୁ ଆସି ମୋ ସଙ୍ଗେ କଥାବାର୍ତ୍ତା କରନ୍ତି,

ମୁଁ ତ କେବେ ମନା କରନାହିଁ, ଆଜ କପରେ ମନା କରବ ? ସେ ଏଣିକ ଆସିଲେ ତୁ ମନା କରଦେବୁ ।'

'ହଁ, ତୋ ହାତରେ ସେ ସବୁ କପର ହେବ ? ତୋ ହାତରେ ହେବ ଯାହାସବୁ ଆମେ ମନା କରୁଥିବୁଁ ।' ଏତକ କହ ମା ଅନ୍ୟ ଆଡ଼େ ଗୃଲ୍‌ଗଲେ ।

ଆଜ ଦନେ—ସିନେମା ଦେଖିଯିବା ପାଇଁ ଧନରୁ ଟିକେଟ କଣା ସରଛୁ । ସେ କନାଶନ ଦେଖି ଦେଖି ନିର୍ମଳାଙ୍କୁ ଶଠା ଲଗିଲଣି । ସିନେମା ତାର ଅତ ଆଦରର, ସ୍ନେହର ଜନସ, ମାତ୍ର ସେ ଗୃହେଁ ସିନେମାରେ ରୂପର ଛାଇ ନଦେଖି ପ୍ରକୃତ ରୂପ ଦେଖିବାକୁ । ଆଖିଆଗରେ ସୁନ୍ଦର ରୂପ ସିନେମା ଛବି ଭଳି ଆସି ଦେଃା ଦେଇ ଗୃଲ୍‌ଗଲା । ଦେହ ଅଳସ, ଶରୀର ଉତ୍‌ଫୁଲ୍ଲ, ମଥା ବିଭ୍ରମ ହୋଇ ଉଠିଲା ତାର । ନବବିବାହିତା ଯୁବତୀ ରମଣୀର ଅଳସ ନିଦ ଢୁଳୁ ଢୁଳୁ ଅବସ୍ଥାରେ ଶୋଇ ଉଠିଥିବା ବିଛଣାର ଉଷୁମ ପର ଉଷୁମ ହୋଇଉଠିଲା ତାର ଦେହ ।

ଧନର କଅଁଳ କିରଣ କୋଠାର ଛାତ ଉପରୁ ଲିଭିଲଣି । ପୁଣ୍ୟ-ଶ୍ଳୋକ ଖ୍ୟାତ-ଯଶା ମନୀଷୀଙ୍କର ମୃତ୍ୟୁପରେ ତାଙ୍କ ଯଶୋ ପ୍ରଭାବ କଛୁଦନ ପାଇଁ ମଣିଷ ଅନ୍ତରରେ ପଡ଼ରହିଲାପର ଚନ୍ଦ୍ର-ରଶ୍ମିର ଲୁପ୍ତମାନ ତେଜର ଆଭା କଛୁକ୍ଷଣ ପାଇଁ ପଡ଼ି ରହିଛୁ ମାତ୍ର । ପ୍ରଣୟଲାଳସୀ ପକ୍ଷୀମାନେ ପ୍ରଣୟ-ନୀଡ଼କୁ ପଥ ହୁଡ଼ିଯିବା ଭୟରେ ପ୍ରାଣ ଆକୁଳରେ ଧାଇଁଛନ୍ତି । ଗାଡ଼ିବାଲା ଦୁଆରେ ଡାକ ଦେଲା । ମା ଗୃକରକୁ ଡାକ କହିଲେ, 'ନିରୁ ଆଜ ଆମ ସଙ୍ଗେ ଯାଉନାହିଁ, ତାର ଦେହ ଭଲ ନାହିଁ, ମୁଣ୍ଡ ବଣ ହେଉଛୁ—ଦେହ ଉଷୁମ ଲଗୁଛୁ—ସେ ଏକା ରହିଲା; ଘରେ ଥିବୁ, କୁଆଡ଼େ ଯିବୁ ନାହିଁ ।' ଯେ ପେଟପାଇଁ, ପଇସା ପାଇଁ, ପରଘରେ ଗୃକସି କରୁଛୁ; ପରର ହାଙ୍ଗା ଲଭରେ ଯାହାର ଲଭ

ନାହିଁକି କ୍ଷତି ନାହିଁ ତା ପାଖରେ ଆଦେଶ ପାଳନ ଅପେକ୍ଷା ପଇସାର ମୂଲ୍ୟ ଖୁବ୍ ବେଶୀ ।

ରବିବାବୁ, ଶଶୀ ଦେଇ ସିନେମା ହଲ୍‌ରେ ପହଞ୍ଚିଲେ । ସିନେମା ଆରମ୍ଭ ହେବାକୁ ଆଉ ଅଧ ଘଣ୍ଟାଏ ବାକି ଅଛି । ଗ୍ୟାଲେରି ଶୂନ୍‌ଶାନ୍; ଗୁରୁ ଛଅ ଜଣ ଏଠାରେ ସେଠାରେ ବସିଛନ୍ତି । ଶଶୀ ଦେଇଙ୍କ ମନ ଭଲ ଲାଗୁ ନ ଥାଏ । ତାଙ୍କ ଅନ୍ତରରେ ସତେ ଯେପରି କିଏ କହି ଦେଉଥାଏ, "କି କାଗଜ ଛବି ଦେଖିବାକୁ ଏଠାକୁ ଆସିଛୁ, ଘରେ ଯେ ବାସ୍ତବ ସିନେମା ଚାଲିଛି ।" ସିନେମା ଆରମ୍ଭ ହେବ । ଇଲେକ୍‌ଟ୍ରିକ୍ ଘଣ୍ଟି ବାଜି ଉଠିଲା । ପରଦା ଖୋଲିଲା । ରବିବାବୁ ଓ ଶଶୀ ଦେଇ ସତୃଷ୍ଣ ନୟନରେ ଚାହିଁଛନ୍ତି ।

ହସି ହସି ରଞ୍ଜନ ଆସି ପହଞ୍ଚିଲା । ଘରେ କେହି ନାହାନ୍ତି । ଗୁରୁଅଞ୍ଚ ଶୂନ୍ୟ । ଆକାଶରେ ଜହ୍ନ । ସଜଫୁଲ ହାସଗୈରୀ ଜହ୍ନ ଛାଇରେ ଦୁଇଟି ସୁନ୍ଦର ଯୌବନର ପ୍ରତିମା ଖେଳୁଛନ୍ତି; ସାକ୍ଷୀ ଧର୍ମ ।

ଦେଖ ଶଶୀ, କେଡ଼େ ସୁନ୍ଦର ଏ ଦୃଶ୍ୟଟି । ଏ ସବୁ ଦେଖି ବେଳେ ବେଳେ ମନେ ହୁଏ ପୃଥିବୀରେ ଅମର ଯୌବନ ଫେରି ଆସନ୍ତା କି ସମାଜର ଯେତିକି ପଛରେ ପଡ଼ିଛେ ଆମେ, ତାର ଦୁଇଗୁଣ ବେଗରେ ଆଗେଇ ଯାଆନ୍ତେ । ପ୍ରେମପାଇଁ ପରେଶ କେତେ ବୁଲି ବୁଲି, କେତେ କଷ୍ଟ ସହି, ଶେଷରେ ତାର ମନ ଅନୁସାରେ ଫଳ ପାଇଛି । ସତୀଶ ବାବୁ ତାଙ୍କ ଝିଅଟିର ମନକଥା ଜାଣି ପରେଶର ଥିବା ନ ଥିବା ନ ଦେଖି ପରେଶ ହାତେ ଝିଅଟିକୁ ଦେଇ ଦେଲେ ।"

"ହଁ ।"

"ନାରୁ ! ତେବେ ମୁଁ ଗରିବ ବୋଲି ତମ ମା' କାହିଁକି ଘୃଣା କରନ୍ତି ? ସୃଷ୍ଟି ତ ଧନୀ ଦରିଦ୍ରର ପ୍ରଭେଦ ଦେଖେ ନାହିଁ;

ପାଣି ପବନ ଚନ୍ଦ୍ର ସୂର୍ଯ୍ୟ ସମସ୍ତେ ଧନୀ ଦରିଦ୍ରଙ୍କୁ ଏକ ଆଖିରେ ଦେଖନ୍ତି । ଧନୀର ଯେ ଭଗବାନ, ଗରିବର ସେଇ ଭଗବାନ । ତେବେ ତମ ମା କାହିଁକି ଏତେ ଘୃଣା କରନ୍ତି ?

"ବିଜୁ ଭାଇ ! ଆଜି ଯେ ତୁମେ ସମସ୍ତ ଧନର ମାଲିକ । କିଏ କହିବ ତମେ ଗରିବ ବୋଲି ।"

ଶଶୀ ଦେଇ କହିଲେ, "ଏବେ ଦେଖ । ସତୀଶ୍ ବାବୁ ନ ବୁଝି ନ ସୁଝି ନିଜର ଏତେ ଆଦରର ଝିଅଟିକୁ ପରହାତେ ଦେଇ ଦେଲେ ଯେ—ସେ ଯାଇ ବାର ବରଷ ଜର କୁଅଡ଼େ କୁଲ କୁକୁର ଭଳି ବୁଲୁଛି । ଝିଅ ପିତାମାତାଙ୍କୁ ଦୋଷ ଦେଇ ପାରୁନାହିଁ, କିମ୍ବା ପିତାମାତା ଝିଅକୁ ଦୋଷଦେଇ ପାରୁ ନାହାନ୍ତି ।"

"ହଁ ସତକଥା ।"

"ନିରୁ ! ସଂସାର ଜାଣିନୁ ତୁ । ସୃଷ୍ଟିର ଗତି ବିଚିତ୍ର । କହି ପାରିବୁ ଏ ସଂସାରରେ

କଢ଼ି କଢ଼ି ବଢ଼େ କେ ?
କମି କମି କମେ କେ ?
ବଢ଼େ ନା କେ, କମେ ନା କେ ?"

"ପରେ କହିବି ।"

"ନିରୁ ! ମୁଁ ଭାବି ପାରୁଛି ଏଇ ମୋର ଶେଷ ରାତି । ଏପରି ସୁନ୍ଦର ସୁଯୋଗର ରାତି ଏ ଜୀବନରେ ଆସିବ ବୋଲି ଭାବି ନ ଥିଲି । ଦେଖିଥିବୁ ଲଗାଣ ମେଘ ହେଉଥିବ, ଯଦି ବଡ଼ ଅସରାଟାଏ ବର୍ଷା ହେଲା ତା ପରେ ପରେ ନିଶ୍ଚୟ ବର୍ଷା ଛାଡ଼ିଯିବ । ଘଡ଼ଘଡ଼ି ଚଡ଼ଚଡ଼ି ମାରୁଥିବ,ଦେଖିବୁ ଯଦି ଏକ ବଡ଼ ଚଡ଼ଚଡ଼ି ମାରିଦେଲା ତାପରେ ଆଉ ମାରିବ ନାହିଁ । ଅନ୍ଧାର ରାତିରେ ହେଲେ ଯାଇ ହେବ, ମାତ୍ର ଭୋର ହେବାର ପୂର୍ବରୁ ଯେ ରାତି ଆସେ, ସେ ଥାଏ କଟିକଟିଆ ଅନ୍ଧାର, ସେଥିରେ ଯାଇ ଅସି

ହେବ ନାହିଁ, ଠିକ ତାର ପଚରେ ପଚରେ ଆସେ ପ୍ରଭାତ । ସେହିପରି ଆଜି ଏ ଯେ ରାତ୍ରି ଆସିଛି । ଏହାଠାରୁ ଭଲ ରାତ୍ରି ଆଉ ଆସି ପାରେ ନା । ତେଣୁ ଏହାପରେ ଆସିବ କାଳରାତ୍ରି ।”

ଦାଣ୍ଡ ଅଡ଼େ ଘୋଡ଼ାଗାଡ଼ିର ଶବ୍ଦ ଶୁଣାଗଲା । ନିରୁ କହିଲା, “ବିଜୁ ଭାଇ ! ବାପା ଆସିଲେଣି, ବାରବାଟେ ଚାଲିଯାଅ ।”

“ନିରୁ, ଯେତେ ଦୁର୍ବଳ ହୁଏ, ଯିବି, ମାତ୍ର ଚୋରପରି କାହିଁ ଯିବି । ଚୋର କରି ପାରଥାଏ, କିନ୍ତୁ ମୁଁ ଚୋର ନୁହେଁ ।”

ନିରୁର ଛାତି ଥରି ଉଠିଲା ।

ବାପା ଓ ମା ଘର ଭିତରକୁ ପଶି ଆସିଲେ ।

ମା’ ଜାଳି ଦେବେ କି ଜଳିଯିବେ । ରକ୍ତର ଆଭା ଖେଳିଗଲା ମୁଖଯାକ । ପଚାରିଲେ,

“ବିଜନ; ଅମେ ସବୁ ନ ଥିବାବେଳେ ଏ ଘରକୁ ଅସିବା କଣ ତମର ଠିକ୍ ହୋଇଛି ?”

“ମୁଁ ତ ନୂଆକରି ଏପରି ଅସି ନାହିଁ; ଅନେକବାର ଏପରି ଭାବେ ଅସିଛି; କେବେ କେହି ମନା କରି ନାହାନ୍ତି ।”

“ଅମେ ନ ଥିବା ଏକୁଟିଆ ବେଳେ ଅସି ଅମ ଝିଅ ସଙ୍ଗେ କଥାବାର୍ତ୍ତା କରିବାକୁ ଲଜ୍ଜା ଲାଗେ ନାହିଁ ? ତମକୁ ପରା ସମସ୍ତେ କହନ୍ତି ଭଲପିଲା ବୋଲି ?”

“ପରଝିଅ ସଙ୍ଗେ କଥାବାର୍ତ୍ତା କରିବାକୁ ଲଜ୍ଜା ଲାଗୁଥିଲା ପ୍ରଥମେ । ସେତେବେଳେ ମୁଁ ଥିଲି ଭଲ ପିଲା, ମାତ୍ର ସେ ଲଜ୍ଜା ତୁମେ ଧୁଆଇଛ । ମୁଁ ତ ନିଜ ଇଚ୍ଛାରେ ଏଠାକୁ ଅସି ନ ଥିଲି, ତୁମେ ଡାକିଅଣି ତମ ଝିଅ ସଙ୍ଗେ କଥାବାର୍ତ୍ତା କରିବାର ସୁବିଧା ଓ ସାହସ ଦେଇଛ ।”

ଅଜିଠାରୁ ଅଉ ଏ ଘରକୁ ଅସିବ ନାହିଁ ବିଜନ ।”

"ସେଇତକ ତମ ମୁହଁରୁ ଶୁଣିବା ପାଇଁ ଆଜି ଏଠାରେ ଥିଲି । ତମେ ଡାକିଥିଲ, ଆସିଥିଲି । ତମେ ମନା କରୁଛ ମୁଁ ଯାଉଛି ।" "ନିରୁ ! ଯାଉଛି" କହି ବିଜନ ଘରୁ ବାହାରି ଗଲା ।

ମା ବୁଝାନ୍ତି । ମାତ୍ର ବଧୀରକୁ ଉପଦେଶ ଦେବାଭଳି, ମା'ଙ୍କର ସମସ୍ତ ଉପଦେଶ, କଥା, ନିର୍ମଳ.ର କାନର ବହୁଦୂରର ଫେରିଗଲା । ମା'ଙ୍କ ପାଖରୁ ଉଠିଆସି ସେ ନିଜ ଘର ଭିତରକୁ ଗଲା । ଖଟଟି ଉପରେ ଶୋଇ କେତେ କଣ ଭାବିବାକୁ ଲାଗିଲା, "ମା'ଙ୍କ ଆଖିରେ ବିଜନ ଗରିବ; ମାତ୍ର ମୋ ଆଖିରେ ସେ ଯେ ଆଉ ଗରିବ ହୋଇ ନାହିଁ, ମୋର ସମସ୍ତ ତାକୁ ଦେଇ ସାରିଛି । ବୋଉ ! ଆଉକଣ ଦେଖିଲେ ବିଶ୍ୱାସ କରିବୁ । ତୁ ପରା ମା ।"

# ପାଞ୍ଚ

"ରମେଶ ! ସେ ସବୁ ବହୁଦିନ ତଳର କଥା । ମୁଁ ଜାଣି ନଥିଲି ଯେ ମୁଁ ବଡ଼ ଘରର ପୁଅ, ପଦ୍ମା ଛୋଟ ଘରର ଝିଅ । ପିଲାଟିଦିନୁ ଖେଳି ଆସିଲି ତା ସଙ୍ଗେ ଜୀବନର ଖେଳ । ସେତେବେଳୁ କାହିଁକି ବାପା ମା କହିଲେ ନାହିଁ ମୁଁ ବଡ଼ଘରର ପୁଅ ଓ ସେ ଛୋଟଘରର ଝିଅ; ତା ସଙ୍ଗେ କଥାବାର୍ତ୍ତା କରିବା ପାପ ଓ ଅନ୍ୟାୟ । ଆଜି ଗୋଟି ଗୋଟି ହେଇ ସବୁ ମନେପଡ଼େ । ଦୁହେଁ ପିଲାଥିଲୁଁ । ଗୋଟିଏ ଗଛର ଦୁଇଟି ଡାଳ ପରି, ଗୋଟିଏ ଫୁଲର ଦୁଇଟି ପାଖୁଡ଼ା ପରି ମେଳି ଉଠିଥିଲୁଁ । ପିଲାଦିନର କେତେ ହସ ଖେଳ; କିଶୋର ବୟସର କେତେ ରଙ୍ଗ ରହସ୍ୟ, ଥଟ୍ଟା ତାମସା, ଯୌବନର ଦାନ ପ୍ରତିଦାନ ଏ ସବୁ ଯେତେ ଭୁଲିବାକୁ ଚେଷ୍ଟାକରୁଛି, ସେତିକି ସେତିକି ଗୋଟି ଗୋଟି ହୋଇ ମନେ ପଡ଼ୁଛି ।

ସମସ୍ତେ କହନ୍ତି ଅମୃତ ସବୁଠାରୁ ମିଠା, କେହି ତାହା ଦେଖିନାହିଁ ବା ଶୁଣିନାହିଁ । ସମସ୍ତେ କହନ୍ତି ଭଗବାନ ସବୁଠାରୁ ବଡ଼, କେହି ତାଙ୍କୁ ଦେଖି ନାହାନ୍ତି । ସମସ୍ତେ କହନ୍ତି ରମ୍ଭା ଉର୍ବଶୀ ସବୁଠାରୁ ସୁନ୍ଦରୀ, କେହି ତାଙ୍କୁ ଦେଖି ନାହାନ୍ତି । କହନ୍ତି ପାରିଜାତ ସବୁଠାରୁ ସୁନ୍ଦର ଫୁଲ, କେହି ତାଙ୍କୁ ଦେଖି ନାହାନ୍ତି । ଯେଉଁମାନେ ପରଠାରୁ ଶୁଣି ନ ଥିବା ନ ଦେଖିବା କଥାକୁ ଏଡ଼େ ବଡ଼ ବୋଲି ଭାବି ପାରନ୍ତି ସେମାନେ ଛପର ପ୍ରେ

ମନ କଥା ଜାଣିବେ ? ମୋର ଆଖି ଯାହାକୁ କହେ ସୁନ୍ଦର, ମୋର ମନ ଯାହାକୁ ଡାକେ ମୋର, ତାକୁ ଛାଡ଼ି ବାପ ମା'ଙ୍କୁ ଅଜ ଅଧିକ ସୁନ୍ଦର ଦିଶୁଛି ଦୂର ବିଦେଶର କୋଠାଘରର ଅଦେଖା ବାଳା । ସେ ଜାଣିପାରୁ ନାହାନ୍ତି ଯେ ରାସ୍ତାକଡ଼ର ଗୋବରଗଦା ସଦାବେଳେ ମେହେନ୍ତରର ସଫାକରିବାର ଜିନିଷ ନୁହେଁ, ବେଳେ ବେଳେ ମଧ୍ୟ ତହିଁରୁ ଫୁଟି ଉଠେ ସୁନ୍ଦର କଇଁଫୁଲ । ସେଠୁପରି ସବୁ ସୁନ୍ଦର ଫୁଲ ଯେ ସୁବାସିତ ହେବେ ତାହା ଠିକ୍ ନୁହେଁ । ଏତେ ସୁନ୍ଦର ପଳାଶଫୁଲ, ଏତେ ସୁନ୍ଦର ଅମଜ୍ଜଳା ଅଁଳେଇଫୁଲ ମଧ୍ୟ ଗନ୍ଧଶୂନ୍ୟ । ଅଜ ମୋର ମନେ ପଡ଼େ ସେ ଦିନ ସେ ପଚାରିଥିଲା, "ରାଜୁଭାଇ ଏକା କଣ ପୋଖରୀର କଇଁଫୁଲର ଅର୍ଘ୍ୟ ଚନ୍ଦ୍ରଦେବ ଗ୍ରହଣ କରନ୍ତି; ଗୋବର ଗଦାର କଇଁଫୁଲ ଯେ ଅର୍ଘ୍ୟ ତାଙ୍କ ପଦତଳେ ଢାଳେ ତାକୁ କଣ ଅଡ଼େଇ ଦିଅନ୍ତି, ତାର ଅର୍ଘ୍ୟ କଣ ମେହେନ୍ତର ଅଳିଆ ଗଦାର ଅଳିଆ ସଙ୍ଗେ ଦୂରକୁ ଫୋପାଡ଼ି ଦିଏ ? ଚନ୍ଦ୍ର-ଦେବ କଣ ଜାଣି ପାରନ୍ତି ନାହିଁ ଯେ ଗୋବରଗଦାର କଇଁଫୁଲର ପ୍ରାଣ ପୋଖରୀର କଇଁଫୁଲର ପ୍ରାଣଠାରୁ ଅଧିକ ସରଳ ଓ ସୁନ୍ଦର ?" ମୁଁ ଉତ୍ତର ଦେଇଥିଲି "ନା ପଦ୍ମା ! ପ୍ରାଣର ନିର୍ମଳତା, ମୁକ୍ତତା ଓ ସରଳତା ଆଗରେ ପ୍ରେମିକର ପ୍ରାଣ ନଇଁ-ପଡ଼େ; ତା ଆଗରେ ପୋଖରୀର ନିର୍ମଳ ଜଳ ଓ ଅଳିଆ ଗଦାର ମଇଳା କେଉଁଆଡ଼େ ଚାଲିଯାଏ ।" ମୁଁ ଯାହାର ଅନ୍ତରର ଡାକକୁ ଗ୍ରହଣ କରିଛି କେଉଁ ମୁହଁରେ ତାକୁ ପୁଣି କହିବି "ଅଳିଆ ଗଦାର ମେହେନ୍ତରହିଁ ତା'ହାର ଯୋଗ୍ୟ । ତାର ସୁନ୍ଦର, ସରଳ ପ୍ରାଣରେ ଏତେ ଆଶା ଢାଳି ଅଜି କି ସାହସ ଓ ଗର୍ବରେ ତାକୁ ନିରାଶ କରିବାକୁ ଯିବି ?"

'ରମେଶ ! ଗରିବ ଘରର ପିଲା ସେ । ଖାଇବାକୁ ପିଇବାକୁ ନାହିଁ । ଦେହର ଯତ୍ନ କିଏ ନେଉଛି ? ସେ ଜାଣେ ସେ ସଦାବେଳେ ଗରିବ ରହିବ, କାହିଁକି ବା ଦେହର ଏତେ ଯତ୍ନ ନେବ ? ମାତ୍ର ତାର ମନରେ ଆଶାର ସଞ୍ଚାର କରିଥିଲି ପ୍ରଥମେ ମୁଁ ; ତାକୁ ନିଜେ ନିଜେ ଧରି ଦେଇଥିଲି; ପୁଣି ତାକୁ ସ୍ୱର୍ଗର ସ୍ୱପ୍ନ ଦେଖାଇଥିଲି ମୁଁ, ଧନୀର ଯେଉଁଠି ଦାନ ଗରିବର ଅଗ୍ରାହ୍ୟ ହୋଇ ନ ପାରେ ଭାବି ସେ ସବୁ ସରଳ ନିର୍ମଳ ମନରେ ଗ୍ରହଣ କରି ନେଇଥିଲା । ରମେଶ ! ପ୍ରକୃତରେ କେଡ଼େ ସୁନ୍ଦର ସେ; ମୁହଁଟି କେତେ ସୁନ୍ଦର ଉଜ୍ଜ୍ୱଳ ତାରିଟିଏ ପରି । ପିଲାଦିନୁ ତାକୁ ଭଲ ପାଇଥିଲି; ଭଲ ପାଇବାର ଜିନିଷ ସେ ଥିଲା । ପିଲାଦିନେ ତା ସଙ୍ଗେ ଖେଳ ଆସିଥିଲି ଧୂଳିଖେଳ—"

"ପିଲା ଦିନେ ଦିନେ ଧୂଳି ଖେଳିବାର ବେଳେ
ବର ମୁହିଁ କନ୍ୟା ସେହି ହୋଇଛି ବଧିରେ ।"

ଆସିଲା କିଶୋର ଅବସ୍ଥା । କିଶୋର କିଶୋରୀ ସାଙ୍ଗ କେତେ ଖେଳିଲୁଁ । ଦିନେ ତାକୁ କହିଥିଲି

ଅଳି କି ଚୁମ୍ୱେ କମଳ କଳିକି ?
ଆଶାରଙ୍ଗି ମାଳୀ ତୋଳି ନ ନିଏ କଳିକି ।"

ଉତ୍ତରରେ ମୋ ମୁହଁକୁ ଅନାଇ ହସି ହସି ଚାଲିଯାଇଥିଲା ସେ । କେହି ସେତେଦିନଯାଏ କିଛି କହୁ ନ ଥିଲେ; ପିଲାଖେଳ ବୋଲି ଭାବିଥିଲେ ।

ଚାହୁଁ ଚାହୁଁ ମାଡ଼ିଆସିଲା ଯୌବନ । ଭରା ଯୌବନ; ଉଚ୍ଛଳ, ଉଦ୍ଦାମ ଜୀବନ । ପୋଖରୀରୁ କଳସୀ ଭରି କାଖରେ ଧରି ଲଳନାମାନେ ଆସୁଥିବାବେଳେ ଭରା କଳସୀର ଜଳ ଉଛୁଳି ପଡ଼ିବାକୁ ଯେପରି ଚଞ୍ଚଳ ଓ ଟଳ ଟଳ ହେଉଥାଏ, ସେହିପରି ହେଲା ଆମ ଜୀବନ—ତା ସଙ୍ଗେ ଆସିଲା ବିପଦ ।"

"ରାଜୁ, ବେଶ୍ ତ ଅଭିନୟ କରିପାରୁଛୁ ?"

ଏ ଅଭିନୟ ନୁହେ ରମେଶ, ଏ ପ୍ରକୃତ କଥା — ଅଙ୍ଗେ ନାଭୋଗିବା କଥା । ତାପରେ ଗାଁ ଗଣ୍ଡାରେ ଘରେ ଦ୍ୱାରେ ଆମ ଦୁହିଁଙ୍କୁ ରଖି ଥୋଇ ଦେଲେ ନାହିଁ । ମୁଁ ତ ବଡ଼ ଘରର ପୁଅ, ମୋ ପାଖରେ କେହି ଭିଡ଼ିସି ପାରନ୍ତି ନାହିଁ, ତଥାପି ତାଙ୍କ କଥା ସବୁ ମୋ କାନକୁ ଆସେ । ପଦ୍ମା ଗରିବ ଘରର ଝିଅ; ଗରିବ ଘରର ମାଇପ ସମସ୍ତଙ୍କ ଶାଳୀ, ଗରିବ ଘରର ଝିଅ ସମସ୍ତଙ୍କ ଝାପରି । ବାଟରେ ଘାଟରେ ଯେଉଁଠି ଯିଏ ତାକୁ ଦେଖିଲେ ନାନା କଥା କହିଲେ, ନାନା ପ୍ରକାର ଥଟ୍ଟା କଲେ । ସେ ସବୁ ମୋତେ ବେଶୀ କଷ୍ଟ ଦେଲା ।

ବଡ଼ ଆଶା ରଖିଥିଲି ବାପା ମା'ଙ୍କ ପାଖେ । ସେମାନେ ସବୁ ଜାଣନ୍ତି, କିନ୍ତୁ ଦିନେ ହେଲେ ମୋତେ କିଛି କହି ନାହାନ୍ତି । ଏଣେ ତେଣେ ବାହାଘର ପ୍ରସ୍ତାବ ପକାଇଥାନ୍ତି; ମୋତେ ଜଣାଇ ଶୁଣାଇ ଅନେକ ସମୟରେ ଏଇ ମୋ ବାହାଘର ବିଷୟରେ ଯୁକ୍ତିତର୍କ କରୁଥାନ୍ତି । ସେଥିରୁ ତାଙ୍କର ମତିଗତି ଜାଣିନେଲି, ତା ପରେ କଣ କଲି ଜାଣୁ, ରମେଶ ? ଦିନେ ପ୍ରସ୍ତାବ ଦେଲି ପଦ୍ମାକୁ । ଯଦି ସେ ରାଜି ହୁଏ ତେବେ ଆମର ବାହାଘର ଆଗରୁ ସାରିଦେବୁଁ—ଗୃହଅଙ୍ଗେ କହି ପାରିବୁଁ ଆମେ ବାହା ହୋଇ ସାରିଛୁଁ, ଆଉ କିଛି ବାଧା ବନ୍ଧନ ରହିବ ନାହିଁ । ଗୋଟିଏ ମାତ୍ର ପ୍ରଶ୍ନ ପଚାରିଥିଲା ପଦ୍ମା, "ରାଜୁଭାଇ,

ସଜ ମଲ୍ଲିଫୁଲ ଝଡ଼ିଲେ ବାସି
ସଜ ଲୁଗା ଭାଙ୍ଗ ପିନ୍ଧିଲେ ବାସି ।"

ଉତ୍ତରରେ ତାକୁ ଟାଣିଆଣିଥିଲି କୋଳକୁ । ପଦ୍ମା ଗରିବ, ଚନ୍ଦ୍ରକୁ ହାତରେ ଧରିବାକୁ ଯାଉଥିଲା । ଏଣେ ଉଚ୍ଛଳ ଯୌବନ, ଗରିବର ମନ କୁବେରର ଧନ ଲୋଭରେ ସବୁ କରି ପାରିଥିଲା ।

ହିଁ ଭରଦେଲି । ତା ପରେ ଏଇ ହାତରେ ନିଜେ ତା ମଥାରେ ସିନ୍ଦୂର ଟୋପା ଦେଲି ।"

"ବହୁତ୍ ଘୋଷି କହିଗଲ ପର କଣ ଗୁଡ଼ାଏ କହି ଗୃଲଛୁ ସାଙ୍କୁ ?"

'ରମେଶ, ଏ ଘୃତ ଭିତରେ ସମସ୍ତ ଘ୍ରପା ହୋଇ ରହିଛି, ଟିକିଏ ପଛକୁ ଅନାଇଲେ ସବୁ ସ୍ପଷ୍ଟ। ଗୋଟି ଗୋଟି ହୋଇ ଆଖି ଆଗରେ ପଡ଼ି ଯାଉଛି । ଜାଣି ନଥିଲି ଜୀବନରେ ଏପରି ବେଳେ ବେଳେ ସମୟ ଆସେ, ଆହାର ଆଗରେ ଥୁଆ ହୋଇଛି; ମାତ୍ର ଆହାର ରୁଚୁନାହିଁ; ଶୋଇବା ବେଳ ଅସିଲଣି, ତଥାପି ଆଖିକୁ ନିଦ ଲଗୁନାହିଁ, ଧନର ଅଭାବ ନାହିଁ, ମାତ୍ର ସେ ଆଡ଼କୁ ଗୃହିଁବାକୁ ମନ ହେଉନି । କିଛି ଭଲ ଲଗୁନାହିଁ । ଟିକିଏ ମନକୁ ସ୍ଥିରକର ଆଗକୁ ଅନାଇଲେ ଜଣାପଡୁଛି ସତେ ଯେପରି କିଏ ଆଗରେ ଠିଆହୋଇ ପାଗଲା ପର କଣ ଗୁଡ଼ାଏ କହିଗୃଲଛି । ଯେତେବେଳେ ଯେଉଁ ଆଡ଼େ ଯାଉଛି ଜଣାପଡ଼ୁଛି ସତେ ଯେପରି କିଏ ଘୃଇ ପରି ମୋ ପଛେ ପଛେ ଗୃଲଛି । ଗରିବର ଆଶା କଣ କେବେ ପୂରଣ ହୁଏନି, ରମେଶ ?"

"କହୁଛି ଗୃଲ ଟିକିଏ ବୁଲି ଆସିବା ।"

"ପଦ୍ମା ପାପଗର୍ଭା' ବୋଲି କ୍ରମେ କ୍ରମେ ରାଷ୍ଟ୍ର ହେଲା । ସାଇ ପଡ଼ଶାର ଲୋକ ନାକ ଟେକିଲେ; କେତେ କିଏ ଦେଖେଇ ଶିଖେଇ ଥଟ୍ଟା କଲେ । ପଦ୍ମାର ସେ ସବୁ ପ୍ରତି ଭ୍ରୂକ୍ଷେପ ନାହିଁ । ତାର ମନେ ପଡ଼େ ପୁରାଣ ଯୁଗର ପୁରୁଣା କାହାଣୀ ଯାହା ସବୁ ଆଦର୍ଶ ରୂପେ ଆମ ଆଗରେ ଥୁଆ ହୋଇଛି । ଯେଉଁ ଚରିତଚିତ୍ରଣ ସଞ୍ଜ ହେଲେ ଗାଁ ଲୋକେ ଏକାଠି ବସି ପଢ଼ି ଶୁଣନ୍ତି । ସୁନ୍ଦରୀ ଧୀବର କନ୍ୟା, ଅପ୍ରାପ୍ତ ଯୌବନା ସତ୍ୟବତୀ ।

ତଳା ମୁକ୍ତା ପରି ଝଲ ଝଲ କାନ୍ତି । ନାବ ପାରି କରିବାକୁ ଯାଇ ଯାଇ ଭୁଲି ପଡ଼ିଲେ ଋଷି ପରାଶର ତା ରୂପରେ । ଋଷିଙ୍କ ପ୍ରଭାବରେ କନ୍ୟା ଅଙ୍ଗରେ ଖେଳି ଉଠିଲା ନବ ଯୌବନ । କନ୍ୟାର ହୃଦରେ ହେଲା ଗର୍ଭର ସଞ୍ଚାର । ଜାତ ହେଲେ ମନୀଷୀ ବ୍ୟାସଦେବ । ପାଣ୍ଡବ ଜନନୀ କୁନ୍ତୀ । ଅବିବାହିତା । ଜନ୍ମ ହେଲେ ମହାଯୋଦ୍ଧା କର୍ଣ୍ଣ ।

ପଦ୍ମା ଛାତି ଫୁଲେଇ ବୁଲେ ଦାଣ୍ଡରେ । ଛାତି ଫୁଲାଇ ବୁଲୁଥାଏ କାହା ବଳରେ ? ଏକା ସିନା ସେହି ରାଜୁଭାଇଙ୍କ ବଳରେ । ସରଳ ବିଶ୍ୱାସୀ ପଦ୍ମା ଜାଣେନା ତାର ରାଜୁଭାଇ ଏହା ଭିତରେ ପୂରା ବଦଳି ଯାଇଛନ୍ତି । ତାର ରାଜୁଭାଇ ଆଉ ରାଜୁଭାଇ ହୋଇ ନାହାନ୍ତି; ସେ ଆଜି ଜମିଦାରର ପୁଅ ରାଜବାବୁ ।

ଘର ଅଛି, ପୁଅ ଯୋଗ୍ୟ, ପୁଅ ସୁନ୍ଦର । ଅନେକ ଆଡ଼ୁ ବିବାହ ପ୍ରସ୍ତାବମାନ ଆସେ । ଅନେକ ସାଙ୍ଗେ ସାଙ୍ଗେ ଭାଙ୍ଗି ଯାଏ । ଯେତେ ପ୍ରସ୍ତାବ ସବୁ ଭାଙ୍ଗି ଭାଙ୍ଗି ଯାଉଥାଏ ରାଜୁ ସେତେ ଖୁସି । କାରଣ ବିବାହ ସମ୍ପର୍କର ସ୍ୱପ୍ନରେ ଭାସମାନ ଜୀବନ ତାର ନୁହେଁ । ବିବାହ ପୂର୍ବରୁ ତାର ବିବାହର ସ୍ୱପ୍ନ ବାସ୍ତବ ରୂପ ଧରିଛି । ସେ ଆଜି ବିବାହ ପାଇଁ ବ୍ୟସ୍ତ ନୁହେଁ, ବିବାହ ନ ହେବା ପାଇଁ ବ୍ୟସ୍ତ । ଅନେକ ଥର ମୁହଁ ଖୋଲି କହିଛି ସେ ପଦ୍ମାକୁ ବିବାହ ହେବ; ନଚେତ୍ ଏ ଜୀବନରେ ଆଉ ବିବାହ ହେବ ନାହିଁ ।'

ମାତ୍ର ପାଗଳର କଥା କେହି ଶୁଣନ୍ତି ନାହିଁ । ପଦ୍ମା ଗାଁ କନ୍ୟା, ଗରିବ ଝିଅ । ତାର ବାପା କେତେଥର ଏ ଘରେ ମୂଲ ଲାଗିଛି ସେଇ ଝିଅ ଏ ଘରର ବୋହୂ ହୋଇ ଆସିବ । ଲୋକେ କଣ କହିବେ ? ଏହା ହୋଇ ପାରେନା ? ଏଥିପାଇଁ

ବାପା ମା ରାଜି ହେଉନଥିଲେ ଅଜାଯାଏ । ତା ସଙ୍ଗେ ଜଗତ ପୁଣି ଗାଇଉଠିଲା 'ପଦ୍ମା' ନଷ୍ଟା ।' କେହି ବୁଝିବାକୁ ଗଲେ ନାହିଁ ନଷ୍ଟା କରିଲା କିଏ ? ଜମିଦାର ଘର ଉପରେ ହେଉ; କିମ୍ବା ସେ ଘରର ମାନକୁ ଜାଗି ଅନେକ କହିଲେ, "ଗରିବ, ବାରନାରୀର ଘର, କେତେ ଲୋକ ଯାଉଛନ୍ତି । କିଏ କଣ ଠିକ୍ କରି କହି ପାରିବ ?" ଏ ସବୁ ବାପ ମାଙ୍କ କାନକୁ ଗଲା ।

ପଦ୍ମା ବିରୁଦ୍ଧରେ ଏ ପ୍ରକାର ଅପପ୍ରଚାର ରମାକୁ ଭାରି କଷ୍ଟ ହେଲା । ସେ ଆଉ ସମ୍ଭାଳି ନ ପାରି ମାଙ୍କ ପାଖକୁ ଗଲା । ପାଖରେ ବସି କହିଲା,

"ବୋଉ ! ତୁ ଯେ ମା । ପୁଅ ଝିଅଙ୍କ କଥା ସିନା ତୁ ଜାଣୁ । ବାପା କାହୁଁ ଜାଣିବେ । ତାଙ୍କ ଜମିବାଡ଼ି, ଟଙ୍କା ପଇସା ମହାଜନୀ ଭଲ ତ ସେ ଭଲ । ମା ଅବୁଝା ହେଲେ ପିଲାଏ ଆଉ କାହାକୁ କହିବେ ?

ବୋଉ ! ପଦ୍ମା କେଡ଼େ ସୁନ୍ଦର । କେତେ ଭଲପାଏ ମୋତେ, ରାଜୁଭାଇଙ୍କୁ । ଆମେ ତାକୁ ଲାଗୁ ସ୍ୱର୍ଗ ପରି । ଆମକୁ ଦେଖିଲେ ସେ ତାର ସବୁ ଭୁଲିଯାଏ । ଅନେକ ବୋହୂ ତୋତେ ମିଳିବେ; ତୁ ଆଣିବୁ ବୋହୂ; ମାତ୍ର ଭାଇଙ୍କ ପାଇଁ ଆଣିବୁ ନାହିଁ ।

କେତେ ଥର ରାଜୁଭାଇ, ମୁଁ ,ସେ ଏକାଠି ଖେଳୁଁ । ସଦାବେଳେ ଖୁସି ହସ ମୁହଁ । ନଥିଲା ଘରେ ବଢ଼ି ଭୁଖା ଦିନେ ହେଲେ ତା ମନରେ ଦୁଃଖ କଣ ମୁଁ ଦେଖିନି । ତୁ ବୋଉ ଯାହା କରିବାକୁ ଯାଉଛୁ, ସେ ଶୁଣିଲେ ସେ କଷ୍ଟ, ସେ ଦୁଃଖ,ସେ କିପରି ସହିବ ?

ତୁ ମା, ମୁଁ ଝିଅ । ନାରୀର ମନକଥା ତୁ ଜାଣୁ ? ସମୟର ପ୍ରଭାବ, ନିଜର ମନ, ଯେତେ ଜଗିବସିଲେ ମଧ୍ୟ କାହାର ତାହା ଉପରେ ହାତ ନାହିଁ । ଅଜି ମୋର ଯଦି ଏ ଅବସ୍ଥା ହୋଇ-

ଥାନ୍ତା, ଆଜ ପଦ୍ମା ଯଦି ତୋର ଝିଅ ହୋଇଥାନ୍ତା, କଣ କରିଥାନ୍ତୁ ବୋଉ ?

ଭାଇ ବଡ଼ ଦୁଷ୍ଟ, ବୋଉ ! ପଦ୍ମା ନାମରେ ଯେ ନିନ୍ଦା ପ୍ରଚାର ଚାଲିଛି, ଭାଇ ତାର ମୂଳରେ । ତୁ ଯଦି ମୋତେ ଅବିଶ୍ୱାସ କରୁ, ଏ କଥା ଅବିଶ୍ୱାସ କରିପାରୁ ।

ଜାଣ୍ଡ, ସମାଜ କେହି କେବେ ପରର ସୁଖ ଦେଖିବାକୁ ଭଲ ପାନ୍ତି ନାହିଁ । କାହାର ସୁଖ ଦେଖିଲେ ସେମାନେ ଈର୍ଷାରେ ଜଳିଯାନ୍ତି । କେବଳ ପରର ଦୋଷ, ଛିଦ୍ର ଖୋଜି ବୁଲୁଥାନ୍ତି । ତୁ ତାଙ୍କରି ଧରି ଭାଇଙ୍କ ଆଡ଼କୁ ଚାହିଁବୁ ନାହିଁ ? କହ ବୋଉ ?”

ରମାର ଆଖିରେ ଲୁହ ଆସିଲା ।

ମା ରମାକୁ ସଙ୍ଗରେ ଧରି ବାପାଙ୍କ ପାଖକୁ ଗଲେ । ଦୁଇପଦ କଥାରୁ ସବୁ ବୁଝିପାରି ଆଉ କିଛି କହିବାକୁ ନ ଦେଇ ବାପା ତାଙ୍କ ବକ୍ତୃତା ଆରମ୍ଭ କରିଦେଲେ, “ଏଇଥିପାଇଁ ରମାକୁ ସଙ୍ଗରେ ଧରି ଆସିଛ ! ସେ ପିଲା, ସେ ବି ମୋତେ ଉପଦେଶ ଦେବ । ଦୁଃଖ କରିବ ନାହିଁ, ରମାବୋଉ ! ଏଇଥିପାଇଁ ଅଭିଜାତକୁଳରୁ ବୋହୂ ଆଣନ୍ତି । ତା ନ ହେଲେ ତୁମେ ଆସିଥାନ୍ତ ମୋତେ ଏ ପ୍ରକାର କଥା ସବୁ ପଚାରିବାକୁ । ମୁଁ କୌଣସିକଥା ଶୁଣି ପାରିବି ନାହିଁ ! ଟମର କିଛି ନାହିଁ, ମୋର ତ ମାନ ମହତ ଅଛି । ଏକେତ ଗରିବ, ଦ୍ୱିତୀୟରେ ଗାଁ କନିଅ, ତୃତୀୟରେ ନଷ୍ଟା । କିରୂପେ ଏପରି ଝିଅକୁ ଘରକୁ ଆଣିବି । ଜାଣି ଜାଣି କୁଳରେ କଳଙ୍କ ବୋଳିବି, ଗାଁ ଗଣ୍ଡା ହସିବେ, ମାନ ସମ୍ମାନ ଯିବ । ଏଇଆଇ ସାର ହେବ ।”

ସାପ ମୁହଁରୁ ଚୋଟେ ଖାଇବାପରି ହାଡ଼ଛଣ୍ଡା କଥା ଗୁଡ଼ାକ ମା’ଙ୍କ ଛାତିରେ ଗଳିଗଲା । ସେ ତମ ତମ ହୋଇ

ଫେର ଅସିଲେ । ରାଜୁକୁ ଏଣିକି ଦିନକୁଦିନ ଅକଟ କରିଗଲା । ସେ ଆଉ ପଦ୍ମା ଘରକୁ ଯାଏ ନାହିଁ ।

ପଦ୍ମା ସବୁ ଶୁଣିଛି, ସବୁ ବୁଝି ପାରୁଛି ।

ସାଙ୍ଗ ସାଥିଏ ଅନେକ ଆସନ୍ତି, ନାନା କଥା କହି ବୁଝାନ୍ତି । ରାଜୁ ବୁଝେ ନାହିଁ, କି ବୁଝିପାରେ ନାହିଁ । ଯେମାନେ କହନ୍ତି, "ଧନ ଯୌବନ ଥିଲେ ଏହିପରି ଅନେକ ଜାଗାରେ ଘଟିଥାଏ, କିଏ ତାର ହିସାବ ନେଉଛି । ଯାହା ହୋଇ ଯାଇଛି, ଯାଇଛି । ସେ ଥିଲା ଏକ ଖେଳ, ସେ ଖେଳ ସରିପାରିଛି; ଆଉ ଭାବି କିଛି ଲାଭ ନାହିଁ ।"

ହଁ, ଆଉ ଭାବି କିଛି ଲାଭ ନାହିଁ । ନ ଭାବିବ ବୋଲି ଯେତେ ଯେତେ ଚେଷ୍ଟା କରୁଛି ସେତିକି ସେତିକି ସେ ମନେ ପଡ଼ୁଛି । ମନେ ପଡ଼େ ପଦ୍ମା । ଅଳସ ଆଖି ଆଗରେ ଭାସିଯାଏ ସ୍ୱପ୍ନମୟୀ ପଦ୍ମାର ଲାବଣ୍ୟ ପ୍ରତିମୂର୍ତ୍ତି । ସେ କହୁଛି, ନା, "ରାଜୁଭାଇ ! କିଏ କହେ ଖେଳ ସରିଛି ? ଆସ

ଶ୍ରୀ ଅଙ୍ଗେ ବାସ ଚନ୍ଦନ,  
ହସ୍ତେ ବଂଶୀ, ନେତ୍ରେ ନାଅ ଅଞ୍ଜନ ହେ,  
ବନ ଫୁଲେ ସାଜ ଅପଘନ, ମୋହନ ହେ ।  
ଉଛୁଳା କଳିଅ ଦିନ,  
ଉଛୁଳି ଉଠଇ ଭରା ଯୌବନ ହେ,  
ଛନ ଛନ ମନ ଅବାରଣ, ମୋହନ ହେ ।  
ଚୁତ ଜିଅଲି ଅଶୋକ,  
ପଞ୍ଚଶରେ ସାଜିଦେବ ଶାୟକ ହେ,  
ଖେଳ ବୁଲି ବନଯାକ, ସୁନ୍ଦର ହେ ।

ପଦ୍ମା । ମା ଆସୁଛନ୍ତି ।

ପୁଅ ଝିଅଙ୍କ ଖେଳରେ ମା କେବେ ବାଧା ଦଏନି, ରାଜୁଭାଇ ।

କିନ୍ତୁ ବାପା ଯେ ଏ ଖେଳ ଗୃହାନ୍ତ ନାହିଁ । ବାପା—

ମନର ସ୍ୱପ୍ନ ଭାଙ୍ଗିଗଲା । ଆଖି ଆଥରେ ପଦ୍ମା ଠିଆ ହୋଇଛି— କହିଲା

"ରାଜୁଭାଇ !"

"ପଦ୍ମା !

ପଛରୁ କିଏ କହିଲା, "ରାଜୁ ! ତୁ ଯେ ପୁରୁଷ । ସ୍ତ୍ରୀର ନାରୀ ଆଗରେ ତୋର ସାହସ ଭାଙ୍ଗିଯାଏ ।" ପଦ୍ମା ଆଗରେ ଠିଆ ହୋଇଛି; ସେ ଆସିଛି ତାର ଶେଷ ଉତ୍ତର ଥରେ ମୁହଁରୁ ଶୁଣିଯିବା ପାଇଁ । ରାଜୁ ନିଜକୁ ସଂଯତ କରି ମନରେ ସାହସ ଧରି, କଳ ଗାଉଣା ଗାଇବା ଭଳି ଗାଇ ଗଲା ।

"ଏଠାକୁ କାହିଁକି ଆସିଛୁ ପଦ୍ମା, ଅର୍ଥ ଆଶା କରି ?"

"ପଦ୍ମା କେବେ ଅର୍ଥର ଲାଳସୀ ନ ଥିଲା ରାଜୁଭାଇ । ପୋଷେ ଗୃଉଳର ଆହାର ଯାହାର ଦନକୁ ବଳେ, ତାର ଅର୍ଥ କଣ ହେବ ।"

"ଏ ଯେ ଜମିଦାରର ଘର । ଅର୍ଥ ଛଡ଼ା ଯଦି ଆଉ କିଛି ଅଶା କରିଥାଉ, ସେ ଆଶା ବୃଥା ।"

'କଣ କହୁଛ ରାଜୁଭାଇ ? ମୋ ମୁହଁକୁ ଗୃହିଁ ଥରେ କହ; ତମକୁ ?ଏତେ ଛଳନା ଆସେ ?"

"ପଦ୍ମା ! ତୁ ଥରେ ଭଲ କରି ଆଖି ଖୋଲି ଦେଖେ କାହା ସଙ୍ଗେ କଥାବାର୍ତ୍ତା କରୁଛୁ । ଏ ଜମିଦାର ଘରର ପୁଅ ରାଜୁବାବୁ, ତୋର ରାଜୁଭାଇ ଏଠାରେ ନାହିଁ ।"

"ରାଜୁବାବୁ; ତମେ ମୋର କଣ ନ କରିଛ ? ଏବେ କେଉଁଆଡ଼େ ଯିବି କହ ?"

"ଗରିବର ଯାହା ହୋଇଥାଏ, ସେଇଆ ହୋଇଛି; ବେଶୀ କିଛି ନୁହେଁ, ପଦ୍ମା ! ଯେ ନାରୀ କ୍ଷଣିକ ସୁଖପାଇଁ ନିଜକୁ ସଂଯତ କରିପାରେ ନାହିଁ, ଯାହାର ଚରିତ୍ରର କାଳିମା ଜଗତ ଦେଖୁଛି, ତାକୁ ରାଜବାବୁ ଗ୍ରହଣ କରିବ ଏ ଆଶା ରଖିବା ପାଗଳାମି ମାତ୍ର । ବିଶାଳ ସଂସାରରେ ତୋ ପାଇଁ ଯଥେଷ୍ଟ ସ୍ଥାନ ମିଳିବ; ମାତ୍ର ଏ ତୋର ସ୍ଥଳ ନୁହେ, ଯାଅ !"

' ଯାଉଛି ରାଜୁବାବୁ, ଏତିକି ଶୁଣିବାକୁ ଏଠାକୁ ଆସିଥିଲି । ଯେ ସିନ୍ଦୂର ନାରୀମଥାରେ ତମରି ହାତରେ ଦେଇଥିଲ, ତମରି ଆଗରେ ତାହା ଲିଭାଇ ଯାଉଛି ! ଏ ନାରୀର ଲୁହ, ଦରିଦ୍ର ଭିକାରିଣୀର ଲୁହର ଅଭିଶାପ ସହି ପାରିବା ଭଳି ଶକ୍ତି ଭଗବାନ ତୁମଙ୍କୁ ଦିଅନ୍ତୁ, ଏହା ତାଙ୍କଠାରେ ମୋର ପ୍ରାର୍ଥନା ।"

"ଯା ପଦ୍ମା !

"ଯାଉଛି ।

ପଦ୍ମା ଦେଖିଲା ରମା କବାଟରେ ଠିଆ ହୋଇଛି; ଆଖିରୁ ଲୁହ ବହୁଛି । ଅପେ ଅପେ ତାର ଆଖିରୁ ଦୁଇଧାର ଲୁହ ଗଡ଼ି ଆସିଲା । ସେ ଫେରି ଆସିଲା ।

ଗରିବର ସ୍ୱପ୍ନ ଗରିବର ସ୍ମୃତିରେ ମିଳାଇ ଯାଇଛି । ତଥାପି ତାର ଭଲେହେଲେ ଭ୍ରୂକ୍ଷେପ ନାହିଁ । ସେ ସ୍ମୃତି ଫୁଲାଇ ଦାଣ୍ଡରେ ବୁଲୁଛି; ପୂର୍ବର ବେଶ ଭୂଷା, ଚାଲି ଚଳନ ସେହିପରି ରଖିଛି । କେବଳ ମଉଳି ପଡ଼ିଛି ତାର ଆସମାନରେ ଉଡ଼ୁଥିବା ଉଚ୍ଛୁଳା ମନ । ଯୀରଭାଣ୍ଡରେ ଖଟା ଟିକିଏ ପଡ଼ିଲେ ସମସ୍ତ ଯୀରକୁ ଛିକି ଛିକି ଛିନ୍ଦେଇ ଦେଲାପରି ରାଜବାବୁଙ୍କ କଥାତକ ତାର ହୃଦୟର ରକ୍ତ, ଶିରା ପ୍ରଶିରା ଛିକି ଛିକି କରି ଦେଇଛି । ସ୍ୱାମୀହୀନା ନାରୀର ସଂସାରରେ ଯେପରି ଯେ ଯାହା କହିଲେ ଶୁଣିବା ଓ ସହିବା ଛଡ଼ା ଆଉ ଅନ୍ୟ ଉପାୟ ନ ଥାଏ,

ପଦ୍ମାର ଅବସ୍ଥା ଅଜି ସେହିପରି; ତଥାପି ସେ ଖାତର ନ କରି ଚାଲିଛି । ମା ଜାଣେ ବାପ, ମନ ଜାଣେ ପାପ । କାହାକୁ କହିବ ସେ ।

କିଛିଦିନ ପରେ ପଦ୍ମାର ଝିଅଟିଏ ଜନ୍ମ ହେଲା—ସେ ଭଗବାନଙ୍କ ଦାନକୁ ଆଦରରେ ଗ୍ରହଣ କଲା । ଦିନକୁ ଦିନ ଲୋକ ମୁଖରେ ଚାରିଆଡ଼େ ରାଜବାବୁଙ୍କର ଓ ବଂଶର ନିନ୍ଦା ରଟିବାକୁ ଲାଗିଲା । ପଦ୍ମାକୁ ଗାଁରୁ ତଡ଼ିବାରେ ବହୁତ ଚେଷ୍ଟା ହେଲା ।

ହଠାତ୍ ଦିନେ ରାତିରେ ପଦ୍ମାର ଘରେ ନିଆଁ ଲାଗିଲା ଚାଳଘର, ନିଆଁକୁ ବେଶୀ ସମୟ ଲାଗିଲା ନାହିଁ । ସମସ୍ତ ଜିନିଷପତ୍ର ଯାହାଥିଲା ପୋଡ଼ିଗଲା । ପଦ୍ମା ଝିଅଟିକୁ ନେଇ ବାହାରି ଆସି ପାରିଥିଲା ଓ ତା ସଙ୍ଗେ ଅଣିପାରିଥିଲା ତାର ଛୋଟ ସୁଟକେସ୍ ଖଣ୍ଡିକ । ବୁଢ଼ୀ ନିଆଁ ଧାସରେ ସିଝି ଯାଇଥିଲା । ମନର ଚିନ୍ତା ଓ ନିଆଁର ତାତି ତା ଅରଦିନ ତା ପାଇଁ ଚିତାର ଅଗ୍ନି ଜାଳିଥିଲା ।

ଅଜି ପଦ୍ମା ଏକା । ତାର ଚାରିମାସର ଝିଅଟି ଛଡ଼ା ସଂସାରରେ ଆଉ କେହି ନାହିଁ । ମୁଣ୍ଡ ଗୁଞ୍ଜିବାକୁ ଘର ଟିକିଏ ଥିଲା, ସେ ବି ଗଲା । ଭଗବାନଙ୍କୁ ମନେ ମନେ ଡାକି କହିଲା ପ୍ରଭୁ ! ତୁମେଇ ସର୍ବଶକ୍ତିମାନ । ତୁମରି ଇଚ୍ଛା ପୂର୍ଣ୍ଣ ହୋଇଛି । ଯେଉଁଟି ଯାହା କରିବା କଥା ଓ ରଖିବା କଥା ତାହା କରିଛ, ରଖିଛ । ବୃହତ ପର୍ବତଠାରୁ କ୍ଷୁଦ୍ର କୀଟଯାଏ ସୃଷ୍ଟିକରି ସମସ୍ତଙ୍କପାଇଁ ତାଙ୍କର ସ୍ଥାନ ଖଞ୍ଜି ଦେଇଛ; ମୋ ପାଇଁ କଣ ଏ ସଂସାରରେ ସ୍ଥାନ ନାହିଁ ? ସାହସ ଦିଅ, ବଳ ଦିଅ, ପ୍ରଭୁ ଏତିକି କହି ଝିଅଟିକୁ କାଖରେ ଧରି ଘର ମାଟିରୁ ପାଦକାଢ଼ି ବାହାରିଲା ।

## ଛଅ

ମେଘମାଳାରେ ଆକାଶ ଅଚ୍ଛନ୍ନ । ତାଠାରୁ ଅଧିକ ଅଚ୍ଛନ୍ନ ଦୁଃଖରେ ନିର୍ମଳାର ମନ । ବାରଅଣ୍ଡେ ଏକୁଟିଆ ବସି ଆକାଶକୁ ଚାହିଁ କେତେ କଣ ଭାବି ଯାଉଛି । ଗଲା ଦିନମାନଙ୍କର କେତେ କଥା, କେତେ ସ୍ବଚ୍ଛ ଆକାଶରେ ମେଘ ଖଣ୍ଡମାନ ଭାସିଗଲାପରି ମନ ମଧ୍ୟରେ ଭାସିଯାଉଛି । ପ୍ରତିମା ଆସି ପହଞ୍ଚିଲା, କହିଲା "ନିରୁଅପା; ଠିକ୍ ଏହିପରି ସମୟ, ଏହିପରି ମେଘ ଦେଖି ଯକ୍ଷର ପ୍ରାଣ ଭାଙ୍ଗି ପଡ଼ିଥିଲା, ସେ ପାଗଳ ହୋଇ ମେଘକୁ ଦୂତ କରି ପଠାଇଲା । ଯକ୍ଷ ଥିଲା ପାଗଳ, ମେଘ ଥିଲା ନିର୍ଜୀବ, ମାତ୍ର ମୁଁ ଯେ ତୋର ପ୍ରାଣର ସାଥୀ, ପାଖେ ପାଖେ ଅଛି । ମୋତେ କହୁ କଣ ଭାବୁଛୁ ?"

'ପ୍ରତିମା, କେତେଦିନ ହେଲା ଦେଖିନି ତୋତେ; ବସ । ସତ କଥା, ପାଗଳ ହେବାକୁ ମନୁଷ୍ୟକୁ ବେଶୀ ସମୟ ଲାଗେନି । ମୁଁ ବି ଆଜି ପାଗଳ । ମୋର ମନ ଯକ୍ଷର ମନଠାରୁ ଅଧିକ ବେଗରେ ଏଇ ମେଘ ପବନର ଗତି ସଙ୍ଗେ କାହିଁ କେଉଁ ଆଡ଼କୁ ବହି ଚାଲିଛି । ମୋ କଥା ତ ସମସ୍ତେ ଜାଣିଛନ୍ତି, ସାଇ ପଡ଼ିଶା ଜାଣିଛନ୍ତି, ଦାଣ୍ଡରେ ହାଟରେ ପଡ଼ି ଗଡ଼ ଗଡ଼ାଉଛି; ତୁ କଣ ଜାଣିନୁ ?'

'ହଁ ଜାଣିଛି ତୁ ବାହା ହେଉଛୁ; ଘରେ ବସି ଭାବୁଥାଏ ତୁ ଏ ଷଣି କେତେ ଖୁସିରେ ଥିବୁ, କେତେ କଳ୍ପନା ରାଜ୍ୟର ସୁଖ

ସ୍ୱପ୍ନ ସବୁ ଦେଖିଥିବୁ; କିନ୍ତୁ ଆଜିଯାଏ ଆମ ଘର ଆଡ଼େ ଟିକିଏ
ଗଲିନି ବୋଲି ରାଗିକରି ଆସିଥିଲି ପଚାରିବାକୁ । ବାହା
ନ ହେଉଣୁ କିଣ ଏହିପରି ସମସ୍ତେ ଭୁଲିଯିବାକୁ ଚେଷ୍ଟା କରନ୍ତି ?

'ବହୁଦିନ ହେଲା ବିବାହ ହେବାର ସ୍ୱପ୍ନ ଦେଖୁଥିଲି,
ମାତ୍ର ସେ ସ୍ୱପ୍ନ କ୍ରମେ କ୍ରମେ ଲିଭି ଆସୁଛି ପ୍ରତିମା ।'

'ନାନୁଅପା, ସ୍ୱପ୍ନ ସବୁ ଯେତେବେଳେ ବାସ୍ତବରୂପ
ଧରିବାକୁ ଯାଏ ଏହିପରି ମନର ବିକାର ହୋଇଥାଏ । ସୁଖର
ଓ ସ୍ନେହର ଜିନିଷ ପାଇବାର ସ୍ୱପ୍ନ ମନକୁ ଯେତେ ପାଗଳ
କରୁଥାଏ, ସେ ଜିନିଷ ବାସ୍ତବରୂପେ ହାତ ପାଖକୁ ଆସିଗଲା
ବେଳେ ମନ ହୁଏ ଚଞ୍ଚଳତର । ହାତକୁ ଆସିଗଲେ ଯାଇ ପ୍ରାଣ
ପଡ଼ିଯାଏ ସ୍ଥିର ନିଷ୍ପନ୍ଦ ।'

ତୁ ତେବେ କିଛି ଜାଣିନୁ, ପ୍ରତିମା ।,

'ଲକ୍ଷ ଲକ୍ଷ ଦିନ ବିପଦରେ ବି ତ ଗୋଚର କଲେ କାହାର
ଜାଣିବାର ଉପାୟ ନାହିଁ, ଅପା । କିଣ ହୋଇଛି କହିବୁ
ନାହିଁ ?

ପ୍ରତିମା, ଦିନ ଯାଏ, ରାତି ଆସେ, ପୁଣି ଆରଦିନ
ଆସେ । ସମୟ ଏହିପରି ବହି ଚାଲିଛି । ସମୟ ସଙ୍ଗେ ସଙ୍ଗେ
ଶତ ଶତ ଜୀବନର ଶତ ଶତ ଘଟଣାମାନ ଘଟି ଚାଲିଛି । ସେହି
ସମୟର ପ୍ରଭାବ ନେଇ ଯାହା ଘଟିବା କଥା ତା ଠାରୁ ଅଧିକା
କିଛି ମୋର ଘଟି ନାହିଁ । ଦିନ ଦିନ ଧରି କେତେଦିନର ଘଟଣା
ପୃଷ୍ଠା ପୃଷ୍ଠା ହୋଇ ମୋ ସ୍ମୃତି ଭିତରେ ଲେଖାହୋଇ ରହିଅଛି ।
ଘଡ଼ିକରେ କିଣ ଶୁଣିବୁ ? ସେ ସବୁ ସେହିପରି ରହିଯିବ; କେହି
ତାକୁ ଆଉ ଜାଣିବାକୁ ଇଚ୍ଛା କରିବେ ନାହିଁ, କେବଳ
ଏକୁଟିଆ ବସି ମୁଁ ବେଳେ ବେଳେ ସେ ପୃଷ୍ଠା ଖୋଲୁଥିବି ।

ସେ ସବୁ ବହୁଦିନ ତଳର କଥା, ପ୍ରତିମା । ମୁଁ ଜାଣି ନ ଥିଲି ଯେ ମୁଁ ବଡ଼ ଘରର ଝିଅ, ରଜନ ଛୋଟ ଘରର ପୁଅ । ସେ ଧାରଣା ଭୁଲରେ ସୁଦ୍ଧା ଦିନେ ହେଲେ ମୋ ମନରେ ପଶି ନ ଥିଲା । ବାପା ମା ସେତେବେଳକୁ କହିଲେ ନାହିଁ ଯେ ମୁଁ ବଡ଼ ଘରର ଝିଅ, ମୋର ସ୍ଥାନ ବହୁତ ଉଚ୍ଚରେ ଓ ରଜନ ଛୋଟ ଘରର ପୁଅ ତା ସାଙ୍ଗେ କଥାବାର୍ତ୍ତା କରିବା ମହାପାପ । ଆଜି ସେ ସବୁ ମୋ କାନରେ ଶୁଣାଇ ଏ ପ୍ରାଣରେ କଷ୍ଟ ଦେବା ଛଡ଼ା ଆଉ କିଛି କରୁ ନାହାନ୍ତି । ଲୋକେ କହନ୍ତି ଆମର କୋଠାଘର, ଆମର ବହୁତ ସମ୍ପତ୍ତି ଅଛି; ରଜନର ଚାଳଘର, ତାର ସମ୍ପତ୍ତି ନାହିଁ । ଏ ଚାଳଘର କୋଠାଘରର ପ୍ରଭେଦ ମୁଁ କିଛି ବୁଝେ ନାହିଁ । ଏତିକି ବୁଝେ ରହିବା ପାଇଁ ଲୋକେ ଘର କରିଥାନ୍ତି । ଆଜିର ଚାଳଘର କାଲିକି କୋଠାଘର ହୋଇପାରେ, କାହାର କିଛି ସ୍ଥିରତା ନାହିଁ । ମନୁଷ୍ୟ ଜନ୍ମ ହେବାବେଳୁଁ ଭଗବାନ ତା ପାଇଁ ଅନ୍ନର ସଂସ୍ଥାନ କରିଥାନ୍ତି । ଏପରିକି ପିଲା ମା ପେଟରେ ଥିବାବେଳେ ତା ପାଇଁ ଆହାର, ଜନ୍ମ ହେବା ପୂର୍ବରୁ ତାର ଆହାର ଲାଗି ମା ସ୍ତନରେ କ୍ଷୀର ରଖିଥାନ୍ତି । ଯାହାର ଧନ ସମ୍ପତ୍ତି ଭରା, ସେ ଯେପରି ଗଣ୍ଡାଏ ଖାଇ ଦିନ ନେଉଛି, ଯାହାର ସେପରି ସମ୍ପତ୍ତି ନାହିଁ ସେ ମଧ୍ୟ ଗଣ୍ଡାଏ ଖାଇ ଦିନ ନେଉଛି । ତେବେ ଏତେ ପ୍ରଭେଦ କାହିଁକି ? ପରକୁ ଲୋକେ ଏତେ ତୁଚ୍ଛ ମନେ କରନ୍ତି କାହିଁକି ? ରଜନ ଯେ ସୁନ୍ଦର, ତାର ଗୁଣକୁ ସମସ୍ତେ ପ୍ରଶଂସା କରନ୍ତି । ମୋର ବାପା ମା ବଡ଼ ଲୋକ ହୋଇ ପାରନ୍ତି । ମାତ୍ର ମୁଁ କେଉଁ ଗୁଣକୁ ତାଙ୍କର ସରି ? ବହୁତ କହିଲି, ଅଳି କଲି, ଅଜଟ କଲି, ତଥାପି ବାପା ମା ବୁଝିଲେ ନାହିଁ କି ବୁଝିବାକୁ ଇଚ୍ଛା କଲେ ନାହିଁ । ଯେପରି ସର୍ପର ମଣି ରାଜାର ବ୍ୟବହାରରେ ଆସେ, ନିମ୍ବଗଛର ଚନ୍ଦନ

ଦେବତାର ଭୋଗ୍ୟହୁଏ, ପଙ୍କର ପଦ୍ମ ଠାକୁରଙ୍କର ଯୋଗ୍ୟ ହୁଏ ସେହିପରି ଏଇ ଗୁହାଳଘରର ରଜନୀର ସ୍ଥାନ କେଉଁଠି, କେଉଁ ଭଳିରେ ତାହା ଏକା ଭବିଷ୍ୟତ କହିବ ।

ପ୍ରତିମା, ମୋର ବାପା ମା ବଡ଼ଘରର ହୋଇ ପାରନ୍ତି, କୋଠାଘରକୁ ଭଲ ପାଇ ପାରନ୍ତି, ମାତ୍ର ମୁଁ ଯେ କେତେ ଦିନ କେତେ ସମୟ ଏ ସୁନ୍ଦର ସଜାହୋଇଥିବା କୋଠାଘର ଛାଡ଼ି ସେ ଗୁହାଳଘରେ କଟାଇଛି, ମୁଁ ଯେ କେତେ ଥର ପେଟ ଭଲ-ନାହିଁ ବୋଲି କହି ଆମ ଘରର ଖାଦ୍ୟକୁ ତୁଚ୍ଛ ମନେକରି ସେଇ ଗୁହାଳଘରେ ପଖାଳ ଭାତ ଖାଇଛି' ଏହା କଣ କେହି ଦେଖି ନାହାନ୍ତି ? ସମସ୍ତେ କହନ୍ତି ଝିଅ ମନ କଥା ମା ଜାଣେ, କାହିଁ ବୋଉ ବି ତ ସେଇ ଅବୁଝା । ମୋର ଭଲରେ ରହିବା ଖାଇବା, ପିଇବା ଓ ଭବିଷ୍ୟତ ପାଇଁ ଧନୀଘରେ ବିବାହ ଦେବା ପାଇଁ ବାପ ମାଙ୍କର ଇଚ୍ଛା, ମାତ୍ର ମୁଁ ଯଦି ସେଇ ଗୁହାଳଘରେ ରହି ସୁଖୀ ହୋଇପାରେ ତାଙ୍କର ଆଉ ଭାବିବାର କଣ ଅଛି ପ୍ରତିମା ! ରଜନୀକୁ ଭଗବାନ ଗରିବ ଘରେ ଜନ୍ମ ଦେଇଥିଲେ ବି ସେ ଗରିବ ନୁହେଁ । ସେ ଗରିବ ହୋଇ ନ ପାରେ, ତାର ସ୍ପର୍ଶରେ, ପରଶମଣି ଲାଗି ଲୁହା ସୁନା ହେବା ଭଳି,ସେ ଗୁହାଳଘର କୋଠା ପାଲଟିଯିବ ।,

'ନାରୁଅପା ! ଏ ସବୁ କଣ ଗୁଡ଼ାଏ କହି ଯାଉଛୁ ? ତୋର ବାଇଘର ଟିକେ ହୋଇସାରିଛି । ରଜନବାବୁ ଏତେ ଭଲ ପିଲା ଭଳି ଜଣା ପଡ଼ନ୍ତି, ତାଙ୍କ ପାଖରେ ଏତେ ଗୁଣ ଥିଲା ବୋଲି ବି ମୁଁ ଜାଣିପାରି ନାହିଁ ।'

''ଆଉ ଶୁଣିବୁ ପ୍ରତିମା ! ମୋ ଲାଗି ଏବେ ସେ ତାଙ୍କ ବସା ଛାଡ଼ି ଅନ୍ୟ ଜାଗାକୁ ଗଲେଣି । ଏବେ—

'ନିରୁ !' ମା ଘରୁ ଥାଇ ଡାକିଲେ ।

'ଅପା ! ମା ଡାକିଲେଣି, ଘରକୁ ଚାଲ ।'

ଦୁହେଁ ଘରକୁ ଗଲେ ।

ତା ଆରଦିନ । ପିଲାଏ ସ୍କୁଲରୁ ଫେରିଲେଣି । ଗାଁ ମାଇପେ କୂଅରୁ ପାଣି କାଢ଼ିଲେଣି । ମା ବସି ସଞ୍ଜବତୀ ବଳୁଛନ୍ତି । ନିର୍ମଳା ଡ୍ରେସିଂ ଟେବୁଲ ଆଗରେ ଚୌକିରେ ବସି ମୁଣ୍ଡ କୁଣ୍ଡାଉଛି—ଭାବିଲା ଭାବିଲା ମନ, ସତେ ଯେପରି କେତେ କଣ କୁଆଡ଼େ ହଜେଇ ଦେଇ ଆସିଛି । ଦୁଃଖ କ୍ଳିଷ୍ଟ ଶବର ରମଣୀ-ମାନେ ଜଙ୍ଗଲରେ ପରିଶ୍ରମ କରି ଟିପି ଟିପି ସ୍ୱେଦ ମୁଖେ, ଅର୍ଦ୍ଧ ଉନ୍ମୁକ୍ତ-ଯୌବନ ଅଙ୍ଗେ, ଉତ୍ତୋଳିତ ହାତ ଦୁଇଟିରେ ମୁଣ୍ଡରେ ଥିବା କାଠ ବିଡ଼ାଟିମାନଙ୍କୁ ଧରି ଦାଣ୍ଡରେ ଚାଲିଲେଣି । ଅରଣ୍ୟରେ ରକ୍ତରଙ୍ଗଣି ଜାଣି ବିଜୟର ମୁକୁଟ ବୋଝ ମୁଣ୍ଡରେ ବହି ସତେ ଯେପରି ଦାଣ୍ଡରେ ଘୁଞ୍ଚିଫୁଲାଇ ଚାଲିଛନ୍ତି ସେମାନେ । ନିର୍ମଳା ଝରକା ଭିତରଦେଇ ଦେଖୁଥାଏ ଏ ସବୁ ।

ପ୍ରତିମା ଆସି ଡାକିଲା, ନିରୁଅପା ! ମନର ସୌନ୍ଦର୍ଯ୍ୟ ଫୁଟି ଉଠିଲେ ମୁହଁ ଆପେ ଆପେ ଶୋଭାରେ ଉଲ ଉଲ ହୋଇ ଫାଟି ଉଠେ । ମନରେ ଯଦି ପୋକ ପଶିଥିବ ସ୍ନୋ ମାଖିବା ଅର୍ଥ ହାତରେ ପରିଶ୍ରମ ଓ ମୁହଁକୁ କଷ୍ଟ ଦେବା ସିନା । ମନ ଯେତେବେଳେ ଶୂନ୍ୟ,ଯୌବନ ଥିଲେ ବି ଜୀବନ ମଉଳିଯାଏ, ଅପା !"

'ହଁ ପ୍ରତିମା' ସମୟ ଥିଲେ ବି ରୂପ ଓ ଯୌବନ ଆପେ ଆପେ ନିଭିଯାଏ ଯଦି ଚାରିଆଡ଼େ ହି ହୁତାଶର ନିଆଁ ଅଗ୍ନିକୁ ଦେଖାଯାଏ । ଆ, ମୋ ପାଖରେ ବସ ! "କହିଲୁ ପୁରୁଷ ଯଦି ତାର ମନ ଅନୁଯାୟୀ ସାଥୀ ବାଛିପାରେ, ଏଇ ଅଧିକାରଟିକ କଣ ଆମର ନାହିଁ ? ଆମର କଣ ସେପରି ମନ ନାହିଁ, ଇଚ୍ଛା ନାହିଁ ? ତେବେ ମୁଁ କାହିଁକି ଭୁଲ କଲି ? ମୁଁ ବିଜନକୁ ପାଇଥିଲି ଖୁବ

ନିକଟରେ ଓ ତାକୁ ଗୁହିଁଥିଲି; ସେ ମଧ୍ୟ ନାରୀର ସୁଯୋଗର ସୁବିଧା ନେଇ ରାଜି ହୋଇଥିଲେ । ତେବେ ସେଥିରେ ଏତେ କଥା କାହିଁକି ? ସାବିତ୍ରୀ ତ ନିଜର ରୁଚି ନେଇ ବନେ ବନେ ବୁଲି ନିଜର ବର ଖୋଜିଥିଲେ, ତେବେ ମୁଁ କି ପାପ କଲି ?”

“ସଂସାରରେ ପାପ ବୋଲି କିଛି ନାହିଁ । କେହି କିଛି ଭୁଲ କରନ୍ତି ନାହିଁ; ତେବେ ଭଲ କଥାକୁ ସମସ୍ତେ ଦେଖନ୍ତି । ଆମେ ନାରୀ, ଗୋଟିଏ ଡାଳରୁ ତଳେ ନ ପଡ଼ି ଅନ୍ୟ ଡାଳଟିଏ ପାଇଲେ ଖସି ଯିବା ଭଲ ।”

“କଣ କହୁଛୁ ପ୍ରତିମା ?”

“ତୁ ବହୁତ ଦୂରକୁ ଆଗେଇଛୁ, ସହଜେ ବୁଝି ପାରିବୁନି ଅପା ! ଏସବୁ ଖେଳ । ସଂସାରରେ ସମସ୍ତେ ଏଇ ଖେଳ ଖେଳନ୍ତି, ମୁଁ ବି ଖେଳୁଛି । ଆମେ ତ ସବୁ ଖେଳୁ, ଭଲ ଖେଳବେଳେ ହସାହସି, ଭୁଲ ହେଲେ ମୁହଁ ରଗାରଗି, ଶେଷକୁ କିଏ ହାରିଲା, କାହା ଉପରେ ପାଞ୍ଚ ଚୋର ବସିଲା, ଖେଳସରିଲା, ଚୋର ତା ଘରେ ରହିଲା, କେହି ନେଲେନି, ସମସ୍ତେ ଉଠି ପାର । ବୋହୂଚୋରୀ ଖେଳୁଛେ; ତୁ ହେଇଛୁ ବୋହୂ, ମୁଁ ହେଉଛି ଚୋର । ଖେଳ ସରିଲା; ତୁ ତୋ ଘରେ, ମୁଁ ମୋ ଘରେ; କିଏ ବୋହୂ, କିଏ ଚୋର ? ଯେଉଁ ଖେଳ ଖେଳୁଥିଲୁ ସେ ଖେଳ ସରିଛି; ତୁ ତୋ ଘରେ, ସେ ତା ଘରେ । ଏ ସବୁ ମନରୁ ପୋଛି ପକା ଅପା ।”

‘ମୋତେ ଭାବିବାକୁ ଦେ ପ୍ରତିମା !’

ପ୍ରତିମା ଉଠି ଚାଲି ଆସିଲା । ନିର୍ମଳା ସେହି ଅଧାରୁ ଦର୍ପଣ ଥୋଇ ଦେଇ ଉଠି ଚାଲିଗଲା ।

ଅକୁଦନେ; ମା’ ର ମନ । କେତେ କେ ସମ୍ଭାଳେ । ସଦାବେଳେ ଦେଖୁଛି ଝିଅର ବିରସ ମୁହଁ; ତା ଛାତି ଫାଟି ଯାଉଛି । କେତେଥର ଭାବୁଛି ଝିଅକୁ ବୁଝାଇବ । ମାତ୍ର ଜାଣେ

ଝିଅ ବୁଝିବ ନାହିଁ । ସାହସଧରି ଝିଅ ପାଖକୁ ଗଲା; କହିଲା "ନିରୁ, ସବୁ ଜାଣିଛୁ, ମୁଁ ତୋର ମା । ଦିନେ ତୋର ଦୁଃଖ ଦେଖି ପାରି ନ ଥିଲି, ଆଜି ଛାତିକୁ ପଥର କରି ଦେଇଛୁ ।"

'ସବୁ ଜାଣି ପାରନୁ ବୋଉ, ଜାଣିବ ପାରିବୁ ନାହିଁ । ଯେଉଁ ପଥର ଉପରେ ବସି ବଗିଚାରେ ମୁଁ ମୋ ଦୁଃଖ ଗାଇଛୁ ସେବି ତରଳି ଯାଇଛୁ ।'

'କ୍ଷଣିକ ଉତ୍ତେଜନାର ବିବାହ ଭଲ ହୁଏନି, ନିରୁ ।' କହି ସେ ଚାଲି ଆସିଲେ ।

'ବୋଉ, ଚାଲିଗଲ ।'

ହାତ ଦୁଇଟିରେ ମୁଣ୍ଡଟି ଗୁଡ଼ାଇ ତକିଆ ଭିତରେ ମୁହଁଟି ଦେଇ ଶୋଇ ଯାଇଛି ନିରୁ; ବ୍ଲାଉଜ କାନ୍ଧରୁ ଖସି ଯାଇଛି, ମୁକୁଳାବାଳ ଯାକ କାନ୍ଧ ଉପରେ ପଡ଼ିଛି ବହିପତ୍ର ଇତସ୍ତତଃ ପଡ଼ିଛି; ଟେବୁଲ ଉପରେ ଟେବୁଲ କ୍ଲଥ ଗୁଡ଼ିଆ ହୋଇ ପଡ଼ିଛି; ସ୍ନୋ ଡବା ଫିଟି ପଡ଼ିଛି ତେଲ ଶିଶି ହାତରୁ ପଡ଼ି ଭାଙ୍ଗି ଯାଇଛି; ଲଥା ଜଳଖିଆ ଧରି ଠିଆ ହୋଇ ହୋଇ ଫେରିଲା—ମା ସେ ବାଟେ ଯାଉଛନ୍ତି, ମାଏ ଉଠାଇବାକୁ ମନ ହେଉନି । ଯେଉଁ ପଡ଼ା ଘରଟି ନିର୍ମଳାର ସାଜ ସଜ୍ଜାରେ ହସି ଉଠୁଥିଲା, ତାର ମନ ଫୁଲଣିଆ ଗାନରେ ମୁଖରି ଉଠୁଥିଲା, ସେ ଘରଟି ଆଜି ଶ୍ମଶାନ, ଦିନର ଆଲୁଅ ନିଭି ଆସିଲା । ସଙ୍ଗେ ସଙ୍ଗେ ଛାଇ ଘୋଟି ଆସିଲା ପରି ଘରଟିଯାକ ବିଷାଦର ଛାଇରେ ଛାଇ ହୋଇ ଯାଇଛୁ ।

ପ୍ରତିମା ଘରଟି ସଜାଡୁଛି-ରଜନ ବାବୁଙ୍କ ଫଟୋଟି ଅଣାଅଡ଼ିଆ ହୋଇ ଥୁଆ ହୋଇଥିଲା—ଘର ଝାଡ଼ିବାରେ ଧୂଳିପଡ଼ି ଯାଇଥିଲା । ପ୍ରତିମା ତାକୁ ଯତ୍ନ ସହକାରେ ଲୁଗାରେ ପୋଛୁ ପୋଛୁ ନିର୍ମଳା ହଠାତ୍ ଡାକି ଉଠିଲା,

'ପ୍ରତିମା' ।

'ଅପା' ।

'ସ୍ୱପ୍ନରେ ଦେଖୁଥିଲି ତୋତେ ।'

'ରଜନବାବୁଙ୍କୁ ନୁହେଁ ତ ?'

'ନା ସେ ସ୍ୱପ୍ନ ଆଉ ଦେଖିବି ନାହିଁ ।'

'ଆ, ପ୍ରତିମା ବସ ! ଆଜ ମୁଁ ମୋ ଜୀବନର ଶେଷ ବାର୍ତ୍ତା ପଠାଉଛି ।'

ନୀରୁ ଚିଠି ଲେଖୁଛି—ପ୍ରତିମା ପାଖରେ ବସିଛି । ଆଖିର ଲୁହ ଠାଏ ଠାଏ ପଡ଼ି କେତେକ ଅକ୍ଷର ଧୋଇ ଦେଉଛି—ପ୍ରିୟକୁ ଜଣାଇ ଦେବ ତା ପ୍ରିୟାର ଅନ୍ତରର ବେଦନା । ଚିଠିଟି ଲେଖିସାରି ପ୍ରତିମା ହାତକୁ ବଢ଼ାଇଦେଲା—ପ୍ରତିମା ପଢ଼ିଲା—

ପ୍ରାଣର ରଜୁଭାଇ,

ଆସନ୍ତା ମାସ ତା୧୫ରିଖରେ ମୋର ରାଜବାବୁଙ୍କ ସଙ୍ଗେ ବିବାହ ହେଉଛି ।

ପିତାମାତାଙ୍କ ଯୋଗୁଁ ମୋର ସଂସାରରେ ଅବସ୍ଥିତି । ମୋର ମନ ଅନେକ କଥା ଚାହିଁପାରେ, ମାତ୍ର ତାଙ୍କର ସେ ମନ ଉପରେ ପୂରା ଅଧିକାର ଅଛି । ତାଙ୍କୁ ସବୁ କହିଥିଲି, ସେ ସବୁ ଜାଣି ଶୁଣି ମୋର ଇଚ୍ଛା ବିରୁଦ୍ଧରେ ଗଲେ । ତାଙ୍କ ଇଚ୍ଛା ବିରୁଦ୍ଧରେ ଯିବାର ଶକ୍ତି ମୋର ନାହିଁ ।

ସେଦିନ ବଗିଚାରେ ତୁମେ ଯେଉଁ ପ୍ରଶ୍ନ ପଚାରିଥିଲ ତାର ଉତ୍ତର ଦେଉଛି; "ଜୀବନରେ ଆଶା ଦିନକୁ ଦିନ ବଢ଼ିଚାଲେ ଆୟୁଷ ଦିନକୁ ଦିନ କମି ଆସେ, ମାତ୍ର ଭଗବାନଙ୍କର ଲେଖା ବଢ଼େ ନାହିଁ କି ତୁଟେ ନାହିଁ ।" ସେଇଆ ହେଲା । ଇତି ।

ତମର ସ୍ନେହର

ନୀରୁ

'ସେଇ ଶେଷ ବାର୍ତ୍ତାଟକ ଶୁଣିବ ବୋଲି ମୁଁ ଏଠାରେ ଅପେକ୍ଷା କରିଥିଲି' କହି ପ୍ରମଦା ଘର ଭିତରକୁ ପଶି ଆସିଲା । ଏଡ଼େ ଠୋ କରି ଚିଠି ଖଣ୍ଡିକ ସାରିଦେଲୁ । ତା ହେବନାହିଁ ।'

"କେତେବେଳୁ ଆସିଲୁଣି ପ୍ରମଦା ?"

"ଅନେକ ବେଳୁ ଆସିଲିଣି, ମାଙ୍କ ପାଖେ କଥାବାର୍ତ୍ତା କରୁଥିଲି ।"

"ମା କଣ କହୁଥିଲେ ?"

'ଯାହା ଚିଠିରେ ଲେଖିଛୁ, ଅଧିକା କିଛି ନୁହେଁ "

"ତେବେ ମୁଁ କଣ ଭୁଲ ଲେଖିଛି ?"

"ମୁଁ ନିଜେ ବିଜୁଭାଇଙ୍କ ଖବର ନେଇଛି; ତାଙ୍କ ମନରେ କେତେ ଯେ କଷ୍ଟ ହୋଇଛି କହି ହେବ ନାହିଁ । ଏ ଚିଠି କେବଳ ନିଆଁରେ ଘିଅ ଢାଳିଲା ପରି ହେବ ସିନା, ନିର୍ମଳା ? ତୁ ଯଦି ତାଙ୍କ ଅବସ୍ଥାରେ ଥାନ୍ତୁ, ବୁଝି ପାରୁଥାନ୍ତୁ ସେ କିପରି ଅଛନ୍ତି । ମଣିଷ ହୋଇ ମଣିଷକୁ ଚିହ୍ନ । ଅନ୍ତର ଯାହା ଡାକୁଛି ସେଇଆ କର । ଦେଖିବୁ କେତେ ସୁଖ ପାଇବୁ, କେତେ ଶାନ୍ତିରେ ଏ ଜୀବନ କଟିଯିବ ତୋର । ଏ ଚିଠି ବନ୍ଦକର; ଅଜଥରେ ଭାବ; ଅନେକ ଦିନ ଅଛି ।"

"ସବୁ ଜାଣିପାରୁଛି; କଣ କରିବ ? ଉପାୟ ନାହିଁ ।"

"ଉପାୟ ଅନେକ ଅଛି । ସାହସ ଅଛିତ ?"

ସାହସ ଅଛି ମାତ୍ର ଦୁଃସାହସ ନାହିଁ । ତୁ କଣ ଜାଣିନୁ ବୋଉକୁ ?"

"ହଉ ତୋ ଇଚ୍ଛା ଯାହା ଲେଖ !"

ନିର୍ମଳା ଚିଠିଟିକୁ ଟେବୁଲ ଉପରେ ରଖିଦେଲା । ପ୍ରତିମା ଓ ପ୍ରମଦା ଆଉ କିଛି ସମୟ ବସି ଯୁକ୍ତିତର୍କ କଲେ, ତା ପରେ ସେମାନେ ଚାଲିଗଲେ । ତାଙ୍କ ଯିବା ପରେ ନିର୍ମଳା ଟେବୁଲ

ଉପରୁ ଶଠିଠିକୁ ଅଣି ଶଶ ଫୋପାଡ଼ି ଦେଲା । ଟେବୁଲ୍ ପାଖରୁ ଉଠି ଖଟ ଉପରକୁ ଗଲା । କେତେ କେତେ ପ୍ରକାରର ଭାବନା ଆସି ମନରେ ଖେଳିଲା । ୟୁତକୁ ଦମ୍ଭ ଆଣିଲା, ଦୁର୍ବଳ ମନକୁ ସବଳ କରିବାକୁ ଲାଗିଲା । ଭାବନାର ସ୍ରୋତଧାରା କ୍ରମେ ବଦଳି ଆସିଲା । ଭାବିଲା, 'ବିଜନ ବୟସରେ ମୋ ଠାରୁ ବଡ଼ ସତ, ମାତ୍ର ସଂସାର କ୍ଷେତ୍ରରେ କେଡ଼େ ପିଲା । ପିଲାପରି ସବୁ ବିଶ୍ୱାସ କରି ଚାଲିଛି । ବାହାରର ଦେଖାର ସରଳ ବିଶ୍ୱାସ ଧାରାରେ ଭାସି ଚାଲିଛି । କେତେଦୂର ଯିବ ଜଣାନାହିଁ । ଜୀବନରେ କେତେ ବଡ଼ ଆଶା କରିଛି ସେ, କିନ୍ତୁ ମରୀଚିକା ପଛରେ ଧାଇଁ କାହାର ତ ଶୋଷ ମେଣ୍ଟେ ନାହିଁ, ତୃଷାରେ ଆକୁଳ ହୋଇ ଜୀବନ ଛଟପଟ ହେବା ସାର କେବଳ ।

ମୁଁ ମଧ୍ୟ ତ ଚିହ୍ନେନା, କେତେବେଳେ କଣ କରୁଛି କି କରିବି ତା ମୁଁ ଜାଣେନା । ନାରୀ କଣ' ଏ ବିଷୟରେ ଅନେକ ପ୍ରକାରେ ବିଜନକୁ ବୁଝାଇଛି । ତଥାପି ସେ ଯେ ମୋତେ ଚିହ୍ନି ପାରିଛି ବୋଲି ଗର୍ବ କରେ ସେହି ବିଶ୍ୱାସ ତାର ଜୀବନରେ ଏକ ମସ୍ତବଡ଼ ଭୁଲ୍ ରୂପେ ରହିଯିବ । ଏଣିକି ମୋର ନିଷ୍ପତ୍ତି ମୁଁ ନିଜେ କରିବି । ମୋତେ ବଞ୍ଚିବାକୁ ହେବ, ମୋତେ ସୁଖରେ ରହିବାକୁ ହେବ ।

ତା ଆରଦିନ ସକାଳ । ଗାଧୁଆ ପାଧୁଆ ସାରି, ମୁଣ୍ଡ କୁଣ୍ଡାଇ, ବେଶବାସ ହୋଇ ପଢ଼ାଘରକୁ ଗଲା । ଠିଆହୋଇ ଦର୍ପଣରେ ମୁହଁ ଓ ଦେହର ଚେହେରା ଦେଖିଲା । ବିଭାଘରର ରଙ୍ଗିନ ସ୍ୱପ୍ନ ଆଖି ଆଗରେ ଖେଳି ଉଠିଲା । ଏତେଦିନର ସାଇତା ଏ ସୁନ୍ଦର ରୂପ ଓ ଯୌବନ ରାଜବାବୁଙ୍କ ଘରେ ପୁଣି ଆଲୋକ ଓ ଆନନ୍ଦର ଢେଉ ଖେଳାଇ ଦେବ—ନିର୍ମଳା ଗୁଣୁ ଗୁଣୁ ହୋଇ ଗୀତ ଗାଇ ଗାଇ ଘରଯାକ ବୁଲୁଛି, ମନ ଖୁସି,

ପାଖରେ କେହି ନାହାନ୍ତି । ଆଜି ନିଜେ ନିଜର ସୌନ୍ଦର୍ଯ୍ୟ ଉପଭୋଗ କରୁଛି । ବେଳେ ବେଳେ ପୁଣି ଭାବୁଛି ବିଜନବାବୁଙ୍କ ପାଖକୁ କଣ ଲେଖିବ—କିଛି ଠିକ୍ କରିପାରୁ ନାହିଁ । ପୁଣି ଗୀତ ଗାଉଛି, ବୁଲୁଛି । କିଛି ସମୟ ପରେ ଚୌକିରେ ବସି ଫାଉଣ୍ଟେନ-ପେନ ଧରି ନାଲି ଚିଠି ଲେଖା କାଗଜ ବାହାର କରି ବିଜନ-ବାବୁଙ୍କ ପାଖକୁ ଚିଠି ଲେଖିଲା,

ସ୍ନେହର ବିଜନବାବୁ,

ଆସନ୍ତା ମାସ ୧୫ ତାରିଖରେ ମୋର ରାଜବାବୁଙ୍କ ସଙ୍ଗେ ବିବାହ ହେଉଛି । ମୋର ଏ ଶୁଭ ସମ୍ବାଦ ପାଇ ଆପଣ ନିଶ୍ଚୟ ଖୁସି ହେବେ ।

ସଂସାରରେ ବିବାହ ବନ୍ଧନରେ ଛନ୍ଦହେବା ପୂର୍ବରୁ ଜୀବନଟା କେମିତି କେମିତି ଲାଗେ । ସେଇତକ ସମୟ ତୁମ ସଙ୍ଗେ ହସଖେଳରେ କଟି ପାରିଥିଲି ବୋଲି ତୁମକୁ ମୋର ପ୍ରଧାନ ବନ୍ଧୁ ହିସାବରେ ମୋର ଏ ଶୁଭ କାର୍ଯ୍ୟରେ ପ୍ରଥମ ନିମନ୍ତ୍ରଣ ଦେଉଛି । ଗ୍ରହଣ କରିବେ ।

ସମୟର ସଙ୍ଗିନୀ ଜୀବନରେ ମଙ୍ଗିନୀ ନୁହେ । ତୁମ ସଙ୍ଗେ ମୋର ଏତେ ଅବାଧ ମିଳାମିଶାକୁ ଭୁଲ ବୁଝି ନ ଥିବ ବୋଲି ମୋର ଆଶା । ଇତି ।

ତୁମର

ସ୍ନେହର ନିର୍ମଳା

ଚିଠିଟିକୁ ବନ୍ଦକରି ଡାକକୁ ପଠାଇଦେଲା ।

ଏହା ଭିତରେ ବିଜନ ଗାଁ ଆଡେ ଥରେ ବୁଲି ଆସିଥିଲା । ସେ ମଝିରେ ମଝିରେ ବେଳେ ବେଳେ ଏହିପରି ବୁଲିଆସେ ତାର ବାପାଙ୍କୁ ଦେଖିବାକୁ । ତାର ପତ୍ନୀ ସହିବା ଦିନୁଁ ବାପା ଏବେ ଆସି ଗାଁରେ ରହି ଘରକଥା ବୁଝୁଛନ୍ତି । ତାଙ୍କର ସାମାନ୍ୟ ହେଉ ପଛକେ ଘରବାଡ଼ି ଖଣ୍ଡିକ ସେଇଟି ଅଛି । ତାର ପ୍ରିନ

କାଲର ସାଙ୍ଗ ସେଇଠି ଅଛନ୍ତି । ଏଇଥର ହଠାତ୍ ପଦ୍ମା ସଙ୍ଗେ ଦେଖା ହେଲା । ମା ଥିଲାବେଳେ ପଦ୍ମା ତାଙ୍କ ଘରକୁ ବେଳେ ବେଳେ ଯାଏ, ସେ ଦେଖିଛି । ତାର ମା ମଧ୍ୟ ପଦ୍ମା ଘରଆଡ଼େ ସମୟେ ସମୟେ ବୁଲିଆସେ, ସେ ଜାଣିଛି । ମାତ୍ର ପଦ୍ମାର ତାର ସେପରି ଆଳାପ ନ ଥିଲା । ଏକକାତୀୟ ଜନଙ୍କରେ ଆକର୍ଷଣ ନ ଥାଏ । ଲୁହା ଲୁହାକୁ ଟାଣେ ନାହିଁ ଟାଣେ ଚୁମ୍ବକ । ସେଇଥି ପାଇଁ ବିଜନ ଭଲ ପାଉଥିଲା ନିର୍ମଳାକୁ, ପଦ୍ମା ଭଲପାଉଥିଲା ସାନ୍ତବାବୁଙ୍କୁ । ଦୁହେଁ ଯେଝାର ସ୍ୱପ୍ନ ରାଜ୍ୟରେ ବୁଲୁଥିଲେ । ଆଜି ଦୁହିଁଙ୍କର ସେ ସ୍ୱପ୍ନ ଭାଙ୍ଗି ଆସିଛି । ଆଜି ମନ ମନ ଏକାଠି କରିଦେଇଛି ଅବସ୍ଥା । ପଦ୍ମା ଏକଣି ଅସଂସାରୀ ଭାବରେ ବାଇବଳୁ ମାରିଲା ପରି ଏଠା ସେଠା ଏଗାଁ ସେଗାଁ ବୁଲୁଥାଏ । ବୁଡ଼ି ଯାଉଥିବା ଲୋକ ପ୍ରାଣ ବିକଳରେ କୁଟା ଖଣ୍ଡେ ଆଗରେ ପାଇଲେ ତାକୁ ଧରି ପକାଇଲା ପରି ସେ ବିଜନର ସାହାଯ୍ୟ ଚାହିଁଲା । ବିଜନ ସବୁ ଶୁଣିଲା । ମନରେ ଦୁଃଖ ହେଲା, ରାଗ ମଧ୍ୟ ହେଲା । ଦୁନିଆ କଣ ସେ ଜାଣି ଜାଣି ଆସିଲାଣି । ମାତ୍ର ତାର ଅବସ୍ଥା ଯାହା ସେଥିରେ ନିଜ କଥା ଅସମ୍ଭାଳ, ସେ ପଦ୍ମାର ବା କଣ କରିପାରିବ ? ପଦ୍ମାର ଇଚ୍ଛା ଅନୁସାରେ ତାକୁ କୌଣସି ଏକ ସହର ଜାଗାକୁ ନେଇଯିବା ପାଇଁ ସେ ରାଜିହେଲା ।

ବିଜନ ଫେରିଆସି ନିର୍ମଳାର ଚିଠି ପାଇଲା । ଚିଠି ପଢ଼ିଲା । ମନେ ମନେ ବିଦ୍ରୂପର ହସ ହସିଲା । ମନ ତାର ବିଦ୍ରୋହୀ ହୋଇ କହି ଉଠିଲା, "ଏ ବିବାହର ନିମନ୍ତ୍ରଣ ନୁହେଁ, ଏ ବିଦ୍ରୋହର ଆହ୍ୱାନ । ଧନୀ ଓ ଧନର ମିଶ୍ରଣ ଗରିବକୁ ଉପହାସ ପାଇଁ । ବିଜନ ବହୁତ ବୁଝିଛି ଏରୂପ ନାରୀର ଛଳନାମୟୀ ଲେଖା ଓ ମନ ।

# ସାତ

ବର୍ତ୍ତମାନକୁ ଉପହାସ କରି ସେହି ପୂର୍ବ ସ୍ମୃତିର ଛଳନା ଘେନି ଆଜି ଆସିଛି କାର୍ତ୍ତିକ ପୂର୍ଣ୍ଣିମା । ପୁଣ୍ୟ ସଲିଳା ଚିତ୍ରୋତ୍ପଳା ତଟେ ଚୈତନ୍ୟ ମହାପ୍ରଭୁଙ୍କ ପଦ ଧୂଳି ଦ୍ୱାରା ପବିତ୍ରିତ ଗଡ଼ଗଡ଼ିଆ ଘାଟଠାରେ ବାଲିଯାତ୍ରା ଉତ୍ସବ । କାର୍ତ୍ତିକ ମାସ ଓଡ଼ିଶାର ପୁଣ୍ୟ ମାସ । ମାସ ମାସ ଧରି ଲୋକେ କାର୍ତ୍ତିକ ସ୍ନାନ କରି ଆଜି ଶେଷ ସ୍ନାନ କରୁଛନ୍ତି । ନାମ ସଂକୀର୍ତ୍ତନ, ଖୋଳ କରତାଳ, ଝୁସିହସ ମୁଖରୋଳରେ ସ୍ଥାନଟି ମୁଖରିତ ।

ଏଇଦିନ ଉତ୍କଳର ଉଚ୍ଚ ଗୌରବମୟ ଅଦୂର ଅତୀତର ଇତିହାସ ମନେ ପଡ଼େ । ମନେ ପଡ଼େ, "ବହିତ୍ର ଲାଗିଲା ଯାଇଁ ସିଂହଳ ଦ୍ୱୀପରେ; ତା ସଙ୍ଗେ ସୁଦୂର ରାଜ୍ୟର ସୁନ୍ଦରୀ ରାଜଜେମା ଲାବଣ୍ୟବତୀ ଓ ଚନ୍ଦ୍ରଭାନୁର ପ୍ରେମ କାହାଣୀ ।" ଯେତେବେଳେ ଓଡ଼ିଶା ଧନ ଧାନ୍ୟରେ ଭରିଥିଲା, ଓଡ଼ିଆ ପୁଅମାନେ ବୁଦ୍ଧି କୌଶଳ ଖେଳାଇ ପୁରୀ କୋଣାର୍କ ପ୍ରଭୃତି ମନ୍ଦିର ତିଆରୁଥିଲେ, ସେତିକବେଳେ ଏଇଦିନେ ଓଡ଼ିଆ ସାଧବ ପୁଅମାନେ ବୋଇତରେ ବିପଣି ସମ୍ଭାର ଭରି ସାଗରର ନୀଳବକ୍ଷ ଡେଇଁ ବାଣିଜ୍ୟ ବ୍ୟବସାୟ କରିବାକୁ ଯାଉଥିଲେ । ଦୂର ନିକଟ, ବିଦେଶ ଦେଶ ଏକାଠି ସମ୍ବନ୍ଧ ସୂତ୍ରରେ ବାନ୍ଧି ରଖିଥିଲେ ଏଇ ବୋଇତଆଳମାନେ । "ଯହିଁ ଲାବଣ୍ୟବତୀ ସମ୍ଭବସ୍ଥାନ; ତହିଁ ଅପୂର୍ବ

କେଉଁ ଦ୍ରବ୍ୟମାନ” ପ୍ରଭୃତି ଦେଶରୁ ଅପୂର୍ବ ଧନ ରତ୍ନ ବହି ଆଣୁଥିଲେ ଓ ବିଦେଶରେ ଓଡ଼ିଆର ଠେକ ରଖିଥିଲେ । ବର୍ଷାର ଦୁର୍ଦ୍ଦିନ ସରି ଆସିଥାଏ, ନଦୀର ଜଳ ଓ ଆକାଶ ନିର୍ମଳ ଥାଏ; ଜଳ ଓ ବାୟୁ ମଣ୍ଡଳର ଉଦ୍‌ବେଳତା ଭାଙ୍ଗି ଯାଇଥାଏ; ଘୋର ଶୀତ ମାଡ଼ିଆସି ନଥାଏ, ଏଇଦିନେ ଓଡ଼ିଆପୁଅର ବୋଇତ ଯାଏ ଦୂର ବିଦେଶକୁ । ସମବେତ ପୁର ସ୍ତ୍ରୀମାନେ ଶଙ୍ଖ ହୁଳହୁଳି ଧ୍ୱନି ମଧ୍ୟରେ ସୁସଜ୍ଜିତ ବୋଇତମାନଙ୍କୁ ବନ୍ଦାପନା ସାରି କୂଳରୁ ବିଦାୟ ଦିଅନ୍ତି । କୂଳବଧୂମାନଙ୍କର ମଙ୍ଗଳଯାତ୍ରାର ବିଧାନ, ମଙ୍ଗଳାଙ୍କଠାରେ ଅନ୍ତରଭରା ପ୍ରଣତି, ପୁରୁଷମାନଙ୍କୁ ଘରକୁ ନିରାପଦରେ ଫେରାଇ ଆଣେ । ଆଜି ସେହି ପୂର୍ବ ସମୟର ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ବାଳକ ବାଳିକା, ଯୁବକ ଯୁବତୀ ପୁରୁଷ ସ୍ତ୍ରୀ ସମସ୍ତେ ନିଶି ନ ପାହୁଣୁ ନଈ ପୋଖରୀକୁ ସ୍ନାନ କରିବାକୁ ଯାଇଁ ଫୁଲ ଅର୍ଘ୍ୟ ପ୍ରଦୀପ ଦେଇ, ଶଙ୍ଖ ହୁଳହୁଳି ଧ୍ୱନି ମଧ୍ୟରେ ପାଣିରେ ଡଙ୍ଗା ଭସାଇ ଦେଉଛନ୍ତି । ଶତ ଶତ ଡଙ୍ଗା ଆଜି ଆଲୋକମାଳାରେ ବିଭୂଷିତ ହୋଇ ଭାସି ଚାଲିଛି ।

କେତେ କେତେ ଲୋକଙ୍କର ଡଙ୍ଗା ଭାସିଚାଲିଛି; ତାରି ସାଥିରେ ଭସାଇ ଦେବି ମୁଁ ମୋର ଡଙ୍ଗାଟି । ଭାସି ଭାସି କେଉଁଠି ଲାଗିବ ଜାଣେନି ଧର୍ମର ଡଙ୍ଗା, ବୁଡ଼ିବ ନାହିଁ ଏତିକି ଭରସା । ଯା ଡଙ୍ଗା ମୋର, ଆସିବ କେତେ ବିପଦ, ବହିବ ଝଞ୍ଜାପବନ, ନିଭିଯିବ, ଆଜିର ଏ ଆଲୋକିତ ପ୍ରଦୀପ, ତଥାପି ଅନ୍ଧାର ଭିତରେ ଚାଲିବୁ । ଚାଲିବୁ ସେଇ ଦରିଆ ମଝିକୁ, ଆଖି ପାଇବନି, କୂଳଥଳ ନ ଥିବ, ଶାନ୍ତ ସୁନୀଳ ବିଶାଳ ବକ୍ଷରେ ଭାସୁଥିବୁ । ଜାଣି ପାରିବୁ ଏ ଛୋଟ ନଈକୂଳରେ ତୁ କେଡ଼େବଡ଼ ଦିଶୁଥିଲୁ, ତୋର କେତେ ଆଦର ଥିଲା । ମାତ୍ର ଆଜି ତୁ କେତେ ଛୋଟ, କେଡ଼େ ନଗଣ୍ୟ । ପଥର

ପାଥେୟ୍ର ପାନଗୁଆ ସଙ୍ଗରେ ଦେଇ, ଫୁଲରେ ସଜାଇ, ଧୂପଦୀପ ଜାଳି ନିର୍ମଳା ତା ଡଙ୍ଗାଟିକୁ ନଈରେ ଭସାଇ ଦେଲା । ଜଳ ଅଞ୍ଜୁଳିରେ ଧରି ସୂର୍ଯ୍ୟଦେବଙ୍କଠାରେ ସଭକ୍ତି ପ୍ରଣତି ଜଣାଇଲା । ଅରି ପାରିରୁ ହସି ହସି ସୂର୍ଯ୍ୟଦେବ ଉଠି ଆସିଲେ । ସମୁଦ୍ର କୂଳ ଚନ୍ଦ୍ରଭାଗା ପରି ନିର୍ମଳ-ସୁନ୍ଦର ଦିଶିଲା । ସୂର୍ଯ୍ୟଙ୍କର ପ୍ରଥମ ରକ୍ତିମ ଆଭା ତାର ସୁନ୍ଦର କୋମଳ ମୁଖମଣ୍ଡଳରେ ପଡ଼ି ତାକୁ ଆହୁରି ସୁନ୍ଦର କରିଦେଲା । ସତେ ଯେପରି ସକାଳର ସୁଷମାମୟ ସୃଷ୍ଟିକୁ ସରସ କରି ଫୁଟି ଉଠିଲା ତାର ମୁଖ ସାରସ ସୂର୍ଯ୍ୟଦେବଙ୍କ କଲ୍ୟାଣ ଆଶାରେ । ଜଳ-ଆସ୍ତରଣ-ଅନାବୃତ୍ତ ଅର୍ଦ୍ଧ-ଉନ୍ମୁକ୍ତ ଅଙ୍ଗେ, ପାଣି ସରି ସରି ବ୍ୟସ୍ତ ବାସତଳେ, ମୁକ୍ତ ସିକ୍ତ କେଶପାଶ କୋଳେ, ରକ୍ତିମ ରଶ୍ମିର ପରଶେ ଯୌବନର ସୌନ୍ଦର୍ଯ୍ୟ ଫାଟି ଉଠି ଢଳ ଢଳ ହେଉଥିଲା । ବିଜନ ଏ ସବୁ ଲକ୍ଷ୍ୟ କରୁଥିଲା । ଆଉ ସମ୍ଭାଳି ନ ପାରି ଅନ୍ତରାଳ ତଳୁ ନିର୍ମଳାକୁ ଶୁଣାଇ ଗାଇ ଉଠିଲା ।

"ଏଇଠାରେ ଥାଉ କଥା ତୁ ନ କହୁ
କଥା କି କାମୁଡ଼ି ଖାଇବ
ରଙ୍ଗ ହେବ ହେବ ଶିମିଳି ଫୁଲ
ସବୁଦିନ ଏକା ରହିବ ।"

ନିର୍ମଳାର ଧ୍ୟାନ ଭାଙ୍ଗିଗଲା । ସେ ପଛକୁ ଥରେ ଅନାଇ ଆଖି ଫେରାଇ ଆଣିଲା । ରାଗରେ ଜଳି ଉଠିଲା ସତେ ଯେପରି ରୂପକୁ ଜାଳିଦେବ । ଶୀଘ୍ର ସ୍ନାନ ସାରି ସଙ୍ଗୀମାନଙ୍କ ସହ ବସାକୁ ଫେରିଲା । ଯେତିକି ଖୁସି, ମନରେ ସେ ଯାଇଥିଲା ସେତିକି ଦୁଃଖ ମନରେ ଫେରିଲା । ଯେଉଁଠାରେ ଖୁସି ସେହିଠାରେ ଦୁଃଖ, ଯେଉଁଠାରେ ପୁଣ୍ୟ ସେହିଠାରେ ପାପ, ଯେଉଁଠାରେ ଦେବତା

ସେହିଠାରେ ରାକ୍ଷସ । ଆଜ ବଜନ ରାକ୍ଷସ, କାରଣ ନିର୍ମଳା ଦେବତା ହେବାକୁ ବସିଛି ।

"ନିତାନ୍ତ ଅଭଦ୍ର ହୋଇଗଲୁଣି ବଜନ ତୁ ଆଜକାଲ୍ । ଭଦ୍ର ଘରର ଝିଅ ବୋହୂଙ୍କୁ ଦେଖି ଏପରି ଅସଂଯତ ହେବା କେଉଠାରୁ ଶିଖିଲୁ ?"

"ଭଦ୍ରଘର ନୁହେଁ ଅଜମ୍ମା, ବଡ଼ ଘର କହିପାରୁ । କିନ୍ତୁ ନଈ । ଧାନ କିଆରମାନଙ୍କରେ ଯେତେ ବାଲୁଙ୍ଗା ନ ବାହାରେ ଅଧିକ ବାହାରେ ସରଗଡରା, ରନ୍ଧୁଚୁଡ଼ କିଆରମାନଙ୍କରେ ।

ଏଠାକୁ ସବୁ କିଏ ଆସନ୍ତି ଜାଣିଛୁ ? ପିଞ୍ଜରାରେ ବନ୍ଦୀ-ହୋଇ ଅଣନିଶ୍ୱାସୀ ହୋଇଥିବା ପକ୍ଷୀସବୁ ହାଓ୍ୱା ଖାଇବାକୁ । ବର୍ଷ ବର୍ଷ ଧରି ସହରରେ ବୁଲି ଯେଉଁମାନଙ୍କୁ ଦେଖି ନଥିବୁ ଆଜି ସମସ୍ତ ଜୀବଜନ୍ତୁ ପାଣି ଖାଇବାକୁ ଏକାଠି ଧର୍ମର ଛତ୍ରତଳେ ହାଜର । ଏ ସବୁ ଯାତ୍ରା, ମେଳା, ପ୍ରଦର୍ଶନୀ ପ୍ରଭୃତି ହୁଏ ଏଇ-ମାନଙ୍କ ପାଇଁ । ଏଇଠି ସେମାନଙ୍କର ଉଡ଼ନ୍ତା ମନ ମନ ଖୁସିରେ ଉଡ଼ିବାର ସୁଯୋଗ ପାଏ । ସବୁଦିନ ଘରେ ରହି ରହି ଜୀବନ ଛିଟା ଲାଗିଥାଏ; ଯାତ୍ରା, ମେଳା ହେଲେ ଅବାରଣ ଗତିରେ ବାହାରକୁ ବାହାରି ଆସିବାକୁ ହୁଏ । ବର୍ଷା ପୂର୍ବରୁ ଝିଂଟିପୋକ ଦଳ ଦଳ ହୋଇ ବାହାରିଲା ପରି ଏମାନେ ନୂଆ ନୂଆ ବେଶରେ ବାହାରି ପଡ଼ନ୍ତି ପ୍ରଦର୍ଶନୀ ଦେଖିବା ଅପେକ୍ଷା ପ୍ରଦର୍ଶନୀର ସାମଗ୍ରୀ ହେବାକୁ । ଆମ୍ବଗଛରେ ଆମ୍ବ ଝୁଲୁଥାଏ, କମଳା ଗଛରେ କମଳା ପାଚିଥାଏ, ମାତ୍ର ସେ ସବୁକୁ କେହି ନଜର ଦିଅନ୍ତି ନାହିଁ ବଜାରକୁ ନ ଆସିଲାଯାଏ ।

ଯେଉଁଟି ମାଛ, ସେଇଠି ମାଛରଙ୍କା, ଏ'କ ସ୍ୱାଭାବିକ । ଅନେକଥର ଏଇସବୁ ମେଳା, ପ୍ରଦର୍ଶନୀ ଦେଖିବାକୁ ଯାଇଛୁ, ମାତ୍ର ଦେଖୁଥାଏ କିଏ ? ଆଖି ଅମାନିଆ ଭବେ ଚାଲି ଯାଉଥାଏ ସେହି ଆଡ଼କୁ, ଯେ ସୁନ୍ଦର । ଯାତ୍ରା ସରେ, ପ୍ରଦର୍ଶନୀ ଭାଙ୍ଗେ; ପଛରେ ରହିଯାଏ ବିରାଟ ବିରାଟ ଇତିହାସ ।

ଅନ୍ଧାର ମେଘୁଆ ରାତିରେ କେହି ଆକାଶକୁ ଚାହେଁ ନାହିଁ; ଫୁଲ ଫୁଟି ନ ଥିଲେ ବଗିଚା ଅଡ଼େ କେହି ଆଖି ପକାଏ ନାହିଁ; ମାତ୍ର ଆଜି ଏ ନଈକୂଳ ଶତ ଶତ କୁସୁମମାଳାରେ କୁସୁମିତ । ଏସବୁ ନ ଦେଖି ଚାଲିଯିବା କିପରି ଅଜୟ ? ଆ ବୁଲିବୁଲି ଯିବା ।"

"ତୋ ସଙ୍ଗେ ବୁଲି ଆସି ବଡ଼ ଭୁଲ କରିଛୁ ବିଜନ ।"

"କିନ୍ତୁ ଅଳ୍ପ ଦିନ ପରେ ତୁ ଆଉ ମୋତେ ସଙ୍ଗରେ ପାଇ ପାରିବୁ ନାହିଁ । ମୋ ସଙ୍ଗେ ବୁଲୁଥିବେ ସେହିମାନେ ଯେଉଁମାନଙ୍କୁ ଦେଖିଲେ ତୋର ଛାତି ଥରି ଉଠିବ, ଭୟରେ ଦିନ ଦିପ୍ରହରରେ ନିଦ ଆସିଯିବ । କେତେ ଦିନର ସାଙ୍ଗ ତୁ, କେବେ ପୁଣି ଦେଖା ହେବ ଠିକ୍ ନାହିଁ; ଆ ଟିକିଏ ବୁଲିଯିବା, କଥାବାର୍ତ୍ତା ହେବା ।"

ଦୁହେଁଯାକ ନଈକୂଳେ ବୁଲି ବୁଲି ଯାଇ ଗୋଟିଏ ପଥର ଚୌକି ଉପରେ ବସିଲେ । ଖରାପଡ଼ି ଆସିଲାଣି । ଶୀତଦିନିଆ ସକାଳର କଅଁଳ ଖରା ଦିହକୁ ଭଲ ଲାଗୁଥାଏ । ବିଜନ କଥା ଆରମ୍ଭ କରି କହିଲା—

"ଅଜୟ ମୋତେ ସମସ୍ତେ ଭୁଲ ବୁଝୁଛନ୍ତି । ମାତ୍ର ଯେତେବେଳେ ମୁଁ ଦେଖେ ରାସ୍ତାକରଯାକ ଦୁଇମହଲା ତିନି ମହଲା ପକାଘର ଠିଆ ହୋଇଛି, ଆଉ ମୁଁ ଫେରେ ଏକ ଅଜଣା ଅଶୁଣା କୁଡ଼ିଆ ଭିତରକୁ; ଲୋକମାନେ ସୁନ୍ଦର ସୁନ୍ଦର ବେଶ

ପୋଷାକ ପିନ୍ଧି ମଟର କାରରେ ବସି ରାସ୍ତାରେ ଗୃଲୁଛନ୍ତି, ଆଉ ମୁଁ ଛିଣ୍ଡା ଲୁଗା ପିନ୍ଧି ରାସ୍ତା କଡ଼ରେ ଗୃଲୁଛି; କିଏ ଘରେ ବସି ଭଲ ଖାଇ ପିଇ କୋମଳ ଶେଯ ଉପରେ ଶୋଇ ହସି ଖେଳି ଦିନ ନେଉଛନ୍ତି, ଆଉ ମୁଁ ଦିନେ ଦିନେ ଭୋକ ଉପାସରେ ରହି କୁଡ଼ିଆଟିରେ ମନ ମାରି ପଡ଼ି ରହୁଛି, ଦିନ ସରୁନାହିଁ, ସ୍ୱତଃ ମୋର ମନରେ ବିଦ୍ରୋହ ଜାତ ହୁଏ। ମୁଁ ଦିନରାତି ପରିଶ୍ରମ କରିବି, ପରିଶ୍ରମ କରି ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ନଷ୍ଟ କରିବି ତଥାପି ଭଲ ଗଣ୍ଡିଏ ଖାଇବାକୁ ପାଇବି ନାହିଁ; ଯାହା ଅନ୍ୟ-ମାନେ ବିନା ପରିଶ୍ରମରେ ଭଲ ଖାଇପିଇ, ଘରେ ବସି, ଆନନ୍ଦରେ ବଢ଼ି ଦିନକୁଦିନ ସୁନ୍ଦରତର ଦିଶିବେ, କାହିଁକି ? ମୁଁ କି ଦୋଷ କରିଛି ଓ ସେମାନେ କି ପୁଣ୍ୟ କରିଛନ୍ତି କହିପାରିବୁ, ଅଜୟ ?"

"ଭଗବାନ ମନୁଷ୍ୟକୁ ଜନ୍ମଦେଲା ବେଳେ ତା ପାଇଁ ସବୁ ଠିକ କରି ଦେଇଥା'ନ୍ତି। ତାଙ୍କର ଅଦତ୍ତ ଜିନିଷ ମନୁଷ୍ୟ ପାଇ-ବାକୁ ଇଚ୍ଛାକଲେ ସୃଷ୍ଟିରେ ବିଭ୍ରାଟ ହେବା ସ୍ୱାଭାବିକ। ସେ ମନୁଷ୍ୟକୁ ଲଙ୍ଗଳା କରି ପଠାଇଲେ, ମାତ୍ର ତାଙ୍କ ଇଚ୍ଛା ବିରୁଦ୍ଧରେ ମନୁଷ୍ୟ ପିନ୍ଧିଲା ଲୁଗା। ଲୁଗାରୁ ପୁଣି ବାହାରିଲା ସରୁ, ମୋଟ, ସୁନ୍ଦର, ଅସୁନ୍ଦର। ଗଛ ଦେଇଛନ୍ତି ମନୁଷ୍ୟକୁ ଦେବ ଆଶ୍ରା, ତୋଳିବାକୁ କୁଡ଼ିଆ, ଖାଇବାକୁ ଫଳ। ମାତ୍ର ମନୁଷ୍ୟ ଖେଳାଇଲା ବୁଦ୍ଧି-ସୃଷ୍ଟିର ବିରୁଦ୍ଧରେ; ଗୃହିଁଲା କୋଠା ଘର କରି ରହିବାକୁ, ଭଲ ଖାଦ୍ୟ ପ୍ରସ୍ତୁତକରି ଖାଇବାକୁ। ପ୍ରାକୃତ ଉପରେ ପଡ଼ିଲା କୃତ୍ରିମତାର ପ୍ରଭାବ। ଜୀବନ ଧାରଣ ଓ ଭଲରେ ରହିବା ପାଇଁ ଲାଗିଲା ସଂଗ୍ରାମ। ଯାହାର ଏ ସବୁରେ ଲକ୍ଷ୍ୟ ନାହିଁ, ଯେ ମୁନି ଋଷିଙ୍କ ପରି ବଣର ଫଳମୂଳ ଖାଇ

ଜଙ୍ଗଲର ଗଛତଳେ, ପାହାଡ଼ର କନ୍ଦରାରେ ରହିପାରେ ତାର କ୍ଷତି ଅଭାବ ନାହିଁ; ସେ ସୁଖୀ ।”

“ନିଜର ବୁଦ୍ଧି ବଳରେ ଜଙ୍ଗଲ ଜୀବନ ଛାଡ଼ି ମନୁଷ୍ୟ ବହୁଦୂର ଅଗେଇ ଆସିଛି । ସେ ଆଉ ଫେରି ପାରିବ ନାହିଁ । ତା ବୋଲି ମନୁଷ୍ୟ ମନୁଷ୍ୟ ମଧ୍ୟରେ ଏତେ ପାର୍ଥକ୍ୟ ରଖି ଘୃଣ୍ୟ ଭାବ ସୃଷ୍ଟି କରିବା ତ ଠିକ୍ ନୁହେ । ପ୍ରତ୍ୟେକ ମନୁଷ୍ୟର ଦୁଇହାତ, ଦୁଇଗୋଡ଼, ଦୁଇଆଖି ସବୁ ସମାନ ଅଛି । କାମ, କ୍ରୋଧ, ଲୋଭ, ମୋହ, ଆଶା, ଆକାଙ୍କ୍ଷା ସମସ୍ତଙ୍କର ଅଛି । ସମସ୍ତେ ଚାହାନ୍ତି ଭଲ ଖାଇବାକୁ, ଭଲରେ ରହିବାକୁ । ତେବେ ଜଣେ କାହିଁ ଭଲରେ ରହେ, ଭଲ ଖାଏ, ଆଉ ଜଣେ ପାଏନି ? ଜଣେ କାହିଁ ପକ୍କାଘରେ ବସେ, ଆଉ ଜଣେ କୁଡ଼ିଆ ଖଣ୍ଡେ ନ ପାଇ ଗଛତଳେ ସାରାରାତି କଟାଏ; ଜଣେ କାହିଁ ମଟରରେ ବୁଲୁଥାଏ, ଆଉ ଜଣେ ଖରାରେ ଝାଞ୍ଜି ତାତି ଖାଇ, ବର୍ଷାରେ ପାଣି ପବନ ଖାଇ ଖାଲି ପାଦରେ ଚାଲୁଥାଏ । ଜଣେ ଯାହା ଖାଇକରି ଫୋପାଡ଼ି ଦିଏ, ଆଉ ଜଣେ ତାହା ପାଏନି ? ଏସବୁର କାରଣ କଣ ? ଏସବୁ ଅଙ୍ଗେ ନିଭାଇ ଖାଲି ଦେଖି ଦେଖି ଚାଲିଯିବା ଏହା କଣ ସମ୍ଭବ ?”

“କ୍ଷୁଦ୍ର ଶକ୍ତି ଜୀବ ତୋ ସମ୍ଭବ ଅସମ୍ଭବରେ ସଂସାରର ଯାଏ ଆସେ କେତେ ? ସର୍ବଶକ୍ତିମାନ ଭଗବାନ୍ ପ୍ରତିଦିନ ଯେଉଁ କୋଟି କୋଟି ପ୍ରାଣୀ, ବୃକ୍ଷଲତା ସୃଷ୍ଟି କରି ଚାଲିଛନ୍ତି ସେ ସବୁ ବିସଦୃଶ । କୌଣସି ଦୁଇଜଣ ଗୁଣ, ଧନ, ଧ୍ୟାନ, ଧାରଣା, ରୂପ ବୁଦ୍ଧିରେ ଏକ ନାହାନ୍ତି । ତେଣୁ ତାଙ୍କ ଏକା ସ୍ତରକୁ ଅଣିବାର ପ୍ରୟାସ କରିବା ମନୁଷ୍ୟ ପକ୍ଷରେ ଧୃଷ୍ଟତା ମାତ୍ର ।

ତଥାପି ମନୁଷ୍ୟର ସମସ୍ତ ଚେଷ୍ଟା ବିଫଳ ହୁଏ ନାହିଁ। ଗରିବକୁ ସଂସାର କେତେ ହୀନଦୃଷ୍ଟିରେ ଦେଖେ, ତାହା ଆଖିରେ ଦେଖିପାରି ଆଜି ମୁଁ ଅସଂସାରୀ। ଆଜିକାଲି ଫୁଲଟିଏ ଦେଖିଲେ କାଲେ କିଏ ତାକୁ ଲଗାଇ ପକାଇବ କିମ୍ବା ଠାକୁରଙ୍କୁ ଦେଇଦେବ ସେଥିପାଇଁ ଛିଣ୍ଡାଇ ଗୋଡ଼ରେ ଦଳିଦିଏ। ଭଲ ଜିନିଷଟିଏ ଦେଖିଲେ କାଳେ କିଏ ତାକୁ ଭୋଗ କରିବ ଭାବି ସଙ୍ଗେ ସଙ୍ଗେ ନଷ୍ଟ କରିଦିଏ।"

"ଶିକ୍ଷାର ଯେ ଏପରି ପରିଣତି ହୋଇପାରେ ମୋର ଧାରଣା ନ ଥିଲା। ଧର୍ମ ସତ୍ୟ ବଳରେ ସଂସାର ଚଳୁଛି, ଦିନରାତି ହେଉଛି; ସୂର୍ଯ୍ୟ ନିୟମିତ ଉଇଁ ଅସ୍ତ ହେଉଛନ୍ତି, ଗ୍ରହ ଚନ୍ଦ୍ର ଠିକ୍ ବାଟରେ ଗୁଲୁଛନ୍ତି। ଆଜି ନିର୍ମଳା ତୋର ନୁହେଁ। ସେ ପର ସ୍ତ୍ରୀ; ଆଖି ବୁଜି ଆଜି ତୁ କି ସାହସରେ ଏତେ ପାପ ପଙ୍କକୁ ଗୁଲୁଛୁ ?"

'ସତ ମିଛ, ଭଲ ମନ୍ଦ, ପାପ ପୁଣ୍ୟ, ଧର୍ମ ଅଧର୍ମ ଏ ସବୁ କରୁଛି କିଏ ? ଯେ ସମସ୍ତ ସୃଷ୍ଟି କରିଛନ୍ତି ସେ ଏ ସବୁକୁ ବି କରିଛନ୍ତି। ସୃଷ୍ଟିର ପ୍ରଥମରୁ ଏ ସବୁ ରହିଛି ଓ ସୃଷ୍ଟିର ଶେଷ ପର୍ଯ୍ୟନ୍ତ ରହିବ। ସଂସାରରେ ସମୟ ଓ ସୁଯୋଗର ସୁବିଧା ନେଇ କେହି ଏଥିରୁ ବାଦ ଯାନ୍ତି ନାହିଁ। ଗଛଟିକୁ ହଲାଇ ଦିଅ, ପୋଖରୀର ଜଳକୁ ଚହଲାଇ ଦିଅ, କିଛି ସମୟପାଇଁ ଚହଲିଯିବ, ପୁଣି ପରେ ପରେ ସ୍ଥିର ହୋଇଯିବ, କାରଣ ତାର ପ୍ରକୃତ ଲକ୍ଷଣ ସ୍ଥିର ରହିବା। ଯୁଗେ ଯୁଗେ ଭଗବାନ ଅବତାର ହେଉଛନ୍ତି, ରାମ, କୃଷ୍ଣ, ବୁଦ୍ଧ, ଚୈତନ୍ୟ ପ୍ରଭୃତି ମହାପୁରୁଷମାନେ ଆସି ତୁମୁଳ ଆନ୍ଦୋଳନ ସୃଷ୍ଟି କରିଛନ୍ତି, ସେମାନେ କଣ ମିଛ, ପାପ ସଂସାରରୁ ନେଇଗଲେ ? କେହି ନେଇ ନାହାନ୍ତି ବା ନେଇ ପାରିବେ ନାହିଁ। ପିଲାଦିନୁ ପିଲାଙ୍କୁ ଶିକ୍ଷକ ଓ ପିତା ମାତା

କହୁଛନ୍ତି ଓ ମାଡ଼ ଦେଉଛନ୍ତି, ତଥାପି ସେ ମିଛ କହୁଛି । ସତମିଛ, ପାପପୁଣ୍ୟ ଥିଲା, ଅଛି ଓ ସେହିପରି ରହିଥିବ । ସତ୍ୟବାଦୀ ଧର୍ମରାଜ ଯୁଧିଷ୍ଠିର ମଧ୍ୟ ମିଛ କହିଥିଲେ; ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧର ମୂଳଦୁଆ ଦେଇ ନରହତ୍ୟା ରୂପକ ପାପର ବାଟ ଫିଟାଇ ଥିଲେ; ରାମଙ୍କ ରାଜତ୍ୱକାଳରେ ରାବଣ ତାର ଦଳବଳ ନେଇ ପାପ ଅତ୍ୟାଚାରର ଖେଳ ଖେଳାଇଥିଲା; ଧର୍ମଦେବ ସୂର୍ଯ୍ୟ ସାଗରକନ୍ୟା ଚନ୍ଦ୍ରଭାଗା ଲାଗି ପାଗଳ ହୋଇ ଯାଇଥିଲେ । ଭଗବାନ ନିଜେ ପରକୀୟା ପ୍ରେମର ଉଦାହରଣ ସଂସାରକୁ ଦେଇଗଲେ । କାହିଁ କେହିତ ପାପ ବୋଲି ପଚାରିଲେ ନାହିଁ ?

✓ସଂସାରରେ ଏପରି କିଏ ଅଛି ଯେ ଛାତିରେ ହାତ ଦେଇ କହିବ ସେ ଜୀବନରେ ମିଛ କହିନି, ଚୋରି କରିନି; ପର ସ୍ତ୍ରୀକୁ ଚାହିନି ? ଯେଉଁମାନେ ଏ ସବୁକୁ ଘୃଣା କରନ୍ତି ସେ କେବଳ ବାହାରର ଦେଖାପାଇଁ । ଯାହାକୁ ଜଗତ କହେ ଆଦର୍ଶ, ସେ କେବଳ ଆଦର୍ଶ ମାତ୍ର । କହିବାପାଇଁ, କରିବାପାଇଁ ନୁହେଁ । ସଂସାର ବଜାରରେ ସବୁଠାରୁ ଶସ୍ତା ଉପଦେଶ ।

ବିନା ସ୍ୱାର୍ଥରେ ମନୁଷ୍ୟ ପଦେ ସୁଦ୍ଧା ଆଗକୁ ପାଦ ପକାଏ ନାହିଁ; ପଦେ କାହାକୁ କଥା କହେ ନାହିଁ; କେଉଁ ଆଡ଼କୁ ଚାହେଁ ନାହିଁ । ବିନା ସ୍ୱାର୍ଥରେ ସ୍ତ୍ରୀ ସ୍ୱାମୀକୁ ଭଲପାଏ ନାହିଁ; ପୁତ୍ର ପିତାକୁ ଭକ୍ତି କରେ ନାହିଁ । ସେଇ ସ୍ୱାର୍ଥର ବଶ ହୋଇ ଏଇ ଫୁଲଟିକୁ ମୁଁ ମୋ ପୁଅ ପାଇଁ ଚାହେଁ, ସେ ବିଡ଼ା ସ୍ୱାମୀ ପାଇଁ ଚାହେଁ । ସେ କୋଠାଘରେ ଅଛି ଦେଖି ମୁଁ ମୋର ଚାଳଘର ଭାଙ୍ଗି କୋଠା କରିବାକୁ ବସେ । ଏଇ ସବୁପାଇଁ ହୁଏ ବିଭ୍ରାଟର ସୃଷ୍ଟି । ସମସ୍ତେ ସଦାବେଳେ ନିଜ ନିଜର ସୁବିଧା ଓ ସୁଯୋଗରେ ବ୍ୟସ୍ତ—ଏଥିରେ ଭଲ ମନ୍ଦ, ପାପ

ପୁଣ୍ୟର ଅବକାଶ କାହିଁ ? ପରକୁ ମାଗିଲେ ପେଟ ପୂରେ ନାହିଁ । ପରଧନ ଘରେ ନ ପଶିଲେ ଘର ଭରେ ନାହିଁ । ହାତ ଠେକା ଧନରେ ଆଶା ମେଣ୍ଟେ ନାହିଁ । ଦାନ କରିବାକୁ କେହି ଭଲ ପାନ୍ତି ନାହିଁ । ଧର୍ମ ଭଲ ଜିନିସ ଭାବି କେହି ଧର୍ମ କରନ୍ତି ନାହିଁ । ପାପର ଭୟ ମୁଣ୍ଡରେ ନ ପଶିଲେ ମନୁଷ୍ୟ ଦାନ ଧର୍ମ କରିବାକୁ ଯାଏ ନାହିଁ । ସଦାବେଳେ ଏ ସବୁର ପଛରେ ରହିଛି ଗୋଟାଏ ଅନିଶ୍ଚିତ ଆଶା, ଦୂର ସ୍ୱାର୍ଥ ।

ଜମିବାଡ଼ି ଘରଦ୍ୱାର ଯାହା ପାଇଁ ପୃଥିବୀରେ ନିତି ଲାଗିଛି ନିଷ୍ଠୁର ଖେଳ ସେ ସବୁ କାହାର ? ତୋର ନୁହେଁ, କି ମୋର ନୁହେଁ । ସେ ସେଇଠି ପଡ଼ିଥିଲା, ପଡ଼ିଥିବ; ଆମେ ଚାଲିଯିବା । ବାପ ପୁଅକୁ ଗେଲ କରି ଖେଳାଉଥିବାବେଳେ ଅସତୀ ସ୍ତ୍ରୀ ମନେ ମନେ ହସୁଥିବା ଭଳି ଆମେ ଖେଳୁଛୁ ଏ ଖେଳ ।

ମନୁଷ୍ୟର ଶକ୍ତି ଓ ବୁଦ୍ଧି ଅସୀମ । ସେ ଆସିଛି ଆନନ୍ଦରେ ସଂସାରରେ ଖେଳି ବୁଲି ଜୀବନ ଉପଭୋଗ କରି ଚାଲିଯିବାକୁ । ଜୀବନ ଚାହିଁ ଚାହିଁ ସରି ଆସୁଛି । ଯଦି ମରିବା ଜୀବନର ଶେଷ ପରିଣତି, ମରିବାପରେ ସାରା ଶରୀର ଧୂଳିରେ ମିଶିଯିବ ଓ ଅଣୁ ମାତ୍ରର ସତ୍ତା ରହିବ ନାହିଁ, ଯଦି ବଞ୍ଚିଥିବା ମଧ୍ୟରେ କାହା ତୁଣ୍ଡରୁ ଆହା ପଦେ ଶୁଣିବାର ଭରସା ନାହିଁ ତେବେ କାହାର ମତାମତରେ ଆମର ଅଛି କଣ ?

ମନ ନିର୍ମଳ କର । ଅନ୍ତର ଯାହା କହୁଛି, ମନ ଯାହା ଚାହୁଁଛି କରିଯାଅ । ସତ ମିଛ, ପାପ ପୁଣ୍ୟ ପଛକୁ ପକାଅ । ଆଗରେ ଅଛି ଆନନ୍ଦ, ସ୍ୱର୍ଗ । ଯେପରି ନଈ ତାର ବାଟରେ ଧୀରେ ଧୀରେ ବହି ଚାଲିଥାଏ ପଥର ବନ୍ଧ ବାଡ଼କୁ ଗୋଡ଼ରେ ଆଡ଼େଇ ଦେଇ, ସେହିପରି ଜୀବନର ଅମୃତ ସ୍ରୋତ ଅବିରାମ

ଚାଲିଛି । ପାପପୁଣ୍ୟର ବାଧା ବନ୍ଧନ ଆପେ ଆପେ ଚାଲିଯିବ । ଜୀବନକୁ ଛାଡ଼ିଦିଅ ମୁକ୍ତ ପଥରେ, ଦେଖିବ ପଥ ଆଲୋକମୟ, ସମସ୍ତ ଉଜ୍ଜ୍ୱଳ; ଜୀବନ ହେବ ସରସ ଓ ସୁନ୍ଦର ।"

"ପାଠ ପଢ଼ି କି ସୁନ୍ଦର ତଥ୍ୟସବୁ ବାହାର କରିଛୁ ବିଜନ ?"

"ଆଉ ସେଇ ତଥ୍ୟ ନେଇ ଆଜି ମୁଁ ପାଲଟିଛି ଗୁଣ୍ଡା, ଡାକୁ ।"

---

## ଆଠ

ସବୁଲେ ଗୃହାନ୍ତି ସେହି ନୟନରେ ତମେ ଗୃହଁ ଯେ ନୟନେ
ତାଙ୍କ ମନ ଆଶା ଆକାଙ୍‌କ୍ଷା ମମତା ନୁହେଁ ତ ତମଠୁଁ ଭିନେ
କିପରି କରିବି ନାହିଁ ?
ତମେ ଦେଲି ଘରୁ ଗୋଡରେ ଅଡେଇ ଦାଣ୍ଡ ଭିକାରଣୀ ମୁହିଁ ।

ଆଜି ମୁଁ ଦାଣ୍ଡର ଭିକାରଣୀ । ପାଖରେ କିଛିନାହିଁ । ଦୁଃଖରେ ପଦେ ପଚାରିବାକୁ କେହି ନାହାନ୍ତି । ଯେଉଁ ରାଜ ବାବୁଙ୍କୁ ଜୀବନ ଦେଇ ଭଲ ପାଇଥିଲି, ଯାହାଙ୍କ ପଦତଳେ ଏ ଜୀବନ ଉତ୍ସର୍ଗ କରିଥିଲି, ଯେ ନିଜ ହାତରେ ମୋ ମଥାରେ ସିନ୍ଦୂର ଟିପା ଦେଇଥିଲେ, ଶେଷରେ ସେ ମୋତେ ପାଦରେ ଅଡ଼େଇ ଦେଇ ସଂସାର ଆଗରେ ସଜା ପାଲଟିଗଲେ ଓ ସଂସାର ତାଙ୍କୁ ବିଶ୍ୱାସ କଲା । ଗରିବର ଦୁଃଖ କେହି ବୁଝିଲେ ନାହିଁ, ଗରିବର କଥା କେହି ବିଶ୍ୱାସ କଲେନାହିଁ । ଯଦି ସେ ମୋତେ ଏତେ ଆଶା ଦେଇ ବିବାହ କରି, ପୁଣି ବିବାହ ହେଲେ ଓ ଜଗତ ତାଙ୍କୁ ଶାନ୍ତ ଶିଷ୍ଟ ବୋଲି ଗ୍ରହଣ କରିପାରିଲା, ମୁଁ ଥରେ ବିବାହ ହୋଇ ଆଉ ଥରେ ବିବାହ ହେଲେ କ୍ଷତି କଣ ? ଯଦି ପୁରୁଷ ତାର ସତ୍ୟ ରକ୍ଷି ପାରିଲା ନାହିଁ, ମୁ କାହିଁକି ଅସତୀ ହେବି ? ଥରେ ନୁହେଁ ଦଶଥର ନୁହେଁ, ଶହେଥର ବିବାହ କରିବି । ଯେଉଁ ପୁରୁଷ ମୋତେ ଖେଳର ସାମଗ୍ରୀ ବୋଲି ଭାବିଛି ତାଙ୍କୁ ଖେଳାଇ

ଖେଳ ଦେଖୁଥିବ । ମୋତେ ଯେ ଅସତୀ ବୋଲି କହିବ ତାକୁ ପଚାରିବି ଛାତିରେ ହାତ ଦେଇ କହ ତୁ କଣ ?

ସଂସାର ସୁନ୍ଦର; ହସ ଖୁସିର ସ୍ଥାନ । ଆମୋଦ ପ୍ରମୋଦର ଜାଗା; ପ୍ରେମର ଖେଳ ଘର । ଜୀବନ ଅନୁଭବ ପାଇଁ ନୁହେଁ, ଉପଭୋଗ ପାଇଁ । ଆଉ ଭାବିବାର ବେଳ ନାହିଁ; ଯୌବନ ସରି ଆସେ; ଜୀବନ ଦିନକୁ ଦିନ ଗଳିଯାଏ ।

ଫୁଲ ଫୁଟିଲେ ବାସେ, ସୁନ୍ଦର ଦିଶେ । ଜଣକୁ କେବଳ ନୁହେଁ; ସମସ୍ତଙ୍କୁ ବାସେ ଓ ସମସ୍ତଙ୍କ ଆଖିକୁ ସୁନ୍ଦର ଦିଶେ । ସମସ୍ତଙ୍କର ଏକା ମନ; ଏକା ଆଶା । ଫୁଲର ସୃଷ୍ଟି ସମସ୍ତଙ୍କର ଆମୋଦ ପାଇଁ । ସେ ସୁନ୍ଦର ରୂପନେଇ ସଂସାରେ ଖେଳେ ଖେଳ । ସୁନ୍ଦର ରୂପର ପସରା ମେଲାଇ ମୁଁ ଖେଳିବି ସେ ଖେଳ । ରୂପ ଜଳେ, ରୂପ ଜାଳେ । ପୁଣି ଦିନେ ମଥାରେ ସିନ୍ଦୂର ଦେବ, ପ୍ରତିଦିନ ଭିନ୍ନ ଭିନ୍ନ ରଙ୍ଗର । ଏ ମଥାର ସିନ୍ଦୂର ଦିନକୁ ଦିନ ଯେତିକି ଚକ୍ ଚକ୍ କରୁଥିବ ପାଗଳ ପୁରୁଷ ଜାତିକୁ ସେତିକି ସେତିକି ଆଣି ନିଆଁରେ ପକାଇ ଜାଳୁଥିବି ।

ମନେ ଅଛି ରାଜବାବୁ ସେ ଦିନ କହିଥିଲେ 'ବିଶାଳ ସଂସାରରେ ତୋ ପାଇଁ ଅନେକ ଜାଗା ଅଛି, ମାଇଁ ବି ଦିନେ କହିଥିଲେ 'ରୂପ ବଜାର ଜାଗାକୁ ସାଜେ ।' ଆଜି ଏକମାତ୍ର ସମ୍ବଳ ମୋର ରୂପ । ତାକୁଇ ନେଇ ସେହି ବଜାରରେ ରଚିବି ମୋର ନୂଆ ସଂସାର ।

ଜଗତ ବାହାରୁ ଲୋକଙ୍କୁ ଚିହ୍ନେ; କେହି ଭିତର ଦେଖି-ବାକୁ ଯାନ୍ତି ନାହିଁ । ଭେକ ନଥିଲେ ଭିକ ମିଳେନା । ରଜାପୁଅ ହୋଇଥିଲେ ମଧ୍ୟ ଦେହରେ ଭଲ ପୋଷାକ ଖଟଣ୍ଡ ନଥିଲେ କେହି ଚିହ୍ନିବେ ନାହିଁ । ଫକଡ଼ ହୋଇ ଭଲ ବେଶରେ ଥିଲେ

ତାର ବହୁତ ଖାତର । ରାଜ ବାବୁଙ୍କ ଦଣ୍ଡ ଜନ୍ମସ ଘୃଣ୍ୟ ମନେ ହେଉଥିଲେ ବି ପଦ୍ମା ସୁଟକେସ୍‌ରୁ ବାହାରକର ଭଲ ଶାଢ଼ୀ ଖଣ୍ଡିଏ ପିନ୍ଧଲା । ବ୍ରଜନ ତାକୁ ସାଙ୍ଗରେ ସହରକୁ ଆଣି ଗୋଟିଏ ଧର୍ମଶାଳାରେ ରଖି ଚାଲିଗଲା ।

ଆଜିଠାରୁ ପଦ୍ମା ଲକ୍ଷ୍ମୀରୂପେ ପରିଚିତା । ଧର୍ମଶାଳାରେ ପାଦ ଦେମାତ୍ରେ ସତେକି ଯେପରି ଧର୍ମଶାଳା ହସି ଉଠିଥିଲା । ଯେଉଁଠି ଫୁଲ ଫୁଟେ ସମସ୍ତଙ୍କ ଆଖି ସେଇଠି; ଯେଉଁଠି ଫଳ ପାଚେ, ସମସ୍ତଙ୍କ ମନ ସେଇଠି । ଲକ୍ଷ୍ମୀର ବୟସ ଥିଲା, ତାର ଅପରୂପ ସୌନ୍ଦର୍ଯ୍ୟ, ସୁନ୍ଦର ଚାଲି, ଚଞ୍ଚଳ ଚାହାଣି, କଥାର ଭଙ୍ଗୀ ତାକୁ ଏକ ଚମତ୍କାର ରୂପ ଦେଇଥିଲା । ଯୌବନର ଜୁଆର ଖେଳି ଉଠୁଥିଲା । ବେଶ ବାସର ଆଡ଼ମ୍ବର ବିଶେଷ ନ ଥିଲେ ସୁଦ୍ଧା ସ୍ୱତଃ ସୁନ୍ଦର ଅଙ୍ଗର ଢଳ ଆପେ ଆପେ ଢଳିପି ଉଠୁଥିଲା ।

ଚାଲୁଥିବାବେଳେ ସମସ୍ତଙ୍କ ଆଖି ତାର ଆଡ଼େ । ସକାଳେ ଉଠିବାଠାରୁ ରାତିରେ ଶୋଇବାକୁ ଯିବା ଯାଏ ସେ ଦେଖେ କେହି ନା କେହି ତାକୁ ଲାଳାୟିତ ନୟନରେ ଚାହିଁଛନ୍ତି । ବେଲ ପାଚିଲେ କାଉ ଚାହିଁ ରହିଥିବା ଭଳି ଏମାନେ କେବଳ ଦେଖିବା ସାର୍ଥକ କରନ୍ତି, ଆଶା ଅପୂରଣ ରହିଯାଏ, ମନ ବିକଳ ହୁଏ, ଆଖିକୁ ନିଦ ଆସେନା । ମାତ୍ର ଏସବୁ ବୁଝିବାକୁ ସେ ଆଉ ପିଲା ନୁହେ । ମନେ ମନେ ହସେ; ଭାବେ ଏ ମାନେ ବି ରାଜ-ବାବୁଙ୍କର ଗୋଟିଏ ଗୋଟିଏ ଅବତାର ।

ଆମର ପାଇଁ ଖରା ବର୍ଷା ଶୀତର ସୃଷ୍ଟି । ସେ ଆମକୁ ଛାଡ଼ିପାରେ ନାହିଁ, କି ଆମେ ତା ପାଖରୁ ବାହାରି ପାରୁନାହିଁ । ଯାହାର ଧନ ଅଛି ଋତୁମାନେ ତାଙ୍କ ପାଖେ ମଥା ନୁଆଇଁ ଆନ୍ତି । ଖରାଦିନ ସମୁଦ୍ରକୂଳ । ରୋଗୀ ଭୋଗୀ ଏଠାକୁ ଆସନ୍ତି ଦଳଦଳ

ହୋଇ ଜଳବାୟୁ ପରିବର୍ତ୍ତନ ପାଇଁ । ଅନେକ ଲୋକ ଆସନ୍ତି ବୋଲି ଆହୁରି ଅନେକ ଆସନ୍ତି ମନ ପରିବର୍ତ୍ତନ ପାଇଁ । ସରୋଜ ବାବୁଙ୍କର ଧନ ଅଛି । ଶରୀରରେ ରୋଗ ଥିଲା କି ନାହିଁ, ମନରେ ଯେ ରୋଗ ଥିଲା ତାହା ତାଙ୍କ ମୁହଁରୁ ଜଣାପଡ଼ୁଥିଲା । ସମୁଦ୍ରକୂଳରେ ଗୋଟିଏ ଘର ଭଡ଼ା ନେଇ ରହିଛନ୍ତି ଧର୍ମଶାଳା ଠାରୁ କୋଡ଼ିଏ ପଚିଶ ହାତ ଅନ୍ତରରେ । ସମୁଦ୍ରକୂଳକୁ ପ୍ରତିଦିନ ଦୁଇବେଳା ବୁଲିଆସନ୍ତି । ସୂର୍ଯ୍ୟ ବୁଡ଼ି ଆସୁଥାନ୍ତି, ସୁନାର କିରଣ ଗୁରିଆଡ଼ ବ୍ୟାପି ଚାଲିଥାଏ । ଅନେକଥର ଦୃଷ୍ଟି ପଡ଼ିଛି ସରୋଜବାବୁଙ୍କର ଜଙ୍ଗମ ହେବାର ଜମ୍ବୁନଦସାର ଦ୍ୱିତଳ ପ୍ରାସାଦ ପରେ ।' କେତେ ଥର ସେ ଆଡ଼କୁ ଗୁହାନ୍ତି । ଦିନେ ଦିନେ ସମୁଦ୍ରକୂଳରେ ବୁଲୁଥିଲାବେଳେ ଲକ୍ଷ୍ମୀ ସଙ୍ଗେ ସାକ୍ଷାତ ହୋଇ-ଛନ୍ତି ମୁହାଁମୁହିଁ । ସାଗରର ବକ୍ଷ ଛୁଇଁ ବହୁଥିବା ମୁକ୍ତ ଅସମ୍ଭାଳ ବାୟୁରେ ଫରଫର ହୋଇ ଉଡ଼ୁଥିବା କେଶ ଓ ଅସଂଯତ ବାସତଳେ ଲାବଣ୍ୟମୟୀ ଅପ୍ସରାର ରୂପ ଦେଖିଛନ୍ତି । ଏତିକ ମନରେ ଭରସା ଥାଏ ଯେ ଯାର କେଉଁଠି ଆଶ୍ରା ନ ଥାଏ ଧର୍ମଶାଳା ହୁଏ ତାର ଆଶ୍ରା । ସେ ଅନେକଥର ଆସନ୍ତି ଧର୍ମଶାଳା ପାଖେ ବୁଲି, କେବଳ ଲକ୍ଷ୍ମୀକୁ ଦେଖିବା ଉଦ୍ଦେଶ୍ୟରେ । ଶିକାରୀର ବନ୍ଧୁକ ଦେଖି ଯଦି ଶିକାର ଠିଆ ହୋଇ ରହୁଥାନ୍ତା ତେବେ ସଂସାର ଶିକାର ଶୂନ୍ୟ ହୋଇଯାନ୍ତା । ଶିକାରୀ ଗୁଲିବାବେଳେ ଟିକିଏ ଅସାବଧାନତାରେ ପତ୍ରର ଖଡ଼୍ କରି ହେଲେ ଶିକାର ଗୁଲିଯାଏ ପୁଣି ଶିକାରୀକୁ ଅନ୍ୟ ବାଟେ ଯାଇ ଆଗରେ ଜଗିବାକୁ ହୁଏ । ଏହାପରି ଖେଳୁ ଖେଳୁ ହୁଏତ ଶିକାର ପଡ଼ିପାରେ ନଚେତ ଶିକାରୀ ଖେଳି ଖେଳି ହାଲିଆ ହୋଇ ଘରକୁ ଫେରେ । ପୁରୁଷର ଗୁଲି ଚଳଣି, ଗୁହାଣି ଭଙ୍ଗୀରୁ ପୁରୁଷକୁ ଚିହ୍ନିବା ବହୁଦିନରୁ ଲକ୍ଷ୍ମୀ ଶିଖି ସାରିଛି । ଭାବେ ସେ ମୋର ଏଇ ରୂପ ଦେଖି

ରାଜବାବୁ ମୋ ପାଖରେ ବାନ୍ଧ ହୋଇଥିଲେ; ଏଇ ସରୋଜବାବୁ ରାଜବାବୁଙ୍କ ଠାରୁ କେତେ ଉଚ୍ଚରେ, ସେ ଲକ୍ଷପତି; ତଥାପି ସେ ଏ ଗରିବ ଭିକାରିଣୀଠ'ରୁ କଥା ପଦେ ଶୁଣିବାପାଇଁ କେତେ ଲାଳାୟିତ ।

ଦିନେ ଭୋର ଗାଡ଼ିରେ ଦୁହେଁ ଗୃଲିଲେ କେଉଁ ଅଜଣା ଗୃହ ଅଭିମୁଖେ । ଟ୍ରେନ୍‌ର ଫାଷ୍ଟକ୍ଲାସ କମ୍ପାର୍ଟମେଣ୍ଟ । ଆଜି କେହି ନାହାନ୍ତି···ଟ୍ରେନ୍‌ର ଗତିଠାରୁ ଅଧିକ ବେଗରେ ମନ ଉଡ଼ୁଥାଏ । ଅନେକ କଥାବାର୍ତ୍ତା ପରେ ସରୋଜ ବାବୁ ପଗୃରିଲେ 'ଏ ପିଲାଟି କିଏ ?

'ତାର ପଛରେ ବହୁତ ଇତିହାସ ଅଛି; ସେହି ଇତିହାସର ପୂର୍ଣ୍ଣାଙ୍ଗ ପାଇଁ ତାକୁ ମୁଁ ଏଠାକୁ ଆଣିଥିଲି । ସେ ସବୁ ତମକୁ ଜଣାଇବା ଅପେକ୍ଷା ନ ଜଣାଇବା ଭଲ ।

"ସରୋଜ ବାବୁ ! ଅନ୍ୟମନସ୍କ କାହିଁକି ଜଣା ପଡ଼ୁଛନ୍ତି ?'

'ଯେତେବେଳେ ତମେ କିଛି କହିବାକୁ କୁଣ୍ଠିତ, ତାର ଇତିହାସ କଣ ହୋଇପାରେ ଭାବୁଥିଲି ।'

'ଗ୍ରେଜିଳାସ ସଙ୍ଗରେ ଦେଖିଲେ ସମସ୍ତେ ସନ୍ଦେହ କରନ୍ତି; ଅଳପ ଦିନର କଥା ଯେ ସବୁ; ସୁନ୍ଦରୀ ଓ ସରଳା ବୋଲି ସମସ୍ତେ ତାକୁ ଭାବୁଥିଲେ, ଭ୍ରମରେ ସୁଦ୍ଧା କେହି ତାକୁ ସନ୍ଦେହ କରନ୍ତି ନାହିଁ, କିନ୍ତୁ ଏ ସଂସାରରେ କାହାକୁ ବିଶ୍ୱାସ କରି ହେବ ନାହିଁ—ବାହାରୁ ମଧ୍ୟ କାହାକୁ ଚିହ୍ନି ହେବ ନାହିଁ । ପ୍ରତ୍ୟେକ ସ୍ତ୍ରୀ ତା ପୁରୁଷ ପାଖେ ସତୀ ବୋଲି ଜଣାଇ ହୁଏ, ପୁରୁଷ ମଧ୍ୟ ସେହିପରି ସ୍ତ୍ରୀ ପାଖେ ଗୋଟିକ ଯାକ ତୁଳସୀ । ବେଳେବେଳେ ସମୟ ପ୍ରକୃତ ସ୍ୱରୂପ ଚିହ୍ନାଇ ଦିଏ ।

କେତେ ଭଲପାଏ ସେ ମୋତେ । ଗରିବ ଘରର ଝିଅ ସେ । "ଥାଉ ସରୋଜ ବାବୁ ସେ ସବୁ । ଏଇ ଟ୍ରେନର ଗତି ସଙ୍ଗେ ସଙ୍ଗେ

ଗଛ ଲତା ପଶୁ ପକ୍ଷୀ ନଦୀ ନାଳ ପଛକୁ ଭାସିଗଲା ପରି ପଛ କଥାସବୁ ପଛରେ ଭସାଇ ଦେଇ ଆଗକୁ ଯିବା ଭଲ ।”

‘ତଥାପି ଇତିହାସ ଲେଖାହୁଏ ଆଗକୁ ସାବଧାନ ହେବା ପାଇଁ, ଯେଣୁ ମଣିଷର ପଦେ ପଦେ ବିପଦ ।’

‘ବିପଦ ଆସିଲା ବେଳେ ଇତିହାସ ସାହାଯ୍ୟ କରିବ ନାହିଁ—ସେ ବି ଅନେକ ଦେଖିଥିଲା, ଭାବିଥିଲା; ତଥାପି ତାର ଗୋଡ଼ ଖସିଗଲା । ଅଜ୍ଞାତ ଯୁବକର ଧନ ଗର୍ବ ଆଗରେ ତାର ରୂପ ଯୌବନ ନଇଁ ପଡ଼ିଲା । ନରର ମନ, ନାରୀର ପ୍ରକୃତି ଓ ସମୟର ପ୍ରଭାବରେ ଏ ଝିଅଟି ହେଲା ଜନ୍ମ । ପିଲା ଜନ୍ମର ସୁଖ ମା’ର ନଥିଲା । ଝିଅଟିକୁ ନଷ୍ଟ କରିଦେବା ପାଇଁ ମା’ର ଅନ୍ତର ଡାକିଲା ନାହିଁ; ଅନ୍ୟପକ୍ଷେ ଏ ଝିଅଟି ତାର ଭବିଷ୍ୟତ ଗୃହିଣୀ ହେବାରେ ହେଲା ପୂରା ଅନ୍ତରାୟ । ଗାଁର ଅପବାଦ ପସରା ବୋହିବାକୁ ବଳ ନ ଥିଲା ତାହାର । ମୋ ଆଗରେ ଅନେକ ଥର ଦୁଃଖ ତାର ସେ କହେ । ତା ଅପେକ୍ଷା ମୋତେ ଅଧିକ କଷ୍ଟହୁଏ । ତେଣୁ ତାର ଜୀବନ ସୁଖମୟ କରିବା ପାଇଁ ଓ ଭଗବାନ ସୃଷ୍ଟିକୁ ଦେଇଥିବା ଏ ଝିଅଟିର ଭବିଷ୍ୟତ ଜୀବନର ମୂଲ୍ୟ ବୁଝିବାପାଇଁ ତାକୁ ଏଠାକୁ ନେଇ ଆସିଥିଲି କୌଣସି ଏକ ଅନାଥାଶ୍ରମରେ ରଖି ଚାଲି ଯାଇଥାନ୍ତି ।’

‘ତେବେ ସଂସାର ଆଖିରେ ଧୂଳିଦେଇ ନଷ୍ଟ ଚରିତ୍ରାକୁ ଚରିତ୍ର ବତୀ କରିବାକୁ ଯାଉଛ ତମେ ?

‘ହଁ ତା କରିବାକୁ ଯାଇ ନ ଥିଲେ ତମ ସଙ୍ଗେ ଏକାକୀ ଏଠାକୁ ଆସିବାର ଭାଗ୍ୟ ମତେ ମିଳି ନଥାନ୍ତା । ନାରୀର ମନ ନାରୀ ଏକା ଜାଣେ, ନାରୀକୁ ଆଶ୍ରୟ ନାରୀ ଏକା ଦିଏ । ମୋତେ ଅବ ଷ୍ଟେସନରୁ ଫେରି ଯିବାକୁ ହେବ । ତଥାପି ମନେ ରଖିଥିବ

ସରୋଜବାବୁ । ଗୋଲାପ ଫୁଲଟି ଗଛରେଥିବା ଯାଏ ପରୀଶଜଣ ଜଣ ଜଣ କରି ଶୁଙ୍ଘିଗଲେ ମଧ୍ୟ ସେ ସେଇ ଏକ ବାସନା ଦେଉଥିବ ।'

'ଭୁଲ କରିଛୁ ମନରେ କଷ୍ଟ ଦେଇ, କ୍ଷମାଦେବେ ଲକ୍ଷ୍ମୀ ଦେବୀ ।'

ଛପି ଛପି ରୂପର ସୌନ୍ଦର୍ଯ୍ୟ ପିଉଥିବା ପିପାସୀ ଲକ୍ଷ୍ମୀକୁ ଆଗରେ ପାଖରେ ଓ ଏକାନ୍ତରେ ପାଇ ତା ରୂପର ମୋହରେ ମନ ପ୍ରାଣ ଭସାଇ ଦେଇ ତାର କଥାର ଭଙ୍ଗୀରେ ଭାସିଗଲା । ତାକୁ ସବୁ ସତ ଜଣାଗଲା ।

ପ୍ରକାଣ୍ଡ ପକାଘର । ଗୃହଅଢ଼େ ଉଚ୍ଚ ପାଚେରୀ ଦ୍ୱାରା ଆବୃତ, ଭିତରେ ଅଛି ଧନ ସମ୍ପତ୍ତି, ବାହାରୁ କାହାର ପଶିବାର ଉପାୟ ନାହିଁ । ଏକମାତ୍ର ପ୍ରବେଶ ପଥ ସାମନା ଦ୍ୱାର, ଯେଉଁଠି ଦିନରାତି ଜଗିବସିଛି ପ୍ରହରୀ । ଗୃହର ଗୃହରାଣୀ ଉଭା । ସେବାକାରୀ ବହୁତ, ମାତ୍ର ସେବା ପାଇବା ଲୋକ କେହି ନାହିଁ କହିଲେ ଚଳେ । କୁବେରର ଧନ ସମ୍ପତ୍ତି ଧରି ଏଇମାନେ ଜନ୍ମ ହୋଇଛନ୍ତି । ଲକ୍ଷ୍ମୀର ମନକୁ ଧନରେ ପୋତି ଦେବାପାଇଁ ନିଜର ବିଭବ ସମ୍ପଦରେ ତାକୁ ଭସାଇ ଦେବା ପାଇଁ ସରୋଜ ବାବୁ ଆକୁଳ । ଘରବାଡ଼ି, ପୋଖରୀ, ବଗିଚା ଯେଉଁଠି ଯାହାଅଛି ଯେଉଁଠି ଯାହା ରଖିଛନ୍ତି ସବୁ ବୁଲି ଦେଖାଉଥାନ୍ତି ।

ଉପର ବେଳା ଗୃହଟା ସମୟ । ଖାଇବା ଘରେ ଟେବୁଲ ପଡ଼ିଛି, ଟେବୁଲ ଉପରେ ଖାଇବା ଜିନିଷ ସବୁ ସଜା ହୋଇ ଥୁଆ ହୋଇଛି । ରେଡ଼ିଓ ତାର ବାଣୀ ଶୁଣାଉଛି, ଜୀବନ ରକ୍ଷକ ବିଶ୍ୱସ୍ତ କୁକୁରଟି ଗୋଡ଼ତଳେ ଶୋଇ ରହିଛି । ସରୋଜ ବାବୁ ଓ ଲକ୍ଷ୍ମୀ ଖାଇ ବସିଛନ୍ତି । କଥା ପ୍ରସଙ୍ଗରେ ଲକ୍ଷ୍ମୀ କହିଲା, "ସରୋଜ ବାବୁ ! ଦୁଃଖ କରିବେ ନାହିଁ । ଆପଣଙ୍କଠାରୁ ଏହାଶୁଣି

ଥିଲେ ମୁଁ ଏଠାକୁ କେବେହେଁ ଆସି ନ ଥାନ୍ତି । ଆପଣ କଣ ଭାବିଥିଲେ ମୁଁ ଗୋଟାଏ ନିତାନ୍ତ ଗରିବ ଘରର ଅନାଥ ଝିଅ ବୋଲି ଆପଣଙ୍କର ଏ ସମ୍ପତ୍ତି ଦେଖିଲେ ଭୁଲି ଯିବି ? ଆପଣଙ୍କର ବିବାହ ସରିଛି—ଆପଣଙ୍କ ଝିଅକୁ ଏବେଣି ତିନିବର୍ଷ । ମୁଁ ଦେଖୁଛି ଆପଣ ମତେ ବିବାହ ନ ହୋଇ ଦ୍ୱିତୀୟ ଦାରି ରୂପେ ଗ୍ରହଣ କରିବେ । ଯଦି ନାରୀ ବିବାହ ପରେ ପରେ ବିଧବା ହୁଏ, କିମ୍ବା କେତେବେଳେ ସମୟ ପ୍ରଭାବରେ କେଉଁଠି ଗୋଡ଼ ଖସାଇ ଦେଇଥାଏ; ତାକୁ ତ ବାସିଫୁଲ କହି ଗୋଡ଼ରେ ଆଡ଼େଇ ଦିଅ, ତେବେ କେଉଁ ମୁଖରେ ତମ ସ୍ତ୍ରୀଙ୍କ ବିୟୋଗ ପରେ ତମେ ପୁଣି ବିବାହ ହେବାକୁ ଇଚ୍ଛା କରୁଛ ? ଟଙ୍କାର ଲୋଭରେ ? ମାତ୍ର ନାରୀ ନିଜର ଜୀବନର ସୌନ୍ଦର୍ଯ୍ୟ ଆଗରେ, ଜୀବନର ମୂଲ୍ୟ ଆଗରେ ଏହିପରି ଟଙ୍କା ଗଦାକୁ ଗୋଇଠା ମାରିପାରେ ।"

"ଲକ୍ଷ୍ମୀ" ତୁମେ ଯେ ବର୍ତ୍ତମାନ ଏକାକୀ ?

"ନାରୀ ପୁରୁଷର ସାହାଯ୍ୟ ଲୋଡ଼େ ନାହିଁ; ନାରୀର ସାହାଯ୍ୟ ଭଗବାନ । ନାରୀ ଇଚ୍ଛା କଲେ ଆପେ ଆପେ ନଇଁପଡ଼େ, ତାକୁ ବଳେ ବଳେ ନୁଆଇଁ ପାରିବାର ଶକ୍ତି କାହାର ନାହିଁ । ଲକ୍ଷପତିର ସ୍ତ୍ରୀ ଗୃହକର ଝିଅକୁ ସ୍ନେହ କରିପାରେ, ମାତ୍ର ବିପୁଳ ବଂଶ ଓ ଧନର ଅଧିକାରୀ ଗରିବ ଘରର ନାରୀକୁ ଭୁଲାଇ ପାରିବ ନାହିଁ ଏତେ ସହଜରେ । ରାମଚନ୍ଦ୍ର ପାଖରେ ନଥିଲେ, ତଥାପି ରାବଣ ଭଳି ଯୋଦ୍ଧା, ବଳବାନ ଓ ଧନବାନ ସୀତାଙ୍କ ଆଗରେ ପହଞ୍ଚିଲା ମାତ୍ରେ ମୁଣ୍ଡ ନଇଁ ପଡ଼େ ।"

"ଲକ୍ଷ୍ମୀ ଦେବୀ । ଭୁଲ ବୁଝନାହିଁ । ସଂସାର ତା ବାଟରେ ଯାଉ; ଆଜିଠାରୁ ଏ ଘର ତମର । ଏ ଘରର ସମସ୍ତ ଗୃହ ପତ୍ର ତମ ହାତରେ ଦେଲି ।"

ତିନିଦିନ ପରେ । ସକାଳବେଳା । ସରୋଜ ବାବୁ ଗୃ ଖାଇସାର ଚୌକିରେ ବସି କାଗଜ ପଢ଼ୁଛନ୍ତି—ଲକ୍ଷ୍ମୀଦେଈ ବସିଛନ୍ତି । ସରୋଜ ବାବୁ କହିଲେ, "ଆଜିକାଲି ଦିନକୁଦିନ ଏ ଚୋରି ଡକାୟତି ଭୟ ବଢ଼ି ଚାଲିଛି—ପ୍ରତିଦିନ କାଗଜରେ କୌଣସି ନା କୌଣସି ଠାରେ ଚୋରି ଖବର ବାହାରୁଛି । ବଡ଼ ବଡ଼ ଚୋରି; ଧନ ଥିଲେ ଡର ଲାଗେ । ଆଜି କାଗଜ ଲେଖିଛି ପୋଲିସ ଧରୁ ଧରୁ ତାକୁ ସର୍ଦ୍ଦାର ବିଜୟ ହାତରୁ ଖସି ଚାଲି-ଯାଇଛି ।"

ଲକ୍ଷ୍ମୀର ମୁହଁ ଧୂରିଗଲା—ପାଟିରୁ କଥା ବାହାରିଲା ନାହିଁ, ବୁଝି ଦଶିଲା ନାହିଁ ?

ସରୋଜ ବାବୁ ପଚାରିଲେ, "ବହୁତ ଚିନ୍ତିତ ଜଣାପଡ଼ୁଛ ଲକ୍ଷ୍ମୀଦେବୀ ! କଣ ଭାବୁଚ ?"

"ପଛକୁ କହିବି, ଆସୁଛି ।"

ପୁଷମାସର ସକାଳ । ଝୁପି ଝୁପିକା ଖରା ପଡ଼ୁଛି । ଦୁଆରେ ଟେବୁଲ ଚୌକି ଅଗରୁ ସଜା ହୋଇ ଥୁଆ ହୋଇଛି । ଲକ୍ଷ୍ମୀ ଚୌକିରେ ବସି ବହି ପଢ଼ୁଛି । ରାନୁ ଟେବୁଲ ଉପରେ ବସି ଚଗଲାମି କରୁଛି, ପଢ଼େଇ ଦେଉନି । ସରୋଜ ବାବୁ ସିଗାରେଟ ଖଣ୍ଡେ ମୁହଁରେ ଦେଇ ଆସି ଟେବୁଲ ପାଖରେ ଆଉ ଗୋଟିଏ ଚୌକିରେ ବସି ପଚାରିଲେ ।

"ଲକ୍ଷ୍ମୀ, କଣ କରୁଛ ?"

"କାମ ନ ଥିବା ବେଳେ ଯାହା ସମସ୍ତେ କରନ୍ତି ।"

"ଯାହା ହେଉ ପିଲା ଖେଳାଉଥିବାର ଦେଖି ମନେ ହୁଏ ତମର ମନ ଘର ଧରି ଆସିଲାଣି ।"

"ତା ବି ନୁହେଁ । ଯେପରି ଏ ମୋର ବହିପଢ଼ିବା ନୁହେଁ କି ପିଲା ଖେଳାଇବା ନୁହେଁ, ସେହିପରି ତମମାନଙ୍କ କଥା କଥା

ନୁହେଁ କି ନଥା ନୁହେଁ । ତମ ମାନଙ୍କୁ କେତେବେଳେ ହେଲେ ବିଶ୍ୱାସ ନାହିଁ । ଯେତେବେଳ ଯାଏ ଆମେ ଧରିଦେଇ ନଥିବୁ ସେତେବେଳ ଯାଏ ଭେକ୍କା, ଶୋଷୀ, ଅନାହାରୀ ପର କେତେ ଦୁଃଖ ଅବସ୍ଥା ଭୋଗକରି ଆମମାନଙ୍କର କରୁଣାର ପାତ୍ର ହୋଇଥାଅ, ମାତ୍ର ଥରେ ଧରା ପଡ଼ିଗଲେ, ଥରେ ଆମର ମୂଲ୍ୟ ସରିଗଲେ ରାସ୍ତା କରକୁ ଗଡ଼ାଇ ଦିଅ । ଯାହାହେଉ ମୋତେ ଆଉ ଆଠଦିନ ଭାବିବାକୁ ସମୟ ଦିଅ । ମୋର ସ୍ନେହର ଭାଇ ବିଜନକୁ ଡାକି ତାକୁ ପଚାରି ତମର ଉତ୍ତର ଦେବି ।"

ସରୋଜ ବାବୁ ରାଜିହେଲେ । ଲକ୍ଷ୍ମୀ ସାଙ୍ଗେ ସାଙ୍ଗେ ଚିଠି ଲେଖିଲା—

"ବିଜନ,

"ଆଶ୍ଚର୍ଯ୍ୟ ହେବୁ ଶୁଣି ଯେ ମୁଁ ବର୍ତ୍ତମାନ ପାଟଣା ସହରରେ । ତୋ ପାଖରେ ମୋର ବଡ଼ ଜରୁରି କାମ ଅଛି । ଏ ଚିଠି ପାଇ ଆସିବୁ । ଲିଲି ଭଲ ଅଛି । ସରୋଜ ବାବୁଙ୍କ ଘର ପଚାରିଲେ ସମସ୍ତେ କହିଦେବେ—

ତୋର ପଦ୍ମା

ବିଜନ ଚିଠି ପାଇ କିଛି ବୁଝିପାରିଲା ନାହିଁ । ପଦ୍ମା କିପରି ଏତେଦୂର ଆସିପାରିଲା ଭାବି ଭାବି ଠିକ କରି ପାରିଲା ନାହିଁ, ଆସିଲା । ପଦ୍ମା ସଙ୍ଗେ ଦେଖା ହେଲା । ସବୁ ଶୁଣିଲା ।

ତିନିଦିନ ହେଲା ସରୋଜ ବାବୁଙ୍କୁ ହୋଇଛି ଜର । ଇନ୍‌ଫ୍ଲୁଏଞ୍ଜା । ତଥାପି ବଡ଼ ଲୋକଙ୍କୁ ଏହା ବଡ଼ ଜର । ଡାକ୍ତର ଲାଗିଛନ୍ତି । ରୋଗୀ ଶେଯରୁ ନ ଉଠିବା ପାଇଁ ଡାକ୍ତରଙ୍କର ଆଦେଶ ।

ଲିଲି ସେତେବେଳକୁ ଶୋଇ ଥାଏ । ତାକୁ ସଙ୍ଗରେ ଧରି ଲକ୍ଷ୍ମୀ ଓ ବିଜନ ଗେଟ୍ ପାଖରେ ପହଞ୍ଚିଲେ । ପ୍ରହରୀ ଠିଆ

ହୋଇ ଦଣ୍ଡବତ କଲା । ଲକ୍ଷ୍ମୀ କହିଲେ, "ଦରୱାନ ! ମୁଁ ଭାଇଙ୍କୁ ଛାଡ଼ିବାକୁ ଯାଉଛି; ମୁଁ ନ ଫେରିବା ଯାଏ ଭିତରୁ ବାହାରକୁ କି ବାହାରୁ ଭିତରକୁ କାହାକୁ ଛାଡ଼ିଦେବୁ ନାହିଁ ।" ଦରୱାନ ଦଣ୍ଡବତ କଲା ।

ଠିକ୍ ଟ୍ରେନ ସମୟ ବେଳକୁ ଏମାନେ ଷ୍ଟେସନରେ । ଏକ୍ସପ୍ରେସ ଗାଡ଼ି ଛାଡ଼ିଲା । ଦୁଇଦିନ କୁଣିଆ ପରି ଏମାନେ ଆସି କେଉଁଆଡ଼େ ଚାଲିଗଲେ ।

ସକାଳ ହୋଇ ଦିନ ଅନେକ ବେଳ ହେଲାଣି । କାହାର ଦେଖାନାହିଁ । ଲକ୍ଷ୍ମୀ ଦେବୀଙ୍କ ଘର ଅଜଡ଼ା ହୋଇଛି; କେହି ସାହସକରି ଖୋଲି ପାରୁ ନାହାନ୍ତି । ବହୁତ ଦିନ ହେବାର ଦେଖି ସରୋଜ ବାବୁ ନିଜେ ଚାଲି ଚାଲି ହୋଇ ସେ ଘର ଯାଏ ଗଲେ । କବାଟ ଖୋଲି ଦେଖିବା ବେଳକୁ ଘରେ କେହି ନାହାନ୍ତି । ଟେବୁଲ ଉପରେ ଖଣ୍ଡେ ଚିଠି ଥୁଆ ହୋଇଛି । ଲେଖା ହୋଇଛି,

ସରୋଜ ବାବୁ,

ମୋତେ ବିଶେଷ ଖୋଜିବେ ନାହିଁ । କାରଣ ମୋତେ ଧରି ପାରିବା ଅସମ୍ଭବ । ମୋର ସଙ୍ଗେ ମୋର ଯେଉଁ ଭାଇ ଥିଲେ ସେ ହେଉଛନ୍ତି ଆପଣଙ୍କର ଖବର କାଗଜର ବିଜୟ ବାବୁ । ସମ୍ପାଦକ ଓ ଜୀବନର ଲୋଭଥିଲେ ଏ ବିଷୟରେ ବିଶେଷ ଅଗ୍ରସର ନ ହେବାପାଇଁ ମୋର ଉପଦେଶ ।

ଆପଣଙ୍କ ପାଖେ ଅଳ୍ପ ଦିନରେ ଅଯାଚିତ ଭାବେ ଏତେ ସାହାଯ୍ୟ ପାଇଛି ଯାହା ମୁଁ କେବେ ଆଶା କରି ନ ଥିଲି । ଯଦି ପୁରୁଷ ସାମାନ୍ୟ ପରିଚୟରେ ନାରୀର ଦରିଦ୍ରତା ଓ ଯୌବନର ସୁଯୋଗ ନିଏ, ନାରୀ ମଧ୍ୟ ସେହି ଯୌବନର ତେଜରେ ପୁରୁଷର

ଆଖି ଝଲସାଇ ତାର ଆଖିରେ ଧୂଳି ପକାଇ ଦେଇପାରେ । ଏ ସମସ୍ତ ଆପଣଙ୍କ ପାଖେ ବୋଧେ ଅନେକ ଅବୁଝା ରହିଯିବ ।

ଭ୍ରମର

## ଲକ୍ଷ୍ମୀ ଦେବୀ

ସରୋଜ ବାବୁଙ୍କର ଜର ଛାଡ଼ିଗଲା । ଲକ୍ଷ୍ମୀ ଠାକୁରାଣୀ କେଉଁଠୁ ଅସି ଦୁଇଦିନ ରହି ପୁଣି କେଉଁଆଡ଼ର ଜ୍ଞର କରିବାକୁ ଗଲେ ଭାବି ଭାବି ତାଙ୍କର ମୁଣ୍ଡ ବଥାଇବାକୁ ଲାଗିଲା । ପୋଲିସରେ ଖବର ଦିଆଗଲା । କିଛି ଫଳ ହେଲା ନାହିଁ ।

କଲିକତା ସହରରେ ସେମାନେ ଏକ ବୃହତ ତିତାଲା କୋଠା ଭଡ଼ା ନେଇ ରହିଲେ । ସରୋଜ ବାବୁଙ୍କ ଘରୁ ତାଙ୍କର ପ୍ରାୟ ଅଧିକାଂଶ ମୂଲ୍ୟବାନ ଜିନିସଥିବା ବାକ୍ସ ପ୍ରଭୃତି ନେଇ ଆସିଥିଲେ । ଯେଉଁ ଅଲଙ୍କାର, ରତ୍ନ, ପଥର, ପାଟଶାଢ଼ୀ, ଟଙ୍କା ସବୁ ଆଣିଥିଲେ ତାହା ପ୍ରାୟ ପଚିଶ ହଜାର ଟଙ୍କାରୁ କମ ନୁହେଁ । ବିଜନ ଓ ପଦ୍ମା ଏଣିକି ବିଜୟ ଓ ଲକ୍ଷ୍ମୀ ରୂପ ପରିହରି ଲୋକ ଚକ୍ଷୁରେ ବିନୋଦ ଓ ନିନା ରୂପେ ପରିଚିତ ।

ନିନା ଆଉ ପୂର୍ବର ପଦ୍ମା ହୋଇ ନାହିଁ । ମଟର ନ ହେଲେ ବାହାରକୁ ବାହାରେ ନାହିଁ । ମଫସଲର ଓଡ଼ିଆଣୀ ଶାଢ଼ୀ ବହୁତ ଦୂରରେ । ପଦର ଚପଲଠାରୁ ମସ୍ତକର କେଶ ବିନ୍ୟାସ ପର୍ଯ୍ୟନ୍ତ ସମସ୍ତ ନୂଆ ରୂପେ ସାଜି ଚାଲିଆସେ ବାହାରକୁ । ଘଣ୍ଟାକୁ ଘଣ୍ଟା ଓ ବେଶ ଶାଢ଼ୀର ପରିବର୍ତ୍ତନ ।

ରୂପର ଲହରି ଚାରିଆଡ଼େ ଖେଳିଗଲା । ଚାରିଆଡ଼େ ନିନାର ରୂପର ପ୍ରଶଂସା ରୂପପାୟୀମାନଙ୍କ ମଧ୍ୟରେ କ୍ରମେ କ୍ରମେ ବ୍ୟାପିଗଲା; ଦୀପାଳୀ ଅମାବାସ୍ୟା ରାତ୍ରୀରେ ଆଲୁଅରେ ପୋକ ପଡ଼ିଲା ଭଳି ସେମାନେ ରୂପର ନିଆଁରେ ଝାସ ଦେବାକୁ ଚାହିଁଲେ ।

ବିନୋଦ ଯିବାକୁ ବାହାରିଲା । ନୀନା ମନା କଲା; କହିଲା "ଯେଉଁଦିନ ଖବର କାଗଜରୁ ଶୁଣିଲି ବିଜୟ ପୁଲିସ ହାତରୁ ଖସି ଚାଲିଯାଇଛି ସେହିଦିନଠାରୁ ତୁ ମୋ ପାଖରେ ନ ପହଞ୍ଚିଲା ପର୍ଯ୍ୟନ୍ତ ମୋ ମନ ସ୍ଥିର ନଥିଲା—ଆଜି ତୋତେ ଯିବାକୁ ଦେବନାହିଁ ।"

"ତେବେ ତୁ କାହିଁକି ଏଠାରେ ରହିବୁ ?"

"ମୋର ଯେ ବହୁତ କାମ ବାକି ଅଛି । ଅନେକ ଦିନ ରହିବାକୁ ପଡ଼ିବାକୁ ବିନୋଦ ।"

"ଆଜି କେଉଁଆଡ଼େ ଯିବ ନାହିଁ । ତେବେ କିଛିଦିନପାଇଁ ଏଠାରୁ ଯାଇ ରହିବ ନିର୍ମଳାର ପାଖେ ପାଖେ ।"

## ନଅ

ରାଜ ବାବୁଙ୍କର ଘର । ନିର୍ମଳା ଘରର ବୋହୂ । ନୂଆ ସଂସାର । ଦୁଇଟି ନୂଆ ଅଜଣା ଅଚହ୍ନା ଚଢ଼େଇ ଧରା ହୋଇ ଏକାଠି ବନ୍ଦୀ ହୋଇଛନ୍ତି ।

ଦୁହେଁ ପିଲାଦିନୁଁ ସୁଖରେ ବଢ଼ି ଆସିଛନ୍ତି । ଅଭାବ ଅସୁବିଧା ଜାଣି ନାହାନ୍ତି । ଏବେ ମଧ୍ୟ କିଛି ଅଭାବ ନାହିଁ ।

ରାଜବାବୁ ଯୁବକ । ନିର୍ମଳା ଯୁବତୀ । ଯୌବନ ସାଥି ଦୁହିଁଙ୍କୁ ଏକାଠି କରିଦିଏ । ସବୁ ଭୁଲିଯାନ୍ତି, ସବୁ ମନରୁ ପାଶୋରି ପକାନ୍ତି ।

ଶୟନ କକ୍ଷ । ସୁସଜ୍ଜିତ ପଲଙ୍କ ବକ୍ଷ । ଅଳସ ନିମୀଳିତ ନୟନ ହସି ଉଠିଛନ୍ତି । ରାତି ଅଧ, ରାଜୁବାବୁ କବାଟ ଖୋଲି ଦେଖିଲେ ମଥା ଉପରେ ଚନ୍ଦ୍ର । ବାହାରେ ଜ୍ୟୋତ୍ସ୍ନାଲୋକ ଚାରିଆଡ଼ ଶୂନ୍‌ଶାନ, ନିବିଡ଼ ନିର୍ଜ୍ଜନ । ମନେହେଲା ଯେପରି ଜଗତରେ ଆଉ କେହି ନାହାନ୍ତି; ଆଦାମ ଇଭ ପରି ଏ ଦୁଇଟି ପ୍ରାଣୀ ଆସିଛନ୍ତି ଜଗତର ସୃଷ୍ଟି ପାଇଁ । ସୁନ୍ଦର ଲାଗିଲା ରଜନୀ । କହିଲେ, "ନିର୍ମଳା ! ଏଇ ନିର୍ମଳ ରଜନୀପରି ସୁନ୍ଦର ତମେ । କେତେ ନାରୀ ଦେଖିଛି, କେତେ ସୁଖରେ ଦିନ କାଟିଛି, ବିବାହ ପରି ଦିନଗୁଡ଼ିକ ସୁନ୍ଦରତର କରି ପାରିଛ ତମେ । ଦିନ ଜଣା ପଡ଼େ ନାହିଁ, କେଉଁଠେ ସୁଖରେ ଚାଲିଯାଏ ! ତୁମେ ପ୍ରକୃତରେ ମନୋରମା ।"

"ଡମର ମନଇ ତୁମଙ୍କୁ ସୁନ୍ଦର କରି ପାରିଛି । ଏଇ ମନ ଥରେ ଅପ୍ରସନ୍ନ ହେଲେ କେତେ ନିର୍ମଳା ପାଖରେଥିଲେ ବି ଦିନ କଟିବ ନାହିଁ । ନାରୀ କେବଳ ସେବାର ଦାସୀ ।"

'ତଥାପି ନାରୀ ଲକ୍ଷ୍ମୀ; ଲକ୍ଷ୍ମୀଛଡ଼ା ହୋଇ ଥିବାରୁ ଜଗତର ପ୍ରଭୁଙ୍କୁ ମଧ୍ଯ ଜଗତ ପଚାରିଲା ନାହିଁ ।'

"ନାରୀ ଏତେ ବଡ଼ ନୁହେଁ; ସେ ନରର ଜୀବନ ପରିପୂରକ ମାତ୍ର । ନାରୀ ତାର ନିଜର ଜୀବନଠାରୁ ସ୍ୱାମୀର ଜୀବନକୁ ଅଧିକ ଭଲ ପାଏ । ସ୍ୱାମୀ ଭଲ ଖାଇଲେ ସେଥିରେ ତାର ପେଟ ପୂରେ; ଭଲରେ ଥିବାର ଦେଖୁଥିଲେ ସେ ପାଏ ସ୍ୱର୍ଗ ସୁଖ । ବିବାହ ଦିନଠାରୁ ନାରୀ ପୁରୁଷକୁ ପଦେ ପଦେ ଜଗିଥାଏ, ବିପଦ ଆସିଲେ ସେ ଆଗ ଛାତି ପତାଏ । ବିବାହ ସମୟରେ ସେ ପୁରୁଷ ଆଗରେ ଚାଲେ, କାରଣ ବିବାହବେଳେ ପୁରୁଷ ପିନ୍ଧେ ମଥାରେ ମକୁଟ, ସାଜେ ରାଜ ବେଶ, ନାରୀର ଛାତି ଗର୍ବରେ ଫୁଲି ଉଠେ । ମାତ୍ର ଦେବରାଜ ଇନ୍ଦ୍ର ଏକା ମକୁଟର ଅଧିକାରୀ । କାଳେ ସେ କିଛି ଅନିଷ୍ଟ କରି ପାରନ୍ତି, ସେଥିପାଇଁ ସ୍ତ୍ରୀ ଚାଲେ ଆଗେ ଆଗେ । ନାରୀ ସଦାବେଳେ ଅବଧ୍ୟ । ଆଗରୁ ସମସ୍ତେ ଚାଲିଯାନ୍ତି । ନାରୀ ଶକ୍ତି; ସେ ପୁରୁଷକୁ ଦିଏ ବଳ, ଧୈର୍ଯ୍ୟ, ସାହସ । ନାରୀକୁ ଅସନ୍ତୁଷ୍ଟ କରିଲେ ସେ ହୋଇପଡ଼େ ଶକ୍ତିହୀନା, ଦୁର୍ବଳା, ଭାଙ୍ଗିପଡ଼େ ପୁରୁଷର ବଳ । ସ୍ତ୍ରୀ ନେଇ ଘର ହୁଏ ସୁନ୍ଦର । ଯେଉଁ ପୁରରେ ସ୍ତ୍ରୀମାନେ ଅଶାନ୍ତିରେ, ଦୁଃଖରେ ଦିନ କାଟନ୍ତି, ସେ ଘର ଅସୁନ୍ଦର, ଶୀଘ୍ର ନଷ୍ଟ ହୁଏ, ଘରର ଆଲୁଅ କ୍ରମେ କ୍ରମେ ଲିଭି ଲିଭି ଆସେ, ହୁଏ ନରକର ପୁରୀ ।"

"ପ୍ରକୃତରେ ନାରୀ ଯୁଗେ ଯୁଗେ ଜଗତରେ ଅଗ୍ରଗଣ୍ୟା ହୋଇ ଆସିଛି । ତେଣୁ ସମସ୍ତେ କହନ୍ତି ସୀତାରାମ, ଲକ୍ଷ୍ମୀନାରାୟଣ,

ରାଧାକୃଷ୍ଣ, ଉମା ମହେଶ । ଆମେ ମହା ବିଦ୍ୱାନ ହୋଇ ପ୍ରଧାନ ବିଗୃହପତି ଆସନରେ ବସିଥିଲେ ସୁଦ୍ଧା, ଶତ ଶତ ଲୋକ ଆମର କଥାର ମୂଲ୍ୟକୁ ଚାହିଁ ବସିଥିଲେ ସୁଦ୍ଧା, ଘରେ ନାରୀ, ଯାହାର ପାଠ ସଙ୍ଗେ ସମ୍ବନ୍ଧ ନାହିଁ, ଦେବ ଆମଙ୍କୁ ଉପଦେଶ, ବୁଦ୍ଧି, ଯାହାକୁ କି ଆମଙ୍କୁ ମାନିବାକୁ ପଡ଼େ । ଆମେ ଯେତେ ବଡ଼ ହେଲେ ମଧ୍ୟ "ଏଇ ଲୋକ" କହି ନାରୀ ଆଙ୍ଗୁଳ ଉପରକୁ ଉଠିବାକୁ ଯାଏ ଓ ଆମେ ତାକୁ ଆଗ୍ରହରେ ଟେକି ନେଉ ମୁଣ୍ଡର ଉପରକୁ ।"

"ଏ ସବୁ କାହିଁକି ହୁଏ ରାଜୁବାବୁ ?"

"ଅନୁମାନ ଏ ସବୁ କେବଳ ପୁରୁଷର ଦୁର୍ବଳତା କିମ୍ବା ଅନୁକମ୍ପା ।"

ନାରୀକୁ ଦେଖିଦେଲେ ପୁରୁଷ ଦୁର୍ବଳ ହୋଇପଡ଼େ ସତ; ମାତ୍ର ସେତିକି ନୁହେଁ । ନାରୀ ପୁରୁଷର ଅନୁକମ୍ପା କେବେ ଭିକ୍ଷା କରେ ନାହିଁ; ସେ ନିଜକୁ ଉପଯୁକ୍ତା କରି ପୁରୁଷଠାରୁ ଏ ଦାକ୍ଷା କହ କିମ୍ବା ଅଧିକାର କହ ଛାଣି ଆଣେ । ନାରୀର ଶକ୍ତି ପୁରୁଷକୁ ଦିଏ ବଳ । ନାରୀ ବିଗୃହରେ ମନ୍ତ୍ରୀ, ଆଗୃହରେ ଲକ୍ଷ୍ମୀ, ଆହାରରେ ମାତୃ, କ୍ଷମାରେ ଧରଣୀ, ରାଜରେ ଐଶ୍ୱର୍ଯ୍ୟ, ସେବାରେ ଦାସୀ, ଧର୍ମରେ ପତ୍ନୀ, ରଙ୍ଗରେ ସଖୀରୂପେ ସଦାବେଳେ ପୁରୁଷର ପାଖେ ପାଖେ ଅଛି । ତେଣୁ ପୁରୁଷର ସମସ୍ତ ଧ୍ୟାନ ଧାରଣା ନାରୀ ଭାବାପନ୍ନ । ନାରୀର ଏ ସବୁ ଗୁଣ ଓ ରୂପର ମୋହ ସଦାବେଳେ ପୁରୁଷର ବୁଦ୍ଧି ବୃତ୍ତିକୁ ଆଚ୍ଛାଦିତ କରି ରଖିଛି । ତେଣୁ ସେ ଯେତେ ବଡ଼ ହେଲେ ବି ନାରୀକୁ ତାଠାରୁ ଆଉ ବଡ଼ ଆସନ ଦିଏ । ନାରୀର ପ୍ରଶଂସାରେ ହୁଏ ପ୍ରଶଂସିତ ।"

ସ୍ୱପ୍ନ ଲଗିଆସେ । ରାଜବାବୁ ସ୍ୱପ୍ନପୁରେ ।

ଦିନ ଯାଏ, ମାସ ଯାଏ, ବର୍ଷ ଯାଏ । ଯୌବନର ଝୁଙ୍କ କ୍ରମେ କ୍ରମେ ଭାଙ୍ଗି ଆସେ । ଆଖି ଖୋଲି ଖୋଲି ଆସେ, ବେଳେ ବେଳେ ଦୃଷ୍ଟି ବହୁତ ପଛକୁ ଚାଲିଯାଏ । ନିର୍ମଳା ମନେ ପକାଏ ବିଜନକୁ, ରାଜ ବାବୁ ପଦ୍ମାକୁ । କାହିଁକି ? କି ଆଶାରେ ? କିଛି ଉଦ୍ଦେଶ୍ୟ ନାହିଁ, ନିରାଟ ସ୍ୱାଭାବିକ । ବିବାହର ଦିନ ଯେତିକି ପୁରୁଣା ହୋଇ ଆସେ, ବିବାହ ସମୟର ଐକାନ୍ତିକ ମନ କ୍ରମେ ଖାପଛଡ଼ା ଧରିଆସେ । ସେହି ସମୟରେ ମନ ଖୋଜେ ନିଜର ପ୍ରିୟ, ଅତିପ୍ରିୟ ଜିନିସକୁ । ଭାବେ ସେଇମାନଙ୍କ କଥା, ଯେଉଁ-ମାନଙ୍କୁ ବହୁତ ପଛରେ ଛାଡ଼ି ଆସିଛି । ତୁଳନା କରେ ଗତ ଓ ବର୍ତ୍ତିମାନ; ଆକାଂକ୍ଷିଆ ଲାଗେ ଭବିଷ୍ୟତ । ପ୍ରଥମ ମିଳନର ମନ ସଦାବେଳେ ସେହିପରି ରହେ ନାହିଁ ।

"ପୂଜାରି ଚାଲିଗଲା । ମା ବୁଢ଼ୀଲୋକ । ମୋ ହାତେ ତ ସେ ସବୁ ହେବ ନାହିଁ । କଣ କରିବି ?"

"ପୂଜାରି ଚାଲିଗଲାନି ନିର୍ମଳା; ମୁଁ ତାକୁ ବାହାର କରି ଦେଲି ।"

"କାହିଁକି ? ସେତ ଭଲ କାମ କରୁଥିଲା ।"

"ସେଇ ହେଲା ତାର ଦୋଷ । ତାକୁ ରଖିଥିଲି ତମକୁ ସାହାଯ୍ୟ କରିବା ପାଇଁ । ଦେଖିଲି ତମେ ପୂରା ନିର୍ଭରଶୀଳ ହୋଇପଡ଼ିଲ ।"

"ତେବେ ମୋତେ ରୋଷାଇ କରିବାକୁ ପଡ଼ିବ ?"

"ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି । ନିଜର ସ୍ୱାମୀ ପାଇଁ, ନିଜର ପିତାମାତାଙ୍କ ପାଇଁ ହାତରେ ତିଆରି କରି ଖାଇବାକୁ ଦେବାକୁ ଘୃଣା ବୋଧ କରିବାଠାରୁ ଅଧିକ ଘୃଣାର କଥା କଣ ଅଛି ନିର୍ମଳା ?"

"ଯାହା ପିଲାଦିନରୁ ଶିଖିନି, ଯାହା ମୋ ହାତେ ହେବନାହିଁ ତାହା କିପରି କରିବି ?"

"ସେ ସମୟରେ ଥିଲି ଘରର ଝିଅ; ମା' ଗେଲବସର କରି କାମ କରାଇ ଦେଇ ନଥିବେ, ଦୋଳିରେ ବସାଇ ଝୁଲାଉଥିବେ; ମାତ୍ର ତୁମେ ଆଜି କୁଳର ବୋହୂ, ଘରର ଲକ୍ଷ୍ମୀ; ଆଜି ଆଉ ଦୋଳି ଖେଳିବା ଶୋଭା ପାଏନି ନିର୍ମଳା ।"

"ତମେ ଏତେ ନିଷ୍ଠୁର" କହି ନିର୍ମଳା ଚାଲିଗଲା । ରୋଷେଇ କରେ; ନିଆଁର ତାତି ଦେହରେ ବାଜେ; କଷ୍ଟହୁଏ; ମୁହଁରୁ ଝାଳ ବହେ । ଝାଳ ପୋଛୁ ପୋଛୁ ନିର୍ମଳା ଭାବେ ବୋଉ ଏଇ ସୁଖର ସ୍ୱପ୍ନ ଦେଖୁଥିଲା ।

ଦାଣ୍ଡ ଦ୍ୱାରେ ବିଜନ । ରାଜବାବୁ ତାକୁ ଚିହ୍ନି ନ ଥାନ୍ତି, ନିର୍ମଳା ଭାଇ ବୋଲି କହି ଘର ଭିତରକୁ ଡାକି ନେଲା । ରାଜବାବୁ ଦାଣ୍ଡ ଆଡ଼େ ଗଲେ । ନିର୍ମଳା ପଚାରିଲା "ବିଜନବାବୁ ! କିପରି ସାହସ କରି ଏଠାକୁ ଆସିଲ ?"

"ତୋର ଚିଠି ସବୁ ବର୍ତ୍ତମାନ ମଧ୍ୟ ମୋ ଛାତି ପକେଟରେ ଅଛି । ସେ ଚିଠି ସବୁକୁ ହଜାଇବା ଭୁଲ ଆଜିଯାଏ କରିନାହିଁ ?"

"ସେ ଚିଠି ସବୁ ଫେରାଇ ଦିଅ ।"

"ଭୟ ଲାଗୁଛି ନିର୍ମଳା ?"

ବିଜନ ବେଳେ ବେଳେ ଚାଲି ଆସେ; ବସା ଉଠା କରେ, କଥାବାର୍ତ୍ତା କରେ; ଫେରିଯାଏ । ନିର୍ମଳା ଭୟରେ ତାକୁ କିଛି କହେ ନାହିଁ । ପ୍ରେମଭିକ୍ଷା କରିବାର ଦିନ ବିଜନର ଚାଲି ଯାଇଛି—ସେ ବୁଝିଛି ତାର ସଂସାର ସରି ଯାଇଛି; ତେଣୁ ସେ ପରର ସଂସାର ଭାଙ୍ଗି ଚୂରମାର କରିବ । ଆଜି ଆସୁଛି ନିର୍ମଳାର ଘରେ ବିଷ ଢାଳି ଦେବାକୁ, ଯେଉଁ ବିଷରେ ଦୁଇଟି-ଯାକ ପ୍ରାଣୀ ପଡ଼ି ଛଟପଟ ହେଉଥିବେ ।

'ନିର୍ମଳା ! ଆଜି କଣ ଶୋଇ ପଡ଼ି ଥିଲ କି ? ଘରେ ଲୁଗାପଟା ଏଣେ ତେଣେ ପଡ଼ିଛି, ଟେବୁଲ ଉପରେ ବହି କାଗଜ ପତ୍ର ସବୁ ଇତସ୍ତତ ହୋଇ ପଡ଼ିଛି । ମୁଁ କଣ ବାହାରୁ ଆସି ଏଇସବୁ କାମ କରିବି ?'

'ବୁଧିଆ ବଜାରକୁ ଯାଇଛି, ଆସିନି ଏତେ ବେଳଯାଏ ।'

"ଖାଲିଠାରେ ବସିଛ; ତମେ ଏ ସବୁ କରି ଦେଇଥିଲେ କଣ ମାନ ହାନୀ ହୋଇଥାନ୍ତା ? ଯାହାକୁ ଗୁହାର କରି ରଖିଛେ ସେ ତ ଆମରି ପରି ଜଣେ ମଣିଷ; ତାରି ବି ଜୀବନ ଅଛି । ସେ ପଶୁ ନୁହେ କି କୌଣସି ମେସିନ୍ ନୁହେ । ଆମରିପରି ତାର ବି ଭାବିବାର ଶକ୍ତି ଅଛି । ନିଜ କାମ ନିଜେ କରିବାକୁ ଏତେ ଖରାପ ଲାଗେ କିଆଁ ନିର୍ମଳା ?"

ନିର୍ମଳାର କଣ୍ଠରେ ବାଧା ଆସିଲା; କହିଲା 'ମୁଁ କାମ କରାଇ ନେବି ସିନା, ମୁଁ କାମ କରିବାକୁ ଏଠାକୁ ଆସିନାହିଁ ।'

'କାହାଦ୍ୱାରା କାମ କରାଇବ ? ଏ ଘରେ ଯେ ମୁଁ, ବାପା ଓ ମା'ଙ୍କ ଛଡ଼ା ଆଉ କେହି ନାହାନ୍ତି । ବୁଧିଆ ବଜାରରୁ ଫେରିବା ଆଶା ଆଉ ରଖନି ।' କିଛି କ୍ଷଣ ରହି ନିର୍ମଳା କହିଲା, "ମତେ କିଛିଦିନ ପାଇଁ ଗାଁକୁ ଯିବାକୁ ଦିଅ; ମୁଁ ଟିକିଏ ବୁଲିଆସେ ।"

"ଏ କଣ ଉତ୍ତର ନା ଅଭିମାନ, ନିର୍ମଳା ? ଗାଁରୁ ତ ଆସିଛ, ପୁଣି ଏତେ ଚଞ୍ଚଳ ଯିବ କାହିଁକି ? ଯେଉଁ ଘର ଷୋଳ ବର୍ଷ ଭିତରେ ତମକୁ ଖାଲି ଗୋଟିଏ 'ବଡ଼ଘର ଝିଅ' ଛଡ଼ା ଆଉ କିଛି କରି ପାରିନି, ସେ ଘରକୁ ପୁଣି ଯିବ ? ଶୋଇବା, ବସିବାକୁ ସୁଖ କହନ୍ତି ନାହିଁ, ନିର୍ମଳା । ଦେଖିବାର ରୂପ ଗୁଣ ଦୁଇଦିନରେ ସରିଯାଏ । କାମ ଅସର; ଅନେକ ପଡ଼ିଛି ।'

'କାମ କରିବାପାଇଁ ବୋହୂଟିଏ ଦରକାର ବୋଲି ଯଦି ବିବାହ ହେଉଥିଲ । ସ୍କୁଳଘରୁ ଝିଅଟିଏ ଆଣିଲନାହିଁ କାହିଁକି ?'

'ବହୁତ ଚେଷ୍ଟା କରିଥିଲି, ମାତ୍ର କନ୍ୟା ଭାଗ୍ୟ ନେଇ ମିଳନ୍ତି ।'

'ହଁ ପଦ୍ମାକୁ...।' ନିର୍ମଳା ପାଟିକୁ ସଂଯତ କରି ରହିଗଲା । କିନ୍ତୁ ସେ ଶବ୍ଦ ରାଜ ବାବୁଙ୍କ କାନରେ ଝାଇଁକରି ବାଜିଲା । ଭାବିବାକୁ ଲାଗିଲେ ନିର୍ମଳା କିପରି ପଦ୍ମାକୁ ଚହ୍ନିଲା, ଯଦି ସେ ପ୍ରକୃତରେ ପଦ୍ମାର କଥାସବୁ ଜାଣିଥାଏ ତେବେ ଏ ବୈବାହିକ ଜୀବନରେ ସୁଖର ଆଶା ଇତି । ଆଜି ମୋର ନିର୍ମଳାକୁ ଶିକ୍ଷା ଦେବା ଇତି ।

"ମାଟି ବସି କିଏ ଝାଟିରେ ଘୁଞ୍ଚିଲି
ଝଡ଼ପଡ଼ିଅଛୁ ଖଣ୍ଡେ
ଭାଇଙ୍କ କଥାରେ କରିଅଛୁ ମାନ
ରହି ପାରିବୁକି ଦଣ୍ଡେ ?

"ନୂଆବୋହୂ ! ଭାଇ ବଡ଼ ଦୁଷ୍ଟ, କେତେବେଳେ କଣ କହିଦିଅନ୍ତି; ଧରିବୁନାହିଁଟି ? ପ୍ରକୃତରେ ସେ ତମକୁ କେତେ ଭଲ ପାଆନ୍ତି ।"

"ସୁଖରେ ରହିବାର ଯେ ସ୍ୱପ୍ନ ଦେଖିଥିଲି ତାହା ସରିଯାଇଛି, ରମା ! ବିବାହ କରିବା ଭଲ କି ମନ୍ଦ ଏବେ ସୁଦ୍ଧା ଜାଣିପାରିଲି ନାହିଁ । ବିବାହ ପୂର୍ବରୁ ବିବାହ ରୋଗର ଔଷଧ ପରି ଜଣାପଡ଼େ, ମାତ୍ର ବିବାହ ପରେ ମ୍ୟାଲେରିଆ ଭଲହେଲା ପରେ କୁଇନାଇନର ଦୋଷ ମୁଣ୍ଡରେ ଚଢ଼ିଗଲା ପରି ଦହିଯାକ ଚଢ଼ିଯାଏ ।"

"ନୂଆବୋହୂ, ମୁଁ ସବୁ ଯାଣିଛି; ଭାଇତ ସେପରି କିଛି କହି ନାହାନ୍ତି କିମ୍ବା କିଛି କରି ନାହାନ୍ତି, ଯାହାପାଇଁ ତମେ ଦିନ ରାତି ଏତ ବଡ଼ ମୁଁହ କରି ବସିବ ? ପାଣିକୁ ଠେଲି ଦେବାକୁ ଅନେକ ଅଛନ୍ତି, ମାତ୍ର ପାଣିରୁ କାଢ଼ି ଆଣିବାକୁ କେହି ନାହାନ୍ତି । ସମୁଦ୍ରକୂଳରେ ଏଡ଼େ ଏଡ଼େ ଲହରୀ ସବୁ ଗର୍ଜନକରି ଆସୁଥାନ୍ତି, ମୁଣ୍ଡ ଟିକିଏ ନୁଆଇଁ ଦେଲେ କଡ଼ରେ ଆଡ଼େଇ ହୋଇ ଚାଲିଯାନ୍ତି । ଭାଇଙ୍କ କଥା ସବୁ ନ ଧରି ଟିକିଏ ମୁଣ୍ଡ ନୁଆଇଁ ଦିଅ ନୂଆବୋହୂ ! ସୁନାର ଘରଟିମେଇ ତୋଳିବ ।

"ରମା, ତୁ ପିଲା; କିଛି ଜାଣିନାହୁଁ । ମଣିଷ କଷ୍ଟକରି-ବାକୁ କଷ୍ଟ ବୋଧ କରେ ନାହିଁ, ମାତ୍ର ମନରେ କଷ୍ଟ ହେଲେ ସେ କଷ୍ଟ ସହି ହୁଏନା । ଭାବିଥିଲି ତମ ଭାଇଙ୍କୁ ପାଇ ଜୀବନ ସୁଖମୟ କରି ପାରିବି, ମାତ୍ର ଗଛ ଲଗାଇଥିଲେ ଗଛ ମଲାପରି ମୋର ଅବସ୍ଥା ହେଲା ।"

"ନୂଆବୋହୂ । ସ୍ତ୍ରୀ ପୁରୁଷପାଇଁ କି କଷ୍ଟ ସହି ନ ପାରେ ! ତମେ ପରା କହ ନାରୀ କ୍ଷମାରେ ଧରିତ୍ରୀ । ସବୁଜାଣ ତମେ । ଏତେ ଜାଣି ନ ଜାଣିଲା ପରି କାମ କଲେ ଫଳ କେବେ ହେଲେ ଭଲ ହୁଏ ନାହିଁ । ଯେତେହେଲେ ।

ନାରୀର ଭାଗ୍ୟ ପଥର ତଳେ
ନରର ଭାଗ୍ୟ ପତର ତଳେ

ସୁନାର ସଂସାର ଜାଳି ପୋଡ଼ି ଦେଇ କି ଲାଭ ପାଇବ, ନୂଆବୋହୂ ! ନିଜେ ତ ସେଥିରେ ପୋଡ଼ିହେବ । ଚମ୍ପାଫୁଲ ଯେତେ ସୁନ୍ଦର ଓ ସୁବାସ ହୋଇ କଣ ହେବ ଯଦି ଶିବଙ୍କ ଯୋଗ୍ୟ ନ ହୁଏ, ନୂଆବୋହୂ !"

ରମା ଚାଲିଗଲା । ନିର୍ମଳା ମୁଣ୍ଡରେ କେତେ କଣ ଖେଳାଇ ଦେଇ ଗଲା ।

କିଛି କ୍ଷଣପରେ ବିନୋଦ ଆସି ପହଞ୍ଚିଲା ।

ରାଜବାବୁଙ୍କ ବୈଠକଘର । ରମେଶ ବସିଛି, ଦୁହେଁ କଥାବାର୍ତ୍ତା ହେଉଛନ୍ତି । ରମେଶ କହିଲା, "ରାଜୁ ! ଗୋଟିଏ କଥା କେତେଦିନୁଁ କହିବି ବୋଲି ଭାବି ଭାବି କହିପାରି ନାହିଁ । ତୁ ଯାହା ମନେକର ପଛେ ଆଜି କହିବି । ମୁଁ ତମ ଘରେ ବିନୋଦର ଆସିବାକୁ ଆଦୌ ପସନ୍ଦ କରୁ ନାହିଁ । ସେ ବହୁରୂପୀ । ମୁଁ ତାକୁ ଚିହ୍ନି ସୁଦ୍ଧା ଭଲ କରି ଚିହ୍ନି ନାହିଁ ।"

"ବିନୋଦ ଯେ ନିର୍ମଳାର ଭାଇ । ନିର୍ମଳା ଭାଇ ବୋଲି ତାକେ, କେତେ ସ୍ନେହ କରେ ।"

"ହଁ, ତମେ ପଦ୍ମାର ଯେପରି ଭାଇ ଥିଲ । ସେ ଅନେକ ଅଧ୍ୟାୟ ଶେଷକରି ଆଜି ତାକୁ ସାଜିଛି; ସାବଧାନ ଥିବ ।"

ବିନୋଦ ଫେରିବାବେଳେ ବୈଠକଘର ଆଡ଼େ ଏକ କଟାକ୍ଷପାତ କରି ଚାଲିଗଲା ।

ରାଜୁବାବୁ କିଛି ବୁଝିପାରିଲେ ନାହିଁ । ସେ ନିର୍ମଳାକୁ ବିଶ୍ୱାସ କରିବେ କି ରମେଶକୁ ? ସନ୍ଧାନରେ ରହିଲେ । ନିର୍ମଳାକୁ କିଛି କହିଲେ ନାହିଁ । ସେ ଜାଣନ୍ତି ସ୍ତ୍ରୀ ବିଶ୍ୱାସ କିମ୍ବା ଅବିଶ୍ୱାସର ପାତ୍ର ହେଉ ପଛେ ତାକୁ ବିଶ୍ୱାସ କରିବାକୁ ପଡ଼ିବ । ସ୍ତ୍ରୀକୁ ଅବିଶ୍ୱାସ କରିବା ଅର୍ଥ ଜାଣି ଶୁଣି ନିଜର ସଂସାର ନଷ୍ଟ କରିବା । ଠିକ୍‌ଏ କେଉଁଠି କଥା ବା କାର୍ଯ୍ୟରୁ ଅବିଶ୍ୱାସର ଅନୁମାନ ପାଇଲେ ମୁହୂର୍ତ୍ତିକରେ ଏଡ଼େବଡ଼ ଘରକୁ ନାଲି ଜାଳିପୋଡ଼ି ପାଉଁଶ କରିଦିଏ ।

"ରମା ! ଯାହାର ଗୃହକର ବା ଦୂଜାଗୋଟିଏ ରଖିବାପାଇଁ ପଇସା ସରିଯାଏ ; ଯେ ଗୃହାନ୍ତ ଆମକୁ ଗୋରୁ ଗାଈ ପରି ଦାନଶ୍ରିତ ଖାଟିବାକୁ, ତାଙ୍କର ଏ ଶାଢ଼ୀ କିଣି ଏତେ ପଇସା ନଷ୍ଟ କରିବାର କି ଦରକାର ଥିଲା ? ନେ, ଫେରାଇ ଦେବୁ ତମ

ଭାଇଙ୍କୁ ।” ରାଜବାବୁ ପାଖରେ ରହି ସବୁ ଶୁଣୁଥିଲେ, ଭିତରକୁ ପଶି ଆସି କହିଲେ ।

"ନିର୍ମଳା ! ବାପା ତମର ହାକିମ ଥିଲେ, ସେ ବାବୁଆନାର ଗର୍ବ କରିପାରନ୍ତି; ତମେ ତ ହାକିମ ନ ଥିଲ; ତମର ଗର୍ବ କରିବାର କଅଣ ଅଛି ? ଷୋଳ ବର୍ଷକାଳ ସ୍ନେହରେ ଲାଳିତ ପାଳିତ ନ ହୋଇ, ଗେଲବସରରେ ନ କଟାଇ ଯଦି କୌଣସି ବିଷୟରେ ନିଜକୁ ଉପଯୁକ୍ତ କରିପାରିଥାନ୍ତ, ସେଇଥିରେ ତମେ ତମର ଗର୍ବ ବୋଧ କରୁଥାନ୍ତ । ନିଜକୁ ଉପଯୁକ୍ତ ନ କରି ପିତାର ଆଭିଜାତ୍ୟରେ କନ୍ୟାର ଗର୍ବ ଅନୁଭବ କରିବା ଅଶୋଭନୀୟ ନୁହେଁ ? ଯୁଗ ବଦଳି ଗଲାଣି; ପର ଉପରେ ସଦାବେଳେ ନିର୍ଭର ନ କରି ନିଜର ଯୋଗ୍ୟତା ଦେଖାଇବାକୁ ହେବ ।"

"ଯେ ବର ଘର ଦେଖି, ମୁଁ ସୁଖରେ ରହିବି ବୋଲି ତମ ହାତରେ ମୋତେ ଠେଲି ଦେଇଛନ୍ତି ଯା' ସେ ମା'ଙ୍କୁ ଏ ସବୁ କହିବ । ଏ ସବୁ ଘର ଜଞ୍ଜାଳ କାମ କାର୍ଯ୍ୟ କରିବାକୁ ମୋର ମନ ନାହିଁ କି ସାହସ ନାହିଁ । ତମର ଏ ଶାଢ଼ୀ ଫେରାଇ ନିଅ । ଉପଯୁକ୍ତ ଲୋକ ଦେଖି ଦାନ କରିବ; ନଚେତ୍ ଶତ ଶତ ବସ୍ତ୍ରହୀନା ବାହାରେ ବୁଲୁଛନ୍ତି, ତାଙ୍କୁ ଦେଲେ ଅନ୍ତରରେ ଶାନ୍ତି ପାଇବ; ସ୍ତ୍ରୀମାନେ ବେଶ ଭୂଷାକୁ ଭଲପାନ୍ତି ସତ, ମାତ୍ର ସେମାନେ ଭୂଷଣର କାଙ୍ଗାଳୁଣୀ ନୁହନ୍ତି । ଯଥେଷ୍ଟ ଶାଢ଼ୀ ପିନ୍ଧିଛି, ଆଉ ପିନ୍ଧିବାର ଆଶା ରଖିନି ।"

ରାଜବାବୁଙ୍କ ମନରେ ଦୁଃଖ ହେଲା । ନିର୍ମଳା ତାଙ୍କ ମନକଥା ବୁଝିବାକୁ ନାରାଜ । ଆଜି ତାଙ୍କର ଏତେ ସ୍ନେହର ଉପହାର ଉପେକ୍ଷିତ । କହିଲେ,

"ନିର୍ମଳା ! ଦୁଖ କରନୁନା ! ଅବଗୁଣ୍ଠନବତୀ, ଲୁଣ୍ଠୁଣ୍ଠୁ ଚୂଲି, ରାସ୍ତାର ନାରୀ ସଦାବେଳେ ରୂପସୀ ନୁହନ୍ତି । ସୁନ୍ଦର ସରୁ ଫିନ୍ ଫିନ୍ ଜର୍ଜେଟ ଶାଢ଼ୀ ଭିତରେ ସଦାବେଳେ ସୁନ୍ଦର ରୂପ ଲୁଚି ନ ଥାଏ । ବାହାରର ଚୂଲି ଓ ଶାଢ଼ୀର ସୌନ୍ଦର୍ଯ୍ୟରେ ଭୁଲି ରାଜପଥରେ ବହୁଦୂର ଗଲା ପରେ ଯୁବକ ପଛକୁ ଫେରି ଆସେ; ପଦ ହାଲିଆ ହୋଇଯାଏ ।"

"ଫେରିବାର ଆଉ ଉପାୟ ନାହିଁ, ପୁଣି ବହୁତଦୂର ଚାଲିବାକୁ ପଡ଼ିବ, ମୁଁ ପଦ୍ମାପରି ତମର ଖେଳନାର ପାଏ ନୁହେଁ ।

ରାଜବାବୁ ଚାଲିଗଲେ ।

"ରମେଶ ! ଆଜକାଲି ଏ ବ୍ୟବସାୟ ମଧ୍ୟ ଆଉ ଭଲ ଲଗୁନାହିଁ । ସଦାବେଳେ ପରିଶ୍ରମ, ବିଶ୍ରାମ ନାହିଁ; ଖଟିବାର ତ ସୀମା ଅଛି ।"

"ସମସ୍ତେ ଏହିପରି କହିଥାନ୍ତି । ନିଜ ଚାକିରୀ, ନିଜ କାମ କାହାକୁ ଭଲ ଲଗେ ନାହିଁ ? ସେ ଭାବେ ଅନ୍ୟର କାମ ଭଲ, ଅଳ୍ପ ପରିଶ୍ରମ ଓ ସୁଖମୟ । ଜୀବନରେ ଶାନ୍ତି କେଉଁଠି ? ବସି ଖାଇବାକୁ ଆମେ ଜନ୍ମ ହୋଇନେ, ଖଟିକରି ଖାଇବାକୁ ଜନ୍ମ, ବିଶ୍ରାମ କାହିଁ ?"

"ଆଜଯାଏ ପରିଶ୍ରମ କରୁଥିଲି, କିଛି ଜଣା ପଡ଼ୁ ନ ଥିଲା । ମନ ଟିକିଏ ଦବିଗଲେ, ମନର ଶାନ୍ତି ଭାଙ୍ଗିଗଲେ ଛୋଟ ଛୋଟ କଥା ବଡ଼ ଜଣା ପଡ଼େ । ନୂଆ ସ୍ତ୍ରୀ, ନୂଆ ବସ୍ତ୍ର, ନୂଆ ମନ, ଥରେ ଭାଙ୍ଗିଗଲେ ଗଲା, ଯୋଡ଼ ହେବା ଅସମ୍ଭବ । ସ୍ତ୍ରୀ ଭାଗ୍ୟରେ ମିଳେ, ସ୍ତ୍ରୀ ନେଇ ସଂସାର ଗଢ଼ା ହୁଏ । ନିର୍ମଳାକୁ ଭଲ କଥା କହିଲେ ସେ ବୁଝୁଛି ଖରାପ ।

ଆଜ ସେହି ପଦ୍ମା ମନେ ପଡ଼େ । ଗରିବ ଘର ଝିଅର ନିଶ୍ୱାସ, ଆଖିର ଲୁହ, ଅନ୍ତରର ଅଭିଶାପ ମୋ ପଛେ ପଛେ

ଗୋଡ଼ାଉଛି ଓ ମୋ ଘର ନଷ୍ଟ କରିବାକୁ ଯାଉଛି । ଅନେକ ସମୟ ଇଚ୍ଛାହୁଏ ପଦ୍ମାକୁ କପର ଦେଖନ୍ତି ଓ ତାକୁ ଫେରି ଆସିବାକୁ କହନ୍ତି ।"

"ମାନ ସେ ଯେ ବୋହିଗଲା ନଈ ।"

"ସତ, ତଥାପି ସେ ଦିନମାନଙ୍କର କଥାସବୁ ବୋହି ଯାଇ ନାହିଁ । ଗୋଟି ଗୋଟି ହୋଇ ସବୁ ମନେ ପଡ଼େ; ମନରେ କେତେ ଦୁଃଖ ଆସେ । ଯେତିକି ସମୟ କଲିକତାରେ ରହୁଛି ସାଙ୍ଗ ସାଥିରେ ସମୟ କଟି ଯାଉଛି ।"

"ରାଜୁ, ମନକୁ ଖରାପ କରିଦେଲେ, ମନରେ ଦୁଶ୍ଚିନ୍ତାକୁ ସ୍ଥାନ ଦେଲେ ସଂସାର ଶୂନ୍ୟ ଦେଖାଯିବ । ମନକୁ ଯେତିକି ସରସ କରିବୁ, ସଂସାରକୁ ଯେତିକି ଭଲ ଚକ୍ଷୁରେ ଦେଖିବୁ, ସଂସାର ସେତିକି ସରସ, ସୁନ୍ଦର ଲାଗିବ । ରୋଜଗାର କରୁଛୁ, ଟଙ୍କା ପାଉଛୁ, ତଥାପି ଶାନ୍ତି ପାଉନାହୁଁ । ଜୀବନରେ ଯଦି ଆମୋଦ ପ୍ରମୋଦ ନାହିଁ, ଜୀବନରେ ଉପଭୋଗ ନାହିଁ, ଏ ଜୀବନ ବୃଥା ପରିଶ୍ରମ ଓ କଷ୍ଟ ଭିତର ଦେଇ ଶେଷ ହୋଇଯିବ ।"

"ମୋର ଜୀବନର ଇତିବୃତ୍ତି ତୋତେ ତ ଆଉ ଅଛପା ନାହିଁ, ରମେଶ ! ଜୀବନରେ ବହୁତ ଅନୁଭବ କରି ସାରିଛି; ଆଉ ସେ ପାପ ଦିଗକୁ ପ୍ରବୃତ୍ତି ଆସୁନାହିଁ ।"

"ରାଜୁ ! ସମାଜର ଆଦର୍ଶକୁ ଡରୁଛୁ ? ଲୋକେ ପାଗଳ ହେଲେ ଯେପରି ଜ୍ଞାନ ହରାଇ ଏକରି ସେକରି ହେଉଥାନ୍ତି ସମସ୍ତେ ସେହିପରି । ସଂସାର ଏତେ ଜଟିଳ, ଭଗବାନଙ୍କର ସଂଜ୍ଞା ଏତେ ଅବୋଧ ଯେ କିଛି ବିଶ୍ୱାସ କରାଯାଇ ପାରେନାହିଁ । ମନୁଷ୍ୟର କାର୍ଯ୍ୟ ପାଇଁ ଭଗବାନଙ୍କର ଦଣ୍ଡ, ସୁଖର ତୁଳନା ପାଇଁ ସ୍ୱର୍ଗ, ଦୁଃଖର ତୁଳନା ପାଇଁ ନର୍କ, ଏ ସବୁ କେବଳ ଆଦର୍ଶ

ମାନ୍ତ, କେହି ଏ ସବୁ ଦେଖିନ, କି ଏସବୁ ସମ୍ଭବ ନୁହେଁ । କାହିଁକି ମନୁଷ୍ୟର ଦୁଇହାତ ଦୁଇଗୋଡ଼ ; ଚଢ଼େଇର ହାତ ନାହିଁ ପକ୍ଷୀ ଅଛି, ପଶୁର ପକ୍ଷୀ ନାହିଁ ଲାଞ୍ଜ ଅଛି, ଭୂଲରେ ସୁଦ୍ଧା ଚଢ଼େଇ ପେଟରୁ ପଶୁ ବାହାରୁ ନାହିଁ, ବରମଞ୍ଜିରୁ ଆମ୍ବଗଛ ଉଠୁନି, ଏ ବର୍ଷ କାହିଁକି ବର୍ଷା ହେଉଛି, ଆର ବର୍ଷ ମରୁଡ଼ି ହେଉଛି, ଏ ସବୁର କାରଣ କଣ ? କେହି ବୁଝିନି; ତେଣୁ ଏସବୁ ଦେଖି ବୃଥା ନାନା କଥା ଭାବିବା ଅପେକ୍ଷା କିଛି ନ ଭାବିବା ଭଲ ।

ମନର ଖୁସିଠାରୁ ବଡ଼ ଜିନିସ କିଛି ନାହିଁ । ଯଦି ମନ ଚାହେଁ କୋଠାରେ ରହିବାକୁ, ରସଗୋଲା ଖାଇବାକୁ, ଖେଳି-ବାକୁ, ନାରୀ ସଙ୍ଗେ ବୁଲିବାକୁ, କାହିଁକି ଏ ସବୁରେ ପାପ ହେବ ? ମନର ଇଚ୍ଛାର ପୂର୍ଣ୍ଣତାହିଁ ସୁଖ, ମନ ଯାହା ଚାହେଁ ନକରିବାହିଁ ପାପ ।”

“କଣ କହୁଛୁ ରମେଶ ?”

“କହୁଛି ଏଥର କଲିକତା ଗଲେ ତତେ ଏକ ନୂଆ ସଂସାରରେ ପରିଚିତ କରିଦେବି; ଦେଖିବୁ କେଡ଼େ ସୁନ୍ଦର ସୁଖମୟ ସେ; ସମସ୍ତ ଦୁଃଖ ପାଶୋରି ଯିବୁ ।”

“ଶୁଣିଛି ଯଦିଓ ଦେଖିନି । ସେ କଥା ଆଉ କହନି, ରମେଶ ।”

“ରାଜୁ, ଗୋଲାପ ଫୁଲକୁ ସମସ୍ତେ ଭଲପାନ୍ତି, ବାରିରେ ଫୁଟିଥିବା ଗୋଲାପ ବଗିଚାରେ ଫୁଟିଥିବା ଗୋଲାପ ଓ ବଣରେ ଫୁଟିଥିବା ଗୋଲାପ ସବୁ ଏକ । ଏକା ପରି ସୁନ୍ଦର, ଏକା ପରି ସୁବାସ ।

ମନର ପରିବର୍ତ୍ତନ ହିଁ ମନରେ ସୁଖ ଆଣେ । ଜଣକୁ ଯିଏ ପୁରି ଖୁଆଇ ଶେଯରେ ଶୁଆଇ ଯଦି ସଦାବେଳେ କବାଟ କିଳି

ଘର ଭିତରେ ବନ୍ଦ କରି ରଖାଯାଏ ସେ କଣ ତାହା ଚାହିଁବ ? ସଦାବେଳେ ମନ ଛଟପଟ ହେଉଥିବ ବାହାରକୁ ଯିବାକୁ । ବାହାରେ ଭଲମନ୍ଦ, ଝଡ଼ବୃଷ୍ଟି ଯାହାଥାଉ ତା ଭିତରେ ଥରେ ବୁଲିଆସି ତୂଳି ଶେଯକୁ ଫେରିଲେ ସେ ଜାଣିପାରିବ ତୂଳି ଶେଯ କେଡ଼େ ସୁନ୍ଦର ଓ ସୁଖମୟ ।

ସଜୁ, ଯେ କୌଣସି ଜିନିଷ ଯେତେ ଭଲ ହେଲେ ବି ମନ ପରିବର୍ତ୍ତନ ଦରକାର କରେ । ଆଜି ଖଣ୍ଡେ ଭଲ ଲୁଗା ପିନ୍ଧିଲେ, ମ ସେ ପିନ୍ଧିବା ପରେ ତାକୁ ଫୋପାଡ଼ି ଆଉ ଖଣ୍ଡେ ପିନ୍ଧିବାକୁ ମନ ହୁଏ । ଖୁବ୍ ଭଲ ଖେଳନାଟି ପିଲାକୁ ଦିଅ, ସେ କିଛି ଦିନ ଖେଳିବ ସତ, ମାତ୍ର ଦିନେ ଭାଙ୍ଗି ଫୋପାଡ଼ି ଦେବ । କାରଣ ସେ ଚାହେଁ ପରିବର୍ତ୍ତନ । ପରେ ଯେଉଁ ଖେଳନା ପାଇବ ସେ ଏହାଠାରୁ ଭଲ ନ ହୋଇ ପାରେ, ତଥାପି ସେ ଚାହେଁ ପରିବର୍ତ୍ତନ; ସେଥିରେ ସେ ପାଏ ଖୁସି ।”

# ଦଶ

ମଣିଷ ସୁଖରେ ରହିଲେ ଦୁଃଖର ଦିନ ଗୁଡ଼ିକୁ ପାଶୋରି ଦେଇ ପରି ନିନା ଆଜି ଜୀବନର ପୂର୍ବକଥା କେବେହେଲେ ମନେ ପକାଏ ନାହିଁ । ସେ ଆଜି ଜୀବନକୁ ଉପଭୋଗ କରି ଚାଲିଛି—କେତେ ବଡ଼ ବଡ଼ ଘର ତାରି ପାଇଁ ଆଜି ସର୍ବସ୍ୱାନ୍ତ, କେତେ ଭାଇ ଭାଇ, ବାପ ପୁଅ, ସ୍ୱାମୀ ସ୍ତ୍ରୀ ଅମେଳ; କେତେ ନିଶାଖୋର ଓ ଡାକୁର ଉଦ୍ଭବ ।

ଗଙ୍ଗାସାଗରରେ ସ୍ନାନ ସାରି ଫେରିବାବେଳେ ନିଜ ଆତ୍ମାର ସଦ୍‌ଗତି ହେଲପରି ଯେପରି ମନେ ହୁଏ ସେହିପରି ନିନାକୁ ଦର୍ଶନ କରି ଫେରିବା ବେଳେ ସମସ୍ତେ ଜୀବନର ଏକ ଅବଶୋଷ ମେଣ୍ଟିଗଲା ଭଳି ଅନୁଭବ କରନ୍ତି । ଦର୍ଶନୀ ଦେଇ ଠାକୁର ଦର୍ଶନ କଲାଭଳି କେହି ଖାଲି ହାତରେ ନିନାର ଦର୍ଶନ କରିବାକୁ ଆସନ୍ତି ନାହିଁ ।

ହରିଶବାବୁ ବାପାଙ୍କ ତହବିଲରୁ ହଜାର ହଜାର ଟଙ୍କା ଉଠାଇ ଆଣି ଅକାତରେ ନିନାର ପାଦତଳେ ଢାଳି ଦେଇଛନ୍ତି । ବାପା ମୁଣ୍ଡରେ ହାତ ଦେଇ ବସିଛନ୍ତି—ବ୍ୟବସାୟ ହେଲା ରଦ୍ଦ; ପୁଅ ହେଲା କୁଳାଙ୍ଗାର—ଘର ଉଜୁଡ଼ିଯିବା ଉପରେ । ଜୀବନର ଦୁର୍ଭାଗ୍ୟକୁ ବେଳେ ବେଳେ ଅଙ୍ଗରୁ ଜାତ ହୁଅନ୍ତି ପରାଙ୍ଗପୁଷ୍ଟ ସୁନ୍ଦର କଅଁଳ ଛନ ଛନ ନାଲି ନାଲି ପଦ୍ମ ଫୁଲଧରି ବର୍ତ୍ତି

ଗୁଲେ ମଲ୍ଲିଙ୍ଗ ଲତା । ବୃକ୍ଷ ବହୁ ଶ୍ରମ କରି ମାଟି ପଥର ଭେଦି ତା ଭିତରୁ ଟାଣେ ଖାଦ୍ୟ ନିଜର ଜୀବନ ଧାରଣପାଇଁ । ମାତ୍ର ସୁଖରେ ହସି ଖେଳି ସେହି ସଂଗୃହୀତ ରସକୁ ଖାଇଗୁଲେ ଲତାଟି—ଲତାଟି ଦିନକୁ ଦିନ ସୁନ୍ଦରରୁ ସୁନ୍ଦରତର ହୋଇ ବଢ଼ି ଗୁଲେ ଓ ବୃକ୍ଷଟି କ୍ରମେ କ୍ରମେ ଦୁର୍ବଳ ହୋଇ ଝଡ଼ି ଆସେ ଓ ମରିଯାଏ । ତାପରେ ଆପେ ଆପେ ମରିଯାଏ ଅସ୍ଥି-ଶକ୍ତି ବିହୀନ ମଲ୍ଲିଙ୍ଗ ଲତାଟି ।

ସୁରେଶବାବୁ ନିନାର କବଳରେ ପଡ଼ି ମଦ ମାଂସ ସାଙ୍ଗ କରି ସର୍ବସ୍ୱାନ୍ତ । କୋଠା ଖଣ୍ଡିକ ମଧ୍ୟ ବିକି ସାରିଲେଣି । ତଥାପି ତାଙ୍କର ଏ ଅଭ୍ୟାସର ଶେଷ ନାହିଁ । ଶେଷକୁ ନିଜର ସ୍ତ୍ରୀକୁ ମାଡ଼ଦେଇ ତାର ହାତର ଅଳଙ୍କାର ଆଣି ବନ୍ଧା ଦେଇ ବୀରଦର୍ପରେ ନିନାର ପ୍ରାସାଦରେ । ପିଲାଏ ଦାଣ୍ଡରେ ଭିକାରୀ ।

ଲଳିତ ଏବେ ଡାକୁ ସାଜିଛି । ଟଙ୍କାର ଅଭାବରେ ଜୀବନ ଉପଭୋଗ କରି ହୁଏନି ବୋଲି ଦଳମିଳି ଜଗଦୀଶ ବାବୁଙ୍କ ଘରେ କଲେ ଚୋରି । ପ୍ରଚୁର ଧନ ସମ୍ପତ୍ତି ଆଣିଲେ । ନିନା ଘରକୁ ଯିବାକୁ ବାହାରିବା ବେଳେ ନିଲୁ ଆସି କହିଲା, ମୁଁ ଆଜି ଯାଇଥିଲି ତାହାର ଦେହ ଭଲ ନାହିଁ—ଦୁଇଦିନ ଛାଡ଼ି ଯିବା ।'

ତା ଆରଦିନ—ସମସ୍ତେ ସିନେମା ଦେଖିଗଲେ । ହାତରେ ଧନର ଅଭାବ ନାହିଁ—ମନ ଖୁସି—ଠିକ୍ କିଏ ପରିଶ୍ରମରେ ଏତେ ପଇସା ହାତକୁ ଗୁଲିଆସିଛି—ହୋଟେଲରେ ମଦ ମାଂସ ଖିଆ, ସିନେମା ଥିଏଟର ଦେଖା, ବାରନାରୀ ପୁରେ ବିଚରଣ କେହି ଆଉ ବାଦ ଯିବେ ନାହିଁ—ସମସ୍ତଙ୍କ ମନ ବିଜୟ ଉଲ୍ଲାସରେ ନାଚି ଉଠୁଛି—ସିନେମା ଦେଖିଲେ—ଖେଳ ସରିଲା । ବସାକୁ ଫେରିଲେ, ରାତି ସାଢ଼େ ନ'ଟା ବାଜିବାକୁ ଯାଉଛି—

ରାସ୍ତାରେ ବୁଲୁଥିଲେ ଗୋଟିଏ ଦୋକାନରୁ ପାନ ସିଗାରେଟ କିଣୁଥିଲେ, ହଠାତ୍ ପୁଲିସ ଆସି ପହଞ୍ଚି ଗୋଟି ଗୋଟି କରି ଧରି ନେଇଗଲେ—

ମହେଶବାବୁ ଆଜି ସର୍ବସ୍ୱାନ୍ତ—ପିଲାଙ୍କର ଆକୁଳ ବୁଭୁକ୍ଷୁ ଅନାହାର ଦୃଷ୍ଟି ଯୌବନର ଗର୍ବ ଭାଙ୍ଗି ଦେଇଛି—ଘରର ଅବହେଳିତା, ଛିନ୍ନବସ୍ତ୍ରା, ଭଗ୍ନରୂପା, ଯୁବତୀ ରମଣୀର ଆତୁର ନିରୀହ ଗୃହିଣୀ ପରପ୍ରୀତିର ମୋହ ଭାଙ୍ଗି ଦେଇଛି । ନିସ୍ୱ ଓ ଚରିତ୍ରହୀନ ବୋଲି ଆଜି ସେ ସଂସାର ଚକ୍ଷୁରେ ଘୃଣ୍ୟ ଉପେକ୍ଷିତ । ସେ ଆଜି ଆସିଛନ୍ତି ନିନାର କୃପାଭିକ୍ଷା କରିବାକୁ । ପଦେ କଥା ଶୁଣି ନିନା ସବୁ ବୁଝିପାରି କହିଲା,

'ଏଠାକୁ ଏପରି ଭାବେ ଆସିବାକୁ ଲାଜ ଲାଗୁନି ?'

'ମୁଁ ଆଜି ଆସିନି ପ୍ରେମ ଭିକ୍ଷା କରି, ମୁଁ ଆସିଛି କୃପା ଭିକ୍ଷା କରି । ମୋ ପିଲାଏ ଆଜି ଦାଣ୍ଡର ଭିକାରି । ତମର ଟିକିଏ ହେଲେ ଦୟା ହେଉନାହିଁ ?'

'ଏ ଦୟାର ସ୍ଥାନ ନୁହେ । ଏ ଜୁଆ, ଏ ଖେଳ, ଏ ବ୍ୟବସାୟ ।'

'ଏତେ ସ୍ନେହ କରୁଥିଲ, ସବୁ ଭୁଲିଗଲ ?'

'ସ୍ନେହ କାହିଁ ? କିଏ କାହାକୁ ସ୍ନେହ କରେ ? ଏଠାରୁ ଚାଲିଯାଅ ।'

ଲଳିତା !

ଦିନ, ମାସ, ବର୍ଷ ଗଡ଼ି ଚାଲିଛି । ବର୍ଷ ପରେ ବର୍ଷ ଋତୁର ସମ୍ଭାର ଧରି ଲିଲିର ଅଙ୍ଗ ପରଶ କରି ତାକୁ ନୂଆ ନୂଆ ଜୀବନ ଦେଇ ଚାଲିଛି । ନିନାର ଆଖି ଆଗରେ ଲିଲିର ବାଲ୍ୟ, କିଶୋର ସମସ୍ତ ଚାଲିଯାଇଛି । ପିଲାଦିନରୁ ଆମୋଦ ପ୍ରମୋଦରେ ବଢ଼ି ଚାଲିଛି ଲିଲି । ସୁନ୍ଦର ଫୁଲଟି ପରି ଆଜି ଫୁଟି ଉଠୁଛି ସେ ।

ରମେଶ ବାବୁ ରାସ୍ତାରେ ସାଇକେଲରେ ବସା ଆଡ଼କୁ ଫେରୁଥିଲେ। ହଠାତ୍ ବିଜନ ରାସ୍ତା କଡ଼ରେ ଠିଆ ହୋଇ ତାଙ୍କୁ ଅଟକାଇଲା। ଦୁହେଁ ଚଢ଼ା ଓ ଅଚଢ଼ା। ବିଜନ କହିଲା,

"ରମେଶ; ସେ ଦିନ କଥା ମନେ ଅଛି ? ତୁ ମତେ ଠିକ୍ ଚିହ୍ନିଛୁ, କିନ୍ତୁ ଅନେକ ବାକୀ ଅଛି। ମୁଁ ସକାଳେ ବିଜନ, ଦ୍ୱିପ୍ରହରେ ବିନୋଦ ଓ ରାତିରେ ବିଜୟ, ତିନି ବେଶ ଧରେ। ସକାଳେ ପୁରୀ, ଦ୍ୱିପ୍ରହରେ କଟକ, ରାତିରେ କଲିକତା ତିନି ଜାଗା ବୁଲେ। ତଥାପି ତୋର ଭୟ ନାହିଁ। ମୋ ବିରୁଦ୍ଧରେ ରାଜ ବାବୁଙ୍କୁ ଆଉ ଦିନେ କହିବାର ସାହସ କରିବୁ ନାହିଁ।

"ପ୍ରକୃତରେ ତତେ ଦେଖିଲେ ଡର ଲାଗେ ବିଜନ; ତୁ ଆଉ ମନୁଷ୍ୟ ହୋଇ ନାହୁଁ। ରାଜୁ ପିଲାଦିନର ସାଙ୍ଗ; ସେହି ହିସାବରେ ତାଙ୍କୁ ମୋର କହିବାର କର୍ତ୍ତବ୍ୟ ମାତ୍ର କରିଛି, ସେ କଥା ଆସି ଏଠାରେ ତୋ କାନରେ ବାଜିଲାଣି।"

"ଗୁରୁଆଡ଼େ ମୋର ଆଖି ଓ କାନ ଅଛି, ଆଉ ଦିନେ ମୋତେ ଚିହ୍ନିବାର ବାହାଦୁରି କାହା ଆଗେ କରିବୁ ନାହିଁ।"

"ବୁଝିଲି, ଆଉ କିଛି କହିବାର ଅଛି ?"

"ଅନେକ ଅଛି କହିବାକୁ; ରାଜବାବୁ ତୋର ପିଲା ଦିନର ସାଙ୍ଗ ବୋଲି ତାଙ୍କୁ ସର୍ବସ୍ୱାନ୍ତ କରିବାକୁ ଯାଉଛୁ, ନା ? ତମର ସମସ୍ତ ଖବର ମୁଁ ନିଏ; କିନ୍ତୁ ରାଜବାବୁ ତ ଏପରି ନଥିଲେ।"

"ନଥିଲେ ବୋଲି ଯେ ହେବ ନାହିଁ ତାର କାରଣ କିଛି ନାହିଁ। କେବେ ନ ଥିଲା, ଏବେ ହେଲା; ମୁଁ କଣ କରିବି ?

"ପୁଣି ମୋ ସଙ୍ଗରେ ଖେଳ ଖେଳୁଛୁ ରମେଶ ? ଏ ସବୁ ତୋ'ର ଗୁଣ, ଗୋଟି ଗୋଟି କରି ସବୁ ନିର୍ମଳାକୁ କହିଦେବି। ଶେଷ ଫଳ ଜାଣି ପାରୁଥିବୁ ?"

'ତୁ ଯେ କହୁନୁ, କିଏ ବିଶ୍ୱାସ କରିବ ?"

"କହୁନାହିଁ ତୋ ପାଖରେ ଗୋଟିଏ କାମଅଛି ବୋଲି, ସେତକ କରି ପାରିଲେ ତୁ ତୋ ବାଟରେ ଯା, ମୋର କିଛି ଆପତ୍ତି ନାହିଁ; ମାତ୍ର ମୋର କଥାରେ ଟିକିଏ ବିଚଳିତ ହେଲେ ତମ ସମସ୍ତଙ୍କର ସଂସାର ସାରଦେବି ।"

"କଥା ଟା କଣ ଶୁଣେ ?"

"କିଛି ବଡ଼ କଥା ନୁହେଁ; ଠିକ୍ ତମର ବାଟର କଥା, ଛଅ ତାରିଖ ଦିନ ସନ୍ଧ୍ୟାବେଳେ ରାଜବାବୁଙ୍କୁ ସଙ୍ଗରେ ନେଇ ଲର୍ଡ଼ ଷ୍ଟ୍ରିଟ୍ (Lord Street)ର ପଚିଶ ନମ୍ବର କୋଠାକୁ ଯିବୁ। ମୁଁ ଦିନ ତମାମ ସେଠାରେ ଥିବି; କିଛି ଭୟ କରିବାର ନାହିଁ । ସୁଖରେ ସମୟ କଟିବ, ମୁଁ ଯାଉଛି ।"

ହଉ' କହି ରମେଶବାବୁ ସାଇକଲରେ ଗଲେ । ମନରେ ନାନା ପ୍ରକାରର ସନ୍ଦେହ, କିନ୍ତୁ ସେ ଅମଣିଷ ରାଜବାବୁ କିଛି କହିଲେ ନାହିଁ । ତା ଆର ଦିନ ସେ ଘରର ଠିକଣା ବୁଝି ସମସ୍ତ ଜାଣିବାକୁ ଚେଷ୍ଟା କରିଲେ ।

ବାରନାରୀର ପୁର, ଲକ୍ଷ୍ମୀଙ୍କର ବାସସ୍ଥାନ । ଚଞ୍ଚଳା ଅଚଞ୍ଚଳ ହୋଇ ରହିଛନ୍ତି ସେହିଠାରେ ! ଶୁଚି ପବିତ୍ରତା ସେହିଠାରେ । ଭୋର ନ ହେଉଣୁ ସାଇରେ ସମସ୍ତ ଘରଦ୍ୱାର ସଫା, ଦାଣ୍ଡବାର ସଫା, ପୁରର ନାରୀମାନେ ପ୍ରତ୍ୟୁଷରୁ ସ୍ନାନ ସାରି ପ୍ରତିଦିନ ସଜ ଫୁଲଟିମାନ ପରି ଫୁଟି ଉଠନ୍ତି । ଗୀତ, ବାଦ୍ୟ, ଶଙ୍ଖ, ହୁଳହୁଳି ସେହିଠାରେ, ସମସ୍ତେ ସଙ୍ଗୀତ ପ୍ରିୟ, ଗୀତ ବାଦ୍ୟ ବିଶାରଦ । ସରସ୍ୱତୀଙ୍କ ଅସ୍ଥାନ ମଧ୍ୟ ସେଇଠି । ତାଙ୍କର ନୃତ୍ୟ ତାଙ୍କର ବାଦ୍ୟ, ତାଙ୍କର ତୁଣ୍ଡରୁ ଗାନ ଶୁଣିବା ପାଇଁ ଦେବତାମାନେ ଉତ୍କଣ୍ଠିତ । ସେମାନେ ସଦାବେଳେ ସଧବା, ଲକ୍ଷ୍ମୀବତୀ, ମଥାରେ ସିନ୍ଦୂର, ହାତରେ କାଚ ଓ ସୁନାର ଭୂଷଣରେ ଭୂଷିତା ।

ସମାଜ ସଦାଦିନ ନାରୀକୁ ଜନନୀରୂପେ ଦେଖି ଆସିଛି । ବିବାହବେଳେ ପୁରୁଷ ନାରୀର ପଦ ଅଙ୍ଗୁଳି ଧରି ପ୍ରଥମେ କ୍ଷମା ମାଗେ । କହେ "ତୁ ପୂର୍ବ ଜନ୍ମରେ ମା ଥିଲୁ, ଏବେ ସ୍ତ୍ରୀ ହେବାକୁ ଯାଉଛୁ, ମୋର ଦୋଷ କ୍ଷମା କରିବୁ ।" ମା ଯେପରି ଆବେଗରେ ତା ଛୁଆଟିକୁ ଛାତିରେ ଧରି ବାତ୍ସଲ୍ୟ ଢାଳିଦିଏ, ନାରୀ ସଦାବେଳେ ସେହିପରି ପୁରୁଷକୁ ଛାତିରେ ଧରି ତାର ବାତ୍ସଲ୍ୟ ଆଦି ସମସ୍ତ ସ୍ନେହ ଢାଳିଦିଏ । ପୁରୁଷ ତା ଆଖି ଆଗରେ ଦିଶେ ତାର ସନ୍ତାନ ପରି, ସ୍ୱାମୀ ପରି ତାର ସବୁ । ପୁରୁଷର ତୁଷ୍ଟି ସାଧନ କରିବାରେ ସେ ହୋଇପଡ଼େ ପାଗଳ; ପୁରୁଷ ବିନିମୟରେ ଦିଏ ତାର ସର୍ବସ୍ୱ । ସେହି ନାରୀ ପୁରୁଷର ମନୋ- ରଞ୍ଜନ ପାଇଁ ନାନା ବେଳେ ନାନା ରୂପ ଧରେ । ନିତି ନିତି ନୂଆ ବେଶ ଅଳଙ୍କାରରେ ଅଙ୍ଗକୁ ସଜାଏ; ନିଜ ପାଇଁ ନୁହେଁ, ପୁରୁଷର ଖୁସି ପାଇଁ । କେତେବେଳେ ପତ୍ନୀରୂପେ ସଂସାରରେ କୌଣସି ଆଡ଼େ ଲକ୍ଷ୍ୟ ନ ଦେଇ ଐଶ୍ୱର୍ଯ୍ୟ ଶୃଙ୍ଗାର ରସରେ ସ୍ୱାମୀକୁ ବୁଡ଼ାଇ ରଖିଥାଏ । କେତେବେଳେ ପୁଣି ପତ୍ନୀ ରୂପେ- ଥାଇ ପର ପୁରୁଷ ସହ ନିତି ନୂତନ ସହବାସରେ ରତ ରହି ପରକୀୟା ପ୍ରେମର ପରାକାଷ୍ଠା ଦେଖାଏ । ପୁଣି କେତେବେଳେ ସେହି ରମଣୀ ଧର୍ମ ଦେବତାଙ୍କ ପାଖେ ନିୟମ କରି କହେ "ମୋତେ ଶକ୍ତି ଦିଅ, ମୁଁ ଏ ସଂସାରକୁ ଆସିଛି, ଯେପରି ଶତ ଶତ ପୁରୁଷଙ୍କର ପ୍ରାଣ ପ୍ରେମରସରେ ରସାପ୍ଳୁତ କରିପାରେ ।" ନାରୀର ଏ ସବୁ ବିଭିନ୍ନ ରୂପାନ୍ତର ମାତ୍ର । ଯେଉଁ ସ୍ତନ ସନ୍ତାନର ଜୀବନ ଧାରଣର ଆଧାର, ସେହି ସ୍ତନ ସ୍ୱାମୀର ଖେଳର ସାମଗ୍ରୀ । ନାରୀ କେବେ କାହାକୁ ମନା କରେ ନାହିଁ । ତା ଆଖିରେ ସନ୍ତାନ ଯେତିକି ସ୍ନେହର ଜିନିଷ, ସ୍ୱାମୀ ସେତିକି ସ୍ନେହର ଜିନିଷ । ସେହି ଏକା ଜିନିଷକୁ ସ୍ୱାମୀ ଯେ ଚକ୍ଷୁରେ ଦେଖେ, ସନ୍ତାନ

ଭିନ୍ନ ଚକ୍ଷୁରେ ଦେଖେ । ଏସବୁ ଚକ୍ଷୁ ଓ ମନର ପ୍ରଭେଦ କେବଳ । ସେହିପରି ପୁରନାରୀ ଯେଉଁ ରମଣୀ, ବାରନାରୀ ସେହି ରମଣୀ । କେବଳ ଚକ୍ଷୁ ଓ ମନ ପ୍ରଭେଦ ଅଣେ । ଗୃହନାରୀ ଗୃହ ଉଜ୍ଜ୍ୱଳ କରିପାରେ, ବାରନାରୀ ତାର ପୁର ଉଜ୍ଜ୍ୱଳ କରେ । ନାରୀ, ପୁର ନାରୀ ହେଉ କିମ୍ବା ବାରନାରୀ ହେଉ ସେ ମା । ସେହି ବାରନାରୀର ଗର୍ଭରୁ ବଶିଷ୍ଠଙ୍କ ଭଳି ପୁଅ ଜନ୍ମ ହୁଅନ୍ତି । ସତ୍ୟବତୀ ନାବ ପାରି କରୁ କରୁ ବ୍ୟାସଦେବଙ୍କ ଭଳି ପୁଅ ଗର୍ଭରେ ଧରିଥିଲେ । କୁନ୍ତୀ ବିବାହ କରିବା ପୂର୍ବରୁ କର୍ଣ୍ଣଙ୍କ ଭଳି ପୁତ୍ର ଜନ୍ମ କରିଥିଲେ । ପାଣ୍ଡବେ ଜାରଜାତକ ହୋଇ ମଧ୍ୟ ଜଗତରେ ପ୍ରସିଦ୍ଧି ଲାଭ କଲେ । ଯେ ବାରନାରୀର ଘରେ ଲକ୍ଷ୍ମୀ ସରସ୍ୱତୀଙ୍କର ପୂର୍ଣ୍ଣ କରୁଣା, ଯା ଦାଣ୍ଡର ଧୂଳି ଶୁଭ କାର୍ଯ୍ୟରେ ଲାଗେ, ସେ ଘର ପାପର ନିକେତନ ହୋଇ ନ ପାରେ ।

ଆଜି ଏକ ଶୁଭଦିନ । ପ୍ରତିହିଂସା ସାଙ୍ଗ ହେବ । ଆଉ ଧନୀ ହେବାର ଲୋଭ ନାହିଁ, କି ଦରିଦ୍ର ହେବାର କ୍ଷୋଭ ନାହିଁ । ଆଜି ଲିଲି ବେଶ୍ୟା ହେବ; ମୋର ଝିଅ ବେଶ୍ୟା ହେବ; ବେଶ୍ୟାର କନ୍ୟା ବେଶ୍ୟା ହେବ । ଜଗତ କହୁଛି ମୁଁ ବେଶ୍ୟା; ମୋର ସ୍ୱାମୀ କହୁଛନ୍ତି ମୁଁ ବେଶ୍ୟା । ମାତ୍ର ଲିଲିକୁ ବେଶ୍ୟା କହିବ କିଏ ? ତାର ପିତା । ପ୍ରତିଶୋଧ; ଉପଯୁକ୍ତ ପ୍ରତିଶୋଧ ।

ଟଙ୍କା ଖର୍ଚ୍ଚରେ ସୀମା ନାହିଁ । ଭୋଜି, ନିମନ୍ତ୍ରଣ, ଆମୋଦ ପ୍ରମୋଦରେ ପ୍ରାସାଦ କମ୍ପି ଉଠୁଛି । ଖିଅ ପିଅ, ହସ ଖୁସି ଗାନ ବାଜଣା, ଖେଳା ଖେଳ ଯେ ଯାହା ଇଚ୍ଛାରେ କରୁଛନ୍ତି । ତଥାପି ନୀନାର ମନରେ ଶାନ୍ତି ନାହିଁ ।

ସର୍ବ ସମକ୍ଷରେ ଲିଲି ହାତ ଅଞ୍ଜୁଳାରେ ସୋରିଷ ଅଞ୍ଜୁଳି ଧରି ସୂର୍ଯ୍ୟଦେବତାଙ୍କଠାରେ ନିୟମ କରି କହୁଛି, “ପ୍ରଭୁ ଏ

ଅଞ୍ଜୁଳରେ ଯେତେ ସୋରଷ ଅଛି ମୋର ସେତକ ସ୍ୱାମୀ ହୁଅନ୍ତୁ ।" ଧର୍ମଦେବ ତାହାର ଅର୍ଘ୍ୟ ଗ୍ରହଣ କରିଛନ୍ତି ।

ସାମାଜିକ ବିବାହରେ ଅଗ୍ନିଙ୍କୁ ସାକ୍ଷୀ ରଖି ବରକନ୍ୟା ଏକ ପତ୍ନୀବ୍ରତ ଓ ଏକ ପତିବ୍ରତ ନିୟମ କରନ୍ତି । ତେଣୁ ଏକରୁ ଅଧିକ ପତ୍ନୀ କିମ୍ବା ପତି କରିବା ତାଙ୍କ ପାଖରେ ପାପ । ସେ ପାପକୁ ମଧ୍ୟ ସମାଜ ମାଫ୍ ଦିଏ । ଯେତେବେଳେ ଗୋଟିଏ ସ୍ତ୍ରୀ ପରେ ପୁରୁଷ ଆଉ ଗୋଟିଏ ବିବାହ କରେ ସମାଜ ଦେଖି ଦେଖେ ନାହିଁ । ରାଜାମାନେ ନିଜର ବିଳାସ ବ୍ୟସନ ପାଇଁ ଶତ ଶତ ନାରୀ ବିବାହ କରନ୍ତି; କେହି ତ କେବେ ତାଙ୍କୁ ବାଧା ଦିଏ ନାହିଁ ? ତେବେ ନାରୀ ଯଦି ନିଜର ମନ ଇଚ୍ଛାରେ, ନିଜର ଖୁସି ବିଳାସ ପାଇଁ ଶତ ଶତ ପୁରୁଷ ବିବାହ କରେ ସେଥିରେ କ୍ଷତି କଣ ? ମା ଙ୍କର ନିୟମ ବା ସତ୍ୟରୁ ଦ୍ରୌପଦୀ ପଞ୍ଚପତି କରି ମଧ୍ୟ ସତୀ ହେଲେ । ତାରା, ମନ୍ଦୋଦରୀ ପ୍ରଭୃତି ସ୍ୱାମୀଙ୍କ ଅନ୍ତେ ପର ପୁରୁଷଙ୍କୁ ବିବାହ କରି ମଧ୍ୟ ସତୀ ହେଲେ । ପୁରାଣ ଯଦି ବିଶ୍ୱାସ୍ୟ, ଏକା ଶଚୀଙ୍କ ଆଗରେ କେତେ କେତେ ଇନ୍ଦ୍ର ଗଲେଣି, ତଥାପି ସେ ସତୀ । ତେବେ ଯେଉଁ ବେଶ୍ୟା ସୂର୍ଯ୍ୟ-ଦେବଙ୍କ ଆଗରେ ନିୟମ କରେ ଓ ସେ ନିୟମକୁ ଅଲଙ୍ଘ୍ୟ ରଖିପାରେ ସେ କାହିଁକି ଅସତୀ ହେବ ? ନିୟମର ବ୍ୟତିକ୍ରମହିଁ ଅସତ୍ୟ । ଗୋଟିକରୁ ପାଞ୍ଚୋଟି ବିବାହ ହେବା ପାଇଁ ସମାଜ ବାରଣ କରିନାହିଁ । ଯଦି କେହି ନାରୀ ସବୁ ସମକ୍ଷରେ ଧର୍ମଙ୍କୁ ସାକ୍ଷୀରଖି କହେ "ମୁଁ ଏ ଦଶଜଣଙ୍କୁ ବିବାହ ହେବି" ଓ ସେ ତାହା ପାଳନ କରେ, ସେ ପ୍ରକୃତରେ ସତୀ ।

ରାତି ହେଲା । ପ୍ରଥମ ରଜନୀର ଶଯ୍ୟାର ନାୟିକା ରାଜ ବାବୁ ।

ରାଜ ବାବୁଙ୍କ ଘର ଭିତରକୁ ପ୍ରବେଶ କରିବା ନିଶ୍ଚିନ୍ତ ହୋଇପାରିଲା ନାହିଁ । ତାର ସମସ୍ତ ଗର୍ବ ଦମ୍ଭ ଭାଙ୍ଗିଗଲା, ପ୍ରାଣ ଥରି ଉଠିଲା । ନାନା ପ୍ରକାରର ଭାବନା ମନ ଭିତରେ ଖେଳି ଉଠିଲା । ଭାବିଲା "ମୁଁ କଣ କରିବାକୁ ଯାଉଛି । ରାଜବାବୁ ନଜାଣିଲେ ବି ଲିଲି ତାଙ୍କର ପ୍ରିଅ । ରାଜବାବୁଙ୍କ ଏ ହୋଇଥାନ୍ତା ଉପଯୁକ୍ତ ଶାସ୍ତି; ମାତ୍ର ଏ ଶାସ୍ତିଦେଇ ସଂସାରରେ ଯେ କଳଙ୍କ ରହିଯିବ ସେଥିରେ ମୁଁ ବି ହେବି ଭାଗୀ । ପୁରୁଷ ଅନ୍ଧ, ଅନ୍ଧ ନୟନରେ ଅଞ୍ଜନ ଦେଇ ତାର ଆଖି ଫିଟାଏ ନାରୀ । ସେଇ ରାଜ ବାବୁ ଅଛନ୍ତି; ସେଇ ପଦ୍ମା ମୁଁ ଅଛି । ସେଇ ଗୁଞ୍ଜିଗଲା ଦିନସବୁ ଆଜ ବି କାଲିପରି ମନେଅଛି । ନା, ଏହା କରି ପାରିବି ନାହିଁ ।" କାଠ ପିତୁଳାଟି ପରି ପଦ୍ମା କବାଟ ପାଖରେ ଠିଆ ହୋଇ ରହିଲା ।

ଘରଭିତରେ କଥାବାର୍ତ୍ତା ହେଉଛନ୍ତି ଲିଲି ଓ ରାଜ ବାବୁ । ରାଜବାବୁ ତାଙ୍କର ଉପହାର ପସରା ମେଲାଇ, ସ୍ନେହ ଓ କଥା ବାର୍ତ୍ତାରେ ଲିଲିକୁ ଗୋଟା ପଣେ ବାନ୍ଧି ରଖିବାକୁ ଉଚ୍ଛନ୍ନ । ଅଯୋଗ୍ୟହେଲେ ମଧ୍ୟ ମୋର ଚତୁର୍ଥୀ ରାତର ଉପହାର ଏହି ସ୍ନେହର ମୁଦିଟିକୁ ଗ୍ରହଣ କରନ୍ତୁ କହି ଲିଲି ରାଜ ବାବୁଙ୍କ ଆଙ୍ଗୁଠିରେ ମୁଦିଟିଏ ପିନ୍ଧାଇ ଦେଲା ।

ସୁନ୍ଦର ରଭିଲ୍ ଭିଙ୍ଗ ମୁଦିଟିଏ, ଉପରେ ଲେଖାଅଛି "ରାଜୁ" । ରାଜ ବାବୁଙ୍କର କୁତୂହଳ ଜନ୍ମିଲା; ମୁଦିଟି ଚିହ୍ନିଲା ଚିହ୍ନିଲା ପରି ଜଣାଗଲା, ଆଙ୍ଗୁଠିରୁ ଖୋଲି ଭଲ ଭାବରେ ଦେଖି ଆଶ୍ଚର୍ଯ୍ୟ ହେଲେ; ଭିତର କରେ ମଧ୍ୟ ଲେଖା ହୋଇଛି ପଦ୍ମା ।

ଲିଲି ପଚାରିଲା "ଏ ସୁନ୍ଦର ମଧୁମୟ ରାତିରେ ଆପଣ ଅନ୍ୟ-ମନସ୍କ ଜଣା ପଡ଼ୁଛନ୍ତି; ରାଜ ବାବୁ ।"

"ଲିଲି । ଏ ମୁଦିଟି କେଉଁଠାରୁ ପାଇଲି ?"

"ଧନେ ଏକ କାଙ୍ଗାଳିଣୀ, ଭିକାରିଣୀ ଏଇ ବାଟ ଦେଇ ଯାଉଥିଲା; ଦେହରେ ବୟସ ଓ ଯୌବନ ଥିଲେ ମଧ୍ୟ, ଦୁଃଖ, କଷ୍ଟ ଓ ପେଟର ଦାଉରେ ତାର ଯୌବନ ଭାଙ୍ଗି ପଡ଼ିଥିଲା । କେବଳ ଓଳିଟିଏ ଆହାର କରି, ଏ ମୁଦିଟିକୁ ଦେଇ ତାର ଦାମ ସ୍ୱରୂପ ଗୁରୋଟି ଟଙ୍କା ନେଇ କେଉଁଆଡ଼େ ଗୁଲିଗଲା । ଆମେ ତ ସର୍ବଭକ୍ଷ । ରାଜା ପ୍ରଜା, ଧନୀ ଦରିଦ୍ର, ଚୋର ଡକାଏତ, ପାପୀ, ଧାର୍ମିକ ସମସ୍ତଙ୍କର ଆଶ୍ରୟ ସ୍ଥଳ ଓ ସମସ୍ତଙ୍କର ଧନ ଆମ ପେଟରେ । ତେଣୁ ଖୁସିରେ ଏ ମୁଦିଟିକୁ ରଖିନେଲି । ମୋତେ ସୁନ୍ଦର ଓ ଭଲ ଲାଗେ ବୋଲି ମା ମୋପାଇଁ ଏକୁ ସାଇତ ରଖିଥିଲା । ମୋର ଏଇ ଚତୁର୍ଥୀ ରାତିର ଉପହାର ପାଇଁ ।

ରାଜ ବାବୁ ପୁଣି ଅନ୍ୟମନସ୍କ ।

ଲିଲି କହିଲା "ରାଜବାବୁ ଏ ଭାବୁକ ପାଇଁ ସ୍ଥାନ ନୁହେଁ । ଏ ସ୍ନେହ ଖୁସିର ଯାଗା; ଆମୋଦ ପ୍ରମୋଦର ସ୍ଥାନ । ମନ ଖୁସିକର ।"

ରାଜବାବୁ ଲିଲିକୁ ଖଟ ଉପରକୁ ଟାଣି ଆଣି ମୁହଁରେ ଚୁମ୍ବନ ଦେବାକୁ ଯାଉଛନ୍ତି ପଦ୍ମା ହଠାତ୍ କବାଟ ଖୋଲି ପଶି ଆସି କହିଲା,

"କଣ କରିବାକୁ ଯାଉଛନ୍ତି ରାଜ ବାବୁ ? ଜୀବନରେ ଧନର ମୋହ ନ ଭାଙ୍ଗିଲା ଯାଏ ବହୁବାର ଏହିପରି ଚତୁର୍ଥୀ ରାତି ଆସେ । ଭାବିଥିବେ କାଙ୍ଗାଳିଣୀ ହାତେ ଏତେବଡ଼ ସ୍ନେହର ଉପହାର ଦେଇଥିଲା ସେ ତାର ପେଟର ଜ୍ୱାଳାରେ ତାହା ରଖି ପାରିନଥିବ । କିନ୍ତୁ ତମର ଏତେବଡ଼ ସ୍ନେହର ଉପହାର ମୁଁ କି ଫୋପାଡ଼ି ଦେଇ ପାରେ ? ଏକ ଚତୁର୍ଥୀ ରାତିରେ ମୋତେ ଯେଉଁ

ମୁଦଟିକୁ ଉପହାର ଦେଇଥିଲ, ଆଜି ଆଉ ଏକ ଚତୁର୍ଥୀରାତରେ ସେଇ ମୁଦଟିକୁ ମୋର କନ୍ୟା ହାତରୁ ଗ୍ରହଣ କରୁଛ ?

ରାଜ ବାବୁ କେବଳ ପଦ୍ମାର ମୁହଁକୁ ଚାହିଁ ରହିଲେ; ସବୁ ସ୍ୱପ୍ନପରି ଲାଗୁଥାଏ ।

ଲିଲି କହିଲା "ରାତି ପାହି ଆସିଲା, ଚୋରମାନେ ନିଜ ନିଜ ଘରକୁ ଫେରବେଣି । ପେଚାଏ କୋରଡ଼ମାନଙ୍କରେ ଲୁଚବେଣି; ଜନ୍ତୁଏ ରାସ୍ତାଘାଟ ଛାଡ଼ି ଜଙ୍ଗଲ ଭିତରକୁ ଯିବାକୁ ବସିଲେଣି; ଆଉ ରାତୀଚରଙ୍କ ପାଇଁ ସମୟ ନାହିଁ । ଏଣିକି ଯାଆନ୍ତୁ ରାଜ ବାବୁ ।"

ରାତି ଆଉ ବହୁତ ଅଛି ରାଜବାବୁ । ଆଶ୍ଚର୍ଯ୍ୟ ହୋଇ ପଡୁଛନ୍ତି ? ଚିହ୍ନି ପାରୁଥିବେ ମୁଁ ତମର ସେହି ଚିର ପରିଚିତା ପଦ୍ମା ଯାର ସଙ୍ଗେ ପିଲାଦିନର ଖେଳ ଖେଳିଥିଲ । ମଧ୍ୟାହ୍ନ ଜୀବନର ଖେଳର ସାଥୀ ଘରେ ଥୋଇ ଆସିଛ; ତଥାପି ଆଜି ତମେ ଆସିଛ ତୃତୀୟ ଜୀବନରେ ପୁଣି ନୂଆ ଖେଳ ଖେଳିବାକୁ । କେବେ ଏ ଖେଳର ଶେଷ ହେବ ରାଜୁବାବୁ ? ବାପାଙ୍କ ମହାଜନୀ ଟଙ୍କାରେ ତମର ଏ ଖେଳ ସୁନ୍ଦର ନୁହେ । ବାପା ରାଗ ହେବେ; ଟଙ୍କା ଫେରାଇ ନିଅ । ଆଉ କେବେ ଟଙ୍କା ଦରକାର ହେଲେ ମୋ ପାଖରୁ ଆସି ନେଉଥିବ ।"

"ଏହି କି ତୋର ପରିଣତି ପଦ୍ମା ?"

"ଗରିବର ଯାହା ପରିଣତି ହୁଏ ସେଇଆ ହୋଇଛି, ବେଶୀ କିଛି ନୁହେ । ଯେତେବେଳେ ବାହାରକୁ ଦେଖି ନ ଥିଲି, 'ଅପାଲଙ୍କ ରାଜ୍ୟରେ ବିଜୁଳି ଲକ୍ଷେ ଟଙ୍କା' ଭଳି ତମକୁ ଭାବିଥିଲି । ତମଠାରୁ ଅଧିକ ସୁନ୍ଦର ଓ ବଡ଼ଲୋକ ଏ ପୃଥିବୀରେ ଥାନ୍ତି ବୋଲି ମୋର ଧାରଣା ନ ଥିଲା । ଦାସୀରୁପେ ତୁମର

ପଦତଳେ ରହିବାକୁ କେତେ ଆଶା କରିଥିଲି । ଗରିବ ବୋଲି ସେ ପଦତଳର ଯୋଗ୍ୟା ହେଲି ନାହିଁ । ଅସତ୍ ଚରିତ୍ରା କହି ଗୋଡ଼ରେ ଆଡ଼େଇ ଦେଲ, ମାତ୍ର କାହାଯୋଗୁଁ ଆଜ ଏ ଅବସ୍ଥା ମୋର ରାଜ ବାବୁ ? ତୁମର ଗୁପ୍ତ ପ୍ରଣୟର ଫଳରେ, ତୁମର ମୂଲ୍ୟହୀନ, ବେଯୁବକ କଥାରେ ଭୁଲି ଆଜ ଏ ମୋର ପରିଣତି । ତୁମେଇ ଲୁଗାର ଭାଙ୍ଗ ଫିଟେଇ ଫୋପାଡ଼ି ଦେଇଛ । ତମ କଥା କେବେ ଅନ୍ୟଥା କରି ନ ଥିଲି । ବିଶାଳ ସଂସାରରେ ମୋ ପାଇଁ ଯଥେଷ୍ଟ ସ୍ଥାନ ପଡ଼ିଛି ବୋଲି କହିଥିଲ, ତେଣୁ ଆଜ ମୁଁ ବାର-ନାରୀ ଓ ଆଜ ତମେ ବାରନାରୀର ଦ୍ୱାରସ୍ଥ ।

"ଶେଷକୁ ବେଶ୍ୟାବୃତ୍ତି କରି ବହୁତ ତ କହିପାରୁଛ, ପଦ୍ମା ?"

"ସଂସାରରେ ବେଶ୍ୟା କିଏ, ରାଜ ବାବୁ ? ରୂପର ଦୁନିଆ । ରୂପ ଥିଲେ, ଧନ ଜନ ସବୁ ପାଦତଳେ । ଆଖି ଖୋଲି ଚାହଁ ତମର ପୁରାଣର ଆଦର୍ଶ ଯୁଗକୁ । ଗୁରୁକୁଳରେ ବିଦ୍ୟାଶିକ୍ଷା କରୁ କରୁ ରୂପମୁଗ୍ଧା ଗୁରୁପତ୍ନୀଙ୍କ ପାଖରୁ ପ୍ରେମଶିକ୍ଷା କରିବା କି ସୁନ୍ଦର । ପାଣି ଆଣିବା ବାହାନାରେ ଦିନରାତି ଯମୁନାକୂଳରେ ବୁଲି ବୁଲି ବି ରାଧା ମହାସତୀ । ତାରା ମନ୍ଦୋଦରୀ ସ୍ୱାମୀଙ୍କ ମୃତ୍ୟୁ ପରେ ବୟସ ଓ ରୂପ ଥିବାରୁ ଅତୃପ୍ତପ୍ରାଣର ପୂର୍ତ୍ତି ପାଇଁ ଦ୍ୱିତୀୟ ପତି ଗ୍ରହଣ କଲେ, ହେଲେ ସତୀ । ଋଷିପତ୍ନୀ ଅହଲ୍ୟାଙ୍କ ରୂପ ଶଚୀଙ୍କ କୋଳରୁ ଦେବରାଜ ଇନ୍ଦ୍ରଙ୍କୁ ଟାଣି ଆଣିଥିଲା । ଅନୁପଯୁକ୍ତା କୈବର୍ତ୍ତୀର ଅନୁପମ ରୂପରେ ଋଷିଙ୍କର ଶତ ଶତ ବର୍ଷର ସାଧନା ହାରି ମାନିଥିଲା । ପଞ୍ଚପତିର ପତ୍ନୀ ହୋଇ, ପାଣ୍ଡବେ ଜାରଜାତକା ହୋଇ ମଧ୍ୟ ଦ୍ରୌପଦୀ ଓ କୁନ୍ତୀ ସତୀ । ତେବେ ଅସତୀ କିଏ ? ବେଶ୍ୟା କିଏ ? ସ୍ୱାମୀ ସ୍ତ୍ରୀ ଯାହା, ନର ନାରୀ ତାହା । ନର ପାଇଁ ନାରୀ ଓ ନାରୀ ପାଇଁ ନରର ସୃଷ୍ଟି ।

ସ୍ବାମୀ ସ୍ତ୍ରୀ ହୋଇ କେହି ଜନ୍ମ ହୋଇ ନଥାନ୍ତି । ପଦ୍ମା ଥିଲା ଅସତୀ, ଏବେ ହେଲା ବେଶ୍ୟା । କିନ୍ତୁ ନିର୍ମଳା, ଯାହାଠାରେ ଆଜି ସମସ୍ତ ସ୍ନେହ ଢାଳି ଦେଇଛ, ଯାହାକୁ ଗୋଟାକଯାକ ସତୀ ବୋଲି ମୁଣ୍ଡରେ ଧରିବୁଲୁଛ, ସେ କିଏ ଜାଣ ? ତାକୁ କେବେ ପଚାରିବାକୁ ସାହସ ହୁଏ ନାହିଁ ପରା ? କାରଣ ଏହା ଭିତରେ ସେ ତମର ପିଲା ଦିନଠାରୁ ଆଜି ପର୍ଯ୍ୟନ୍ତ ଇତିହାସ ଗୋଟି ଗୋଟି କରି ଜାଣି ସାରିଛି । ତମେ ଯେ ଆଜି ଏଠାକୁ ଆସିଛ, ଗଲେ ଶୁଣିବ, ସେ ମଧ୍ୟ ତାହା ଜାଣି ସାରିଛି । ତମେ ପଦେ କହିଲେ ସେ ଦୁଇପଦ କହି ପାରିବ । ତା ପାଖରେ ମଧ୍ୟ ଧନର ଗର୍ବ କରି ପାରିବ ନାହିଁ ।” ଏହା କହି ଏକ ସୁଟକେଶ ଖୋଲି ଗୋଛାଏ ଚିଠି ରାଜ ବାବୁଙ୍କୁ ପଢ଼ିବାକୁ ଦେଲା ।

ସେତକ ପଢ଼ିଥା, ରାଜବାବୁ । ଯେତକ ବେଶୀ ପଢ଼ିବ, ସେତକ ମୁଣ୍ଡ ଘୂରିବାକୁ ଲାଗିବ । ଏ ସବୁ କାହାର ଅକ୍ଷର ଚିହ୍ନି ପାରୁଛ ? ଚିହ୍ନି ନ ପାରୁଥିଲେ କହିଦିଏ; ସେ ସବୁ ବିଜନର । ବିଜନ ତମରି ଘର ପାଖ ଗାଁର । ଗରିବ ମୂଲିଆ ଘରର ପୁଅ । ମୋରି ପରି କେତେ ଲାଞ୍ଛିତ, ଅପମାନିତ ହୋଇଛି । କିନ୍ତୁ ଆଜି ସେ ଧନୀ । ସେ କିପରି ଧନୀ ହେଲା, କେହି ତାହା ଦେଖିବାକୁ ଯାଉନାହାନ୍ତି । ବଡ଼ ବଡ ଲୋକଙ୍କ ସଙ୍ଗେ ସେ ଆଜି ସାଙ୍ଗ । ଏବେ ଅନେକ ସମୟ ସେ ତମ ଘରକୁ ଯାଏ, ନିଶ୍ଚୟ ଦେଖି-ଥିବ । ଏ ଭୁଲ କାହାର କହି ପାରିବ ? ନିର୍ମଳାର ନୁହେଁ, ତମର ।

ଆମେ ପ୍ରକୃତିର ସନ୍ତତି । ତମେ ସମାଜର ସନ୍ତାନ । ଆମେ ମୁକ୍ତ ଆକାଶର ପକ୍ଷୀ, ତମେ ବନ୍ଦ ପିଞ୍ଜରାର ବିହଙ୍ଗ । ଆମର ମନ ସ୍ବଚ୍ଛ, ଶୁଦ୍ଧ, ମୁକ୍ତ, ତମର ମନ ପଙ୍କିଳ । ଦିନରାତି ପିଞ୍ଜରା ଛାଡ଼ି ବାହାରେ ଉଡ଼ିବାକୁ । କେତେଦିନ ନାରୀ ସଙ୍ଗେ

ଲୁଚକାଳି ଖେଳ ଖେଳି ଏହିପରି ସଚ୍ଚା ସାଧୁ ପାଲଟିଥିବ ରାଜୁବାବୁ ? ଆଜି ଆକୁଳ ହୋଇ ଯେଉଁ ଯୁବତୀଟିର ଯୌବନ ଲୁଟି କରିବାକୁ ଯାଉଥିଲ ସେ କିଏ ଜାଣ ? ମନରେ କଷ୍ଟ କରିବ ନାହିଁ । ମୁଁ ପାଞ୍ଚମାସ ଗର୍ଭାବସ୍ଥାରେ ଥିବାବେଳେ ତମେ ମୋତେ ଛାଡ଼ିଦେଲ । ଏତେ କଷ୍ଟ ସହି ତମରି ଫଳ ତମରି ଭୋଗ ପାଇଁ ସାଇତି ରଖିଥିଲି । ଜୀବନରେ କେତେ ବଡ଼ ପ୍ରତିଜ୍ଞା କରିଥିଲି, ମାତ୍ର ଆଖି ଆଗରେ ତମରି ଏ ଦୁର୍ଦ୍ଦଶା ଦେଖି ମନରେ ଦୟା ହେଲା, ପ୍ରତିହିଂସାର ଦମ୍ଭ ଭାଙ୍ଗିଗଲା ।

ଆମେ ବୈଷ୍ଣବ ଜାତି । ପଶୁ ପକ୍ଷୀଙ୍କପରି ସ୍ୱାଧୀନ ଭାବରେ ଅବାରିତ ଗତିରେ ବୁଲୁଛୁଁ, ମାତ୍ର ତମେ କେଉଁଠି ? ଆଜି ଯେପରି ଧନ ଗର୍ବରେ ନିଜ କନ୍ୟାକୁ ଚିହ୍ନିପାରୁ ନଥିଲ, ଯେ କନ୍ୟାର ସତ୍ତା ମୋ ଗର୍ଭରେ ରଖିଦେଇଥିଲ ତାକୁ ପ୍ରେମରେ ଅନ୍ଧ ହୋଇ ସଂସାରର ଚକ୍ଷୁର ଅନ୍ତରାଳରେ ନିଜେ ଗ୍ରହଣ କରିବାକୁ ଯାଇଥିଲ, ସେହିପରି ଆଜି ଯାହା ଲିଲି ପାଖରେ ରଖି ଦେଇ ଯାଇଥାନ୍ତି, ଯଦି ଭାଗ୍ୟବଳେ ତାର କୋଳରେ କନ୍ୟାରତ୍ନ ଖେଳିଥାନ୍ତା, ତମରି ପୁଅ, ତମରି ଭାଇ ସେଠାରେ ଆତିଥ୍ୟ ଗ୍ରହଣ କରିବାକୁ ତିଳେ ହେଲେ କୁଣ୍ଠାବୋଧ କରନ୍ତେ ନାହିଁ । ଯଦି କିଏ ପ୍ରମାଣ ନେବାକୁ ଯାଏ ଦେଖିବ ଆମେ ସମସ୍ତେ ତମରି ଭଉଣୀ କିମ୍ବା କନ୍ୟା କିମ୍ବା ଉପେକ୍ଷିତା ଅନୁପଯୁକ୍ତା ଘରଣୀ, କିମ୍ବା ବନସ୍ଥଯୂ ତଳର ଅର୍ଦ୍ଧ-ଭୁକ୍ତା—ଅର୍ଦ୍ଧ-ତ୍ୟକ୍ତା ଲଳନା । ତେବେ ତମେ ଶିକ୍ଷିତ, ସଭ୍ୟ, ସମାଜ ଚକ୍ଷୁରେ ନିରୀହ ସୁନାପୁଅ ସବୁ, କାହିଁ ତମରି ଏଇ କନ୍ୟା ଭଉଣୀମାନଙ୍କ ପାଖରେ ଆସି ବସା ଉଠା କରିବାକୁ ଥରେ ହେଲେ ତ ମନରେ ଦକା ଆସେ ନାହିଁ । ରୂପର ମୋହରେ ପୁଅ ଝିଅ ଭାଇ ଭଉଣୀର ପ୍ରଭେଦ ଭୁଲି ଯାଅ ।”

"ପଦ୍ମା ! ସେତିକି ଥାଉ । ମୋତେ ବାହାରକୁ ଥରେ ଯିବାକୁ ଦିଅ ।"

"ରାଜୁବାବୁ ! ଆଜି ତମ ଉପରେ ମୋର ଅଧିକାର ନାହିଁ । ତମେ ଯାଇପାର, ମାତ୍ର ଯିବ କେଉଁଠିକି ? ସଂସାରର ବାହାର ଓ ଭିତର ସବୁ ସମାନ; ସବୁଠି ଲାଗିଛି ଏକାରକମର ଖେଳ । ରୂପର ଦୁନିଆ; ରୂପ ଯେଉଁଠି ରୂପର ଅନ୍ତଥି ସେଇଠି ।

ହଉ, ଏବେ ଯାନ୍ତୁ । ଦାଣ୍ଡପଟେ ମଟର କା'ର ଅପେକ୍ଷାରେ ଥୁଆ ହୋଇଛି ।

ପଦ୍ମାର ମୁହଁକୁ ଥରେ ଚାହିଁ ରାଜୁବାବୁ ଦୁଆରୁ ପାଦ କାଢ଼ିଲେ……